


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୩୦ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 30 JULY 2020

Vol.No. 30 ■ No. 191 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,





Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman


# ଭାରତରେ ପହଂଚିଲା ରାଫେଲ



ନୂଆଦିଲ୍ଲୀ,୨୯।୭ (ନି.ପ୍ର): ଦୀର୍ଘ ଦିନର ଅପେକ୍ଷା ପରେ ବୁଧବାର ଅପରାହ୍ନରେ ପାଂଚଟି ରାଫେଲ ବିମାନ ଅମ୍ବାଲା ଏୟାରବେସରେ ପହଂଚିଛି । ଏହି ଯୁଦ୍ଧ ବିମାନଗୁଡ଼ିକ ୟୁଏଇରୁ ସକାଳ ୧୧ ଟାରେ ଉଡ଼ାଣ ଆରମ୍ଭ କରିଥିଲା । ଅପରାହ୍ନ ୦୧.୨୯ ରେ ଭାରତୀୟ ବାୟୁ କ୍ଷେତ୍ରରେ ପ୍ରବେଶ କରିବା ପରେ ବାୟୁସେନାର ଦୁଇଟି ସୁଖୋଇ -୩୦ ଏମକେଆଇ ବିମାନ ରାଫେଲଗୁଡ଼ିକୁ ଏସ୍କଟ୍ କରି ଅମ୍ବାଲା ଏୟାରବେସକୁ ଆଣିଥିଲା । ଅପରାହ୍ନ ପ୍ରାୟ ୩ ଟା୯ ମିନିଟରେ ଅମ୍ବାଲା ଏୟାରବେସରେ ସୁରକ୍ଷିତ ଅବତରଣ କରିବା ପରେ ରାଫେଲ ବିମାନଗୁଡ଼ିକୁ ' ୱାଟର ସାଲ୍ୟୁଟ' ପ୍ରଦାନ କରାଯାଇଥିଲା । ରାଫେଲ ଗୁଡିକ ଭାରତରେ ପହଂଚିବା ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଟୁଇଟ୍ କରି ବାୟୁସେନାକୁ ଅଭିନନ୍ଦନ ଜଣାଇଛନ୍ତି । ରାଜନାଥ ସିଂ କହିଛନ୍ତି ଯେ ଭାରତକୁ ରାଫେଲ ମିଳିବା ବାୟୁସେନା ଇତିହାସରେ ଏକ ବୈପ୍ଳବିକ ପରିବର୍ତନ ହେବ ଏବଂ ଶତ୍ରୁ ନଜର ପକାଇବା ପୂର୍ବରୁ ଅନେକ ଥର ଭାବିବେ । ତେବେ ଏହି ରାଫେଲ ବିମାନକୁ ବାୟୁସେନାରେ ଆନୁଷ୍ଠାନିକ ଭାବେ ଅନ୍ତର୍ଭୁକ୍ତ କରାଯାଇ ନାହିଁ, ଏହା ଇଣ୍ଡେକ୍ସନ୍ ପାଇଁ ଏକ ସମ୍ପୂର୍ଣ୍ଣ ସମାରୋହ ହେବ । ଏହି ବିମାନଟି ସଂଯୁକ୍ତ ଆରବ ଏମିରେଟ୍ସର ଆବୁଧାବି ନିକଟ ଅଲ ଧାଫ୍ରା ଠାରେ ଥିବା ଫ୍ରାନ୍ସର ଏୟାରବେସରେ ସୋମବାର ରାତିରେ ଫ୍ରାନ୍ସର ବୋର୍ଡୋ ସହରରୁ ମେରିନାକ ଏୟାରବେସକୁ ଉଡ଼ିବାର ସାତ ଘଂଟା ପରେ ଅବତରଣ କରିଛି ।

## ପ୍ଲାଜମା ଦାନ କଲେ ରାଜ୍ୟର ପ୍ରଥମ ମହିଳା



ଭୁବନେଶ୍ୱର,୨୯।୭ (ନି.ପ୍ର): କରୋନାରେ ଆକ୍ରାନ୍ତ ଗୁରୁତର ରୋଗୀଙ୍କ ପାଇଁ ପ୍ଲାଜମା ଥେରାପି କାର୍ଯ୍ୟକାରୀ ପ୍ରମାଣିତ ହୋଇଥିବା ବେଳେ ପ୍ଲାଜମା ଦାନ କରିଛନ୍ତି ରାଜ୍ୟର ପ୍ରଥମ ମହିଳା । ରାଜ୍ୟର ପ୍ରଥମ ମହିଳା ଭାବେ ଏସ୍‌ସିବି ମେଡିକାଲର ଜଣେ ଛାତ୍ରୀ ପ୍ଲାଜମା ଦାନ କରିଛନ୍ତି । ମହାମାରୀ କରୋନାରୁ ଆରୋଗ୍ୟ ହେବା ପରେ ସେ ଆଜି ପ୍ଲାଜମା ଦାନ କରିଛନ୍ତି ।ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଟ୍ୱିଟ୍ କରି ତାଙ୍କୁ ଶୁଭେଚ୍ଛା ଜଣାଇଛି । କଟକ ଏସସିବି ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ପ୍ଲାଜମା ବ୍ୟାଙ୍କ୍ ର ଶୁଭାରମ୍ଭ ହୋଇଛି । କଟକ ଏସ୍‌ସିବି ମେଡିକାଲକୁ ପ୍ଲାଜମା ନୋଡାଲ ସେଂଟର ଭାବେ ଚୟନ କରାଯାଇଛି । ଏସସିବିରେ ୧୮ ଜଣଙ୍କ ଠାରୁ ୩୬ ୟୁନିଟ୍ ପ୍ଲାଜମା ସଂଗୃହିତ ହୋଇଛି ବୋଲି ଏସ୍‌ସିବି ଜରୁରୀକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ଗତ ଜୁଲାଇ ୨୭ରେ ସୂଚନା ଦେଇଥିଲେ ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୯।୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୨୪୫ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୯୭୪୬ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୨୯୦, ବାଲେଶ୍ୱର ଜିଲ୍ଲାରେ ୯୧୪, ବରଗଡ ଜିଲ୍ଲାରେ ୩୯୦, ଭଦ୍ରକ ଜିଲ୍ଲାରେ ୫୫୨ ଜଣ ▶▶ପୃଷ୍ଠା ୭

## ହରିଦାସପୁର-ପାରାଦୀପ ରେଳପଥରେ ତୁରନ୍ତ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ରେଳମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ପତ୍ର



ନୂଆଦିଲ୍ଲୀ/ ଭୁବନେଶ୍ୱର,୨୯।୭ (ନି.ପ୍ର): ବହୁ ପ୍ରତିକ୍ଷୀତ ହରିଦାସପୁର-ପାରାଦୀପ ୮୨ କିମି ରେଳପଥ ସଂପୂର୍ଣ୍ଣ ହେବା ସ୍ଥିତି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭବ୍ୟ ଉପସ୍ଥିତିରେ ଏହି ପ୍ରକଳ୍ପର ଉଦଘାଟନ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହା ସହ ଏହି ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ତୁରନ୍ତ ଆରମ୍ଭ କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀଙ୍କ ବ୍ୟକ୍ତିଗତ ଆଗ୍ରହର ସହ ନେଇ ଏହାର କାମ କରିବାକୁ ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ । ଏହି ଯାତ୍ରୀବାହୀ ଟ୍ରେନ୍ ଚାଲିବା ସହ କେନ୍ଦ୍ରାପଡ଼ା ଜିଲ୍ଲାରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ସର୍ବ ପ୍ରଥମ ଥର ହେବ । କେନ୍ଦ୍ରାପଡ଼ାରେ ରେଳ ଚଳାଚଳ ପାଇଁ ଏହି ଜିଲ୍ଲା ବାସୀଙ୍କର ଦୀର୍ଘ ବର୍ଷର ସ୍ୱପ୍ନ ରହିଛି । କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କର ଏହି ସ୍ୱପ୍ନ ପୂରଣ ପାଇଁ ରେଳମନ୍ତ୍ରୀ ତ୍ୱରିତ ପଦକ୍ଷେପ ନେବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି । ଶ୍ରୀ ପ୍ରଧାନ ▶▶ପୃଷ୍ଠା ୭

## ମାଟ୍ରିକ ଫଳାଫଳ ପ୍ରକାଶିତ: ପାସ ହାର୍ ୭୮.୭୬ ପ୍ରତିଶତ

### ପୁଅଙ୍କ ତୁଳନାରେ ଝିଅଙ୍କୁ ମିଳିଲା ଅଧିକ ସଫଳତା



ଭୁବନେଶ୍ୱର,୨୯।୭ (ନି.ପ୍ର): ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କଟକ ବୋର୍ଡ କାର୍ଯ୍ୟାଳୟ ଠାରେ ଭିଡିଓ କନଫ୍ରେନ୍ସିଂ ଜରିଆରେ ଫଳାଫଳ ଘୋଷଣା କରିଛନ୍ତି । ୨୦୧୯-୨୦ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ମୋଟ ୭୮.୭୬ ପ୍ରତିଶତ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି ।

ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଏଥର ପୁଅଙ୍କ ତୁଳନାରେ ଝିଅମାନେ ଅଧିକ ସଫଳତା ଅର୍ଜନ କରିଛନ୍ତି । ଏଥିରୁ ଝିଅମାନଙ୍କର ପାସ ହାର ୮୧.୯୮ ପ୍ରତିଶତ ହୋଇଥିବା ବେଳେ ପୁଅ ମାନଙ୍କର ପାସ ହାର ୭୭.୮ ପ୍ରତିଶତ । ଚଳିତ ବର୍ଷ ମୋଟ ୫ ଲକ୍ଷ ୩୪ ହଜାର ୮୪୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୪ ଲକ୍ଷ ୨୧ ହଜାର ୨୫୬ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି । ଏଥିରେ ଏ୧ ଗ୍ରେଡରେ ▶▶ପୃଷ୍ଠା ୭


## ଗତ ୨୪ ଘଂଟାରେ ୭୬୮ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୯।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୭୭୦୪ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୧୫,୩୧,୦୦୦ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୭୬୮ ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୫୦୯୪୪୭ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତମାନ ସୁଦ୍ଧା ୩୪୧୯୩ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୯୮୮୦୩୦ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## ୨୬ ଜିଲ୍ଲାରୁ ସୁସ୍ଥ ହେଲେ ୮୭୮ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୯।୭ (ନି.ପ୍ର): ରାଜ୍ୟର ୨୬ ଜିଲ୍ଲାରୁ ୮୭୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏଥିସହ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା୧୮,୯୩୮ କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ଗଂଜାମ ଜିଲ୍ଲାରୁ ସର୍ବାଧିକ ୩୯୬ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଖୋର୍ଦ୍ଧାରୁ ୧୧୪ ଜଣ, ଗଜପତିରୁ ୪୯, ଜଗତସିଂହପୁରରୁ ୪୪ , କୋରାପୁଟରୁ ୩୫, ବାଲେଶ୍ୱରରୁ ୩୩ , କନ୍ଧମାଳରୁ ୨୯, ଅନୁଗୁଳରୁ ୨୬, କେନ୍ଦୁଝରରୁ ୨୩, ନୟାଗଡରୁ ୧୬, କଟକରୁ ୧୪, ସୁନ୍ଦରଗଡରୁ ୧୪, ଭଦ୍ରକରୁ ୧୩, ମାଲକାନଗିରିରୁ ୧୧ , ଯାଜପୁରରୁ ୧୦, କେନ୍ଦ୍ରାପଡାରୁ ୮ , ବରଗଡ, ବୌଦ୍ଧ ଓ ଢେଙ୍କାନାଳରୁ ୭ ଜଣ ଲେଖାଏଁ , ଝାରସୁଗୁଡାରୁ ୫ , ବଲାଙ୍ଗୀର ଓ ପୁରୀରୁ ୪ ଜଣ ଲେଖାଏଁ , ନୂଆପଡା ଓ ରାୟଗଡାରୁ ୩ ଜଣ ଲେଖାଏଁ , ମୟୁରଭଂଜରୁ ୨ ଜଣ ଓ ସମ୍ବଲପୁରରୁ ଜଣେ ରୋଗୀ ସୁସ୍ଥ ହୋଇଛନ୍ତି ।

## ବିଧାୟକମାନେ ନିଜର ଯତ୍ନ ନେବା ସହ ଲୋକଙ୍କୁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର,୨୯।୭ (ନି.ପ୍ର): ବିଧାନସଭାର ବିଧାୟକ ମାନେ ବ୍ୟକ୍ତିଗତଭାବେ ନିଜର ଯତ୍ନ ନିଅନ୍ତୁ । ଏହା ସହିତ ସେମାନଙ୍କ ଅଂଚଳରେ ଏହି ପରିସ୍ଥିତିରେ ବିଧାୟକମାନେ ପ୍ରେରଣାଦାୟୀ ନେତୃତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେଇଛନ୍ତି । ବିଧାୟକମାନେ ସେମାନଙ୍କ ଅଂଚଳରେ କୋଭିଡ ଯୋଦ୍ଧା ମାନଙ୍କର ଯତ୍ନ ନେବା ସହିତ ପ୍ଲାଜମା ଦାନକୁ ଉତ୍ସାହିତ କରିବା ଏବଂ ସାମାଜିକ ଦୂରତା, ମାସ୍କ ବ୍ୟବହାର ଓ ହାତ ଧୋଇବା ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଦିଗରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କୋଭିଡରେ ସଂକ୍ରମିତ ହୋଇଥିବା ୩ ଜଣ ବିଧାୟକ ଆରୋଗ୍ୟ ଲାଭ କରିଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦବ୍ୟକ୍ତ କରିଥିଲେ । କୋଭିଡ-୧୯ ସଂପର୍କରେ ବିଧାୟକମାନଙ୍କ ଏକ ସଚେତନତା କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ ଯେ ଲୋକଙ୍କ ଜୀବନ ରକ୍ଷା ହେଉଛି ଆମର ପ୍ରାଥମିକତା । ତେଣୁ ଲୋକଙ୍କ ଜୀବନ ରକ୍ଷାରେ ସମ୍ବଳ କେବେ ବି ବାଧକ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଦୃଢତାର ସହ ଘୋଷଣା କରିଛନ୍ତି ।ଏହି ମହାମାରୀ ବିରୁଦ୍ଧରେ ଲଢେଇରେ ସମ୍ବଳର କେବେ ବି ଅଭାବ ରହିବ ନାହିଁ। କୋଭିଡ ଯୋଦ୍ଧା ମାନଙ୍କର ନିଷ୍ଠା ଓ ତ୍ୟାଗର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ କୋଭିଡ ଯୋଦ୍ଧା ଭାବରେ କାମ କରୁଥିବା ଓଡିଆ ଭାଇଭଉଣୀ ମାନେ ଦରମା ପାଇଁ ନୁହେଁ, ଏହି ଲଢେଇକୁ ଏକ ମିଶନ ଭାବରେ ଗ୍ରହଣ କରି ଲୋକଙ୍କ ଜୀବନ ରକ୍ଷା ପାଇଁ ଦିନରାତି ସେବା ଯୋଗାଇ ଚାଲିଛନ୍ତି । ସେମାନଙ୍କ ତ୍ୟାଗ ଓ ନିଷ୍ଠା ▶▶ପୃଷ୍ଠା ୭

## କରୋନା ସଂକ୍ରମଣ ପାଇଁ ଜେଲ୍‌ରୁ ମୁକୁଳିଲେ ୧୬ ,୭୮୯ କଏଦୀ

ଭୁବନେଶ୍ୱର,୨୯।୭ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟରେ ଥିବା ଜେଲମାନଙ୍କରୁ ୧୬ ହଜାର ୭୮୯ କଏଦୀଙ୍କୁ ମୁକୁଳା ଯାଇଛି । ଯେଉଁଥିରେ ବିଚାରାଧୀନ କଏଦୀ ୧୬ ହଜାର ୬୩୯ ଜଣ ଏବଂ ୧୫୦ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା କଏଦୀ ଅଛନ୍ତି । ୫ ଟି ସର୍କଲରୁ ଏହି କଏଦୀମାନେ ମୁକ୍ତ ହୋଇଛନ୍ତି । ସେହିପରି ୧୨୦୨ ଜଣ କଏଦୀଙ୍କୁ କ୍ଷମତାଠାରୁ ଅଧିକ କଏଦୀ ଥିବା ଜେଲ୍ ରୁ କମ୍ କଏଦୀ ଥିବା ଜେଲ୍ କୁ ସ୍ଥାନାନ୍ତର କରାଯାଇଛି । ମାର୍ଚ୍ଚ ୨୦ରୁ ଜୁଲାଇ ୨୮ତାରିଖ ପର୍ଯ୍ୟନ୍ତ ୧୬ ହଜାର ୭୮୯ କଏଦୀଙ୍କୁ ମୁକ୍ତ କରାଯାଇଥିବା ନେଇ ଜେଲ ବିଭାଗ ପକ୍ଷରୁ ଏକ ପ୍ରେସ ନୋଟ୍ ଜାରି କରାଯାଇଛି । ଏଥିରେ କୁହାଯାଇଛି , ସର୍ବୋଚ୍ଚ ନ୍ୟାୟଳୟର ନିର୍ଦ୍ଦେଶ କ୍ରମେ ଏକ ▶▶ପୃଷ୍ଠା ୭

## କୋଭିଡ୍ କଟକଣା ସହ ପାଳନ ହେବ ସ୍ୱାଧୀନତା ଦିବସ

ଭୁବନେଶ୍ୱର,୨୯।୭ (ନି.ପ୍ର): କୋଭିଡ୍-୧୯ କଟକଣା ଅନୁପାଳନ ସହ ଚଳିତ ବର୍ଷ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହେବ । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ ଲୋକସେବା ଭବନ ସଭାଗୃହଠାରେ ଅନୁଷ୍ଠିତ ଜାତୀୟ ଦିବସ ପାଳନ କମିଟି ବୈଠକରେ ଏହି ନିଷ୍ପତି ହୋଇଛି । ସ୍ୱାଧୀନତା ଦିବସ ଏକ ଗୌରବମୟ ଜାତୀୟ ଦିବସ ହୋଇଥିବାରୁ ଏହି କଟକଣା ମଧ୍ୟରେ ଏହାର ପାଳନ ପାଇଁ ବୈଠକରେ ସ୍ଥିର ହୋଇଥିଲା । ପ୍ରସ୍ତୁତି ଓ ପାଳନ ସମୟରେ ଯଥା ସମ୍ଭବ ସାମାଜିକ ଦୂରତା ଓ ସ୍ୱଚ୍ଛତାର ନିୟମ ଅନୁପାଳନ ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ଭୁବନେଶ୍ୱର ୩ ନମ୍ବର ସ୍ଥିତ ପ୍ରଦର୍ଶନୀ ପଡିଆରେ ସ୍ୱାଧୀନତା ଦିବସ ପାଳନ କରାଯିବ । କରୋନା କଟକଣା ଦୃଷ୍ଟିରୁ ପୂର୍ବବର୍ଷମାନଙ୍କ ପରି ପ୍ୟାରେଡ୍ ପ୍ରଦର୍ଶନୀ ଅନୁଷ୍ଠିତ ହେବନାହିଁ । ପୋଲିସ୍ ବ୍ୟାଣ୍ଡ ପାର୍ଟି ଜାତୀୟ ସଂଗୀତ ପରିବେଷଣ କରିବେ । ବ୍ୟାଣ୍ଡ ପାର୍ଟି ସହ ୩ ଟି ପୋଲିସ୍ ବାହିନୀର ଟ୍ରୁପ୍ ମାନେ ଜାତୀୟ ପତାକା ଏବଂ ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇବେ । କୋଭିଡ୍ ଯୋଦ୍ଧାମାନଙ୍କ ସହ ସୀମିତ ସଂଖ୍ୟକ ଲୋକଙ୍କୁ ସାମିଲ କରି ଏହି ଦିବସ ପାଳନ କରାଯିବ । ଦିବସ ପାଳନର ଲାଇଭ୍ ଚିତ୍ର କମନଫିଡ୍ ମାଧ୍ୟମରେ ସମସ୍ତ ଗଣମାଧ୍ୟମଙ୍କୁ ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୫ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୫୯ ହେଲା



ଭୁବନେଶ୍ୱର,୨୯।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୫୯ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ବାଲେଶ୍ୱର, ପୁରୀ, ଗଂଜାମ,ଫୁଲବାଣୀ ଓ ମାଲକାନଗିରି ଜିଲ୍ଲାର ଜଣେ ଜଣେ ଅଛନ୍ତି । ମୃତକ ମାନଙ୍କ ମଧ୍ୟରେ ତିନି ଜଣ ମହିଳା ଅଛନ୍ତି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ୩୬ ବର୍ଷୀୟ କରୋନା ସଂକ୍ରମିତ ▶▶ପୃଷ୍ଠା ୭

# ବେଆଇନ ବାଲି ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ: ଆଗାମି ଦିନରେ ରାସ୍ତାରୋକ୍ ଚେତାବନୀ

କୋରେଇ,୨୯।୭ (ନି.ପ୍ର): ଯାଜପୁର ଜିଲ୍ଲା କୋରେଇ ବ୍ଲକ ମୁକୁନ୍ଦପୁର ଗ୍ରାମପଚାଂୟତରେ ଚାଲିଥିବା ବେଆଇନ ବାଲି ଚାଲାଙ୍କୁ ବିରୋଧ କରି ଆଜି ମୁକୁନ୍ଦପୁର ଗ୍ରାମରେ କିଛି ଗ୍ରାମବାସୀ ବାଲି ଖାନକୁ ବାଲି ଲୋଡ ପାଇଁ ଯାଇଥିବା ଟ୍ରକ୍ ଗୁଡିକୁ ଅଟକାଇବା ସହ ଗ୍ରାମବାସୀଙ୍କ ପକ୍ଷରୁ ଗଣମାଧମକୁ ସୂଚନା ଦିଆଯାଇଛି । ଘଟଣାସ୍ଥଳରେ ଚାପା ଉତେଜନା ଦେଖା ଯାଇଥିଲେହେଁ କୋରେଇ ପୁଲିସ ଘଟଣାସ୍ଥଳରେ ନପହଂଚିବାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି । ବ୍ୟାସନଗର ତହସିଲଦାର ଗତ ୨୬।୨୦୨୦ ରିଖରେ ପତ୍ର ସଂଖ୍ୟା ୨୫୫୪, ୨୫୫୬ ଓ୨୫୫୫ ରିଖରେ ଦେବେନ୍ଦ୍ର ଘଡାଇ, ସାଆଁଳ , ମିତମ୍ବିନୀ ମିଶ୍ର ମୁକୁନ୍ଦପୁର ଓ ବାସୁଦେବ ପରିଡାଙ୍କୁ ନୋଟସ୍ କରି ମୁକୁନ୍ଦପୁର ସମେତ ସମସ୍ତ ବେଆଇନ ବାଲି ଘାଟକୁ ବନ୍ଦ କରି ଦେଇଥିବା ବେଳେ ଆଜି ଠାରୁ ଲିଜଧାରୀ ମାନେ ଯୋର ଜବରଦସ୍ତ ବାଲି ଉଠାଇବା ଦେଖି ଗ୍ରାମର କେତେକ ଲୋକେ ଏହାର ପ୍ରତିବାଦ କରିଥିଲେ । ସରକାରୀ ନିୟମ ଅନୁଯାଇ ବାଲି ଉତୋଳନ କରିବାକୁ ଅଡି ବସି ରୋଡ ମ୍ୟାପ ଅନୁଯାଇ ଗାଡି ଚଳାଇବାକୁ ଦାବି କରିଥିଲେ । ଏପରିକି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ରାସ୍ତାରୋକ କରିବା ପାଇଁ ଆନ୍ଦୋଳନକାରୀ ମାନେ ପ୍ରକାଶ କରିଛନ୍ତି । ସରକାରୀ ନିର୍ଦ୍ଦେଶକୁ ଅବଜ୍ଞା କରି ତଳିଆ କର୍ମଚାରୀଙ୍କୁ ହାତ ଗୁଞ୍ଜା ଦେଇ ଏପରି ବେନିୟମ କାର୍ଯ୍ୟ କରୁଥିବା ନେଇ ଗ୍ରାମବାସୀ ମାନେ ଜିଲ୍ଲାପାଳ, ତହସିଲଦାର ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ପତ୍ର ମାଧମରେ ଅଭିଯୋଗ କରିବା ସହ ଗଣମାଧମ ନିକଟରେ ପ୍ରଶାସନକୁ ପ୍ରେରଣ କରିଥିବା ପତ୍ରର ନକଲ ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ, ମୁକୁନ୍ଦପୁର ବୈତରଣୀ ବାଲି ଘାଟ ଖାତା ନଂ ୧୦୩୧ ପ୍ଲଟ୍ ନଂ-୧୫ରୁ ବାଲି ଲୋଡ୍ କରିବାକୁ ସରକାରଙ୍କ ନିକଟରେ ଲିଜଧାରୀ ମିତମ୍ବିନୀ ମିଶ୍ର ଚୁକ୍ତି କରିଥିବାବେଳେ ଖାତା ନଂ ୧୦୩୧ ପ୍ଲଟ୍ ନଂ-୧୪ରୁ ବେଆଇନ୍ ଭାବେ ମେସିନ ସାହାଯ୍ୟରେ ବାଲି ଉତୋଳନ କରାଯାଇଛି । ପ୍ରଶାସନ ମାନୁଆଲ ବାଲି ଉତୋଳନ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଥିବା ବେଳେ ବେଆଇନ ଭାବେ ବାଲି ଉତୋଳନ କରି ସରକାରଙ୍କ ଆର ଫର୍ମ ନଦେଇ ସରକାରଙ୍କ ରାଜସ୍ୱ ହରିଲୁଟ କରିବା ଦେଖାଯାଇଛି । ବ୍ୟାସନଗର ତହସିଲଦାର ଲିଜ୍ ଧାରୀ ମାନଙ୍କୁ ପ୍ରତି ଟ୍ରକରେ ୬ ଘନମିଟର ବାଲି ପରିବହନ କରିବା ସହ ବର୍ଷକୁ ୧୦୦୦ ସିଏମ ବାଲି ଉଠାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ଦିନକୁ ମେସିନ ସାହାଯ୍ୟରେ ବେନିୟମ ଭାବେ ହଜାର ହଜାର ସିଏମ ବାଲି ଚୋରା ଚାଲଣ ହେଉଥିବା ଦେଖିବାକୁ ମିଳିଛି । ସୂର୍ଯ୍ୟାସ୍ତ ପରେ ଓ ସୂଯ୍ୟ ଉଦୟ ପୂର୍ବରୁ ବାଲି ପରିବହନ ହୋଇପାରିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ନିୟମ କରିଥିବା ବେଳେ ବାଲି ବେପାରୀ ମାନେ ୨୪ ଘଂଟା ଗାଡି ଚଳାଚଳ କରାଇ ଉକ୍ତ ନିୟମକୁ ଖୋଲା ଖୋଲି ଉଲ୍ଲଙ୍ଘନ କରିବା ଦେଖିବାକୁ ମିଳିଛି । ବାଲି ପରିବହନ ହେବା ଫଳରେ ରାସ୍ତା ଘାଟଗୁଡିକ ନଷ୍ଟ ନହେବା ପାଇଁ ବା ରାସ୍ତା ତିଆରି କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଚୁକ୍ତି କରିଥିଲେହେଁ ରାସ୍ତା ଘାଟ ଗୁଡିକୁ ଖାଲଖମା କରି ଯାତାୟତ କରୁଥିବା ଲୋକ ମାନଙ୍କର ଧନ ଜୀବନ ହାନି କରୁଥିବା ପୁଲିସ ରେକର୍ଡରୁ ଜଣାପଡିଛି । ପ୍ରଶାସନିକ ଅଧିକାରୀ ମାନେ ଜାଣଶୁଣି ବାଲି ଲିଜ୍ ଧାରୀ ମାନଙ୍କୁ ବେଆଇନ୍ ସାହଯ୍ୟ କରି ଦୈନନ୍ଦିନ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି କରିବା ସରକାରଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ସ୍ଥାନୀୟ ପୁଲିସ ପକ୍ଷରୁ ବୈତରଣୀ ରୋଡ ସମେତ ସଠିପୁର ବଜାରରେ ଟ୍ରାଫିକ୍ ସମସ୍ୟା ପାଇଁ ବାଲି ଗାଡି ଗୁଡିକୁ ସନ୍ଧ୍ୟା ୫ଟା ପରେ ନୋଏଂଟ୍ରି ନିୟମ କରିଥିବାବେଳେ ତାକୁ ଗାଡି ଚାଳକ ମାନେ ନମାନି ଗାଡି ଚଳାଚଳ କରିବା ଦ୍ୱାରା ଦୁଇଟି ବଜାରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ରାସ୍ତା ଦୁର୍ଘଟଣା ବୃଦ୍ଧି ପାଇବା ପୁଲିସ ରେକର୍ଡରୁ ଜଣାପଡିଛି । ସରକାରୀ ଅଧିକାରୀ ମାନେ ଲିଜ୍ ଧାରୀ ମାନଙ୍କ ଉପରେ କଟକଣା ଜାରି ନକରିବା ଫଳରେ ଆଗାମି ଦିନରେ ଏହାକୁ ନେଇ ମୁକୁନ୍ଦପୁର ବାସିନ୍ଦା ମାନେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଜିଲ୍ଲାପାଳଙ୍କୁ ଶତାଧିକ ଜନସାଧାରଣ ଅଭିଯୋଗ କରିଛନ୍ତି ।

## ମାଓବାଦୀଙ୍କ ସହିଦ ସପ୍ତାହ ଆରମ୍ଭ: ପୋଲିସର ଯାଂଚ କଡାକଡି

ମାଲକାନଗିରି,୨୯।୭ (ନି.ପ୍ର): ଆଜିଠାରୁ ମାଓବାଦୀଙ୍କ ଶହୀଦ ସପ୍ତାହ ଆରମ୍ଭ ହେଉଛି । ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓବାଦୀମାନେ ଗାଁ ଗାଁରେ ଏହି ସପ୍ତାହକୁ ପାଳନ କରିବେ ବୋଲି ସୂଚନା ମିଳିଛି । ଯାହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସୀମା ସିଲ କରାଯିବା ସହ ଯାଂଚ କଡାକଡି କରାଯିବାସହ ଅଜଣା ବ୍ୟକ୍ତିଙ୍କୁ ଦେଖିଲେ ତାଙ୍କର ପରିଚୟ ପଚରାଯିବା ସହ ତାଙ୍କ ସମ୍ପର୍କରେ ସବିଶେଷ ବିବରଣୀ ପୋଲିସ ନେଉଛି । ଆନ୍ଧ୍ର, ତେଲେଙ୍ଗାନା ଏବଂ ଛତିଶଗଡ ସୀମାକୁ ସିଲ କରିବା ସହ ମାଓ ଗତିବିଧି ଉପରେ ନଜର ରଖିଛି ପୋଲିସ । ସେହିପରି ଗୁଇନ୍ଦା ବିଭାଗକୁ ମଧ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଥାଉକି, ଶହୀଦ ସପ୍ତାହର କିଛି ଦିନ ପୂର୍ବରୁ ମାଓବାଦୀଙ୍କୁ ଲାଗିଥିଲା ବଡ ଝଟକା । ଗତ ଦୁଇ ଦିନ ତଳେ ମାଓବାଦୀ ଏବଂ ପୋଲିସ ଗୁଳିବିନିମୟରେ ଜଣେ ହାର୍ଡକୋର ମାଓବାଦୀର ମୃତ୍ୟୁ ହୋଇଥିବାବେଳେ ବହୁ ମାଓ ସାମଗ୍ରୀ ଜବତ କରାଯାଇଛି । ବିଏସଏଫ ଯବାନ ମଧ ଦିନ ରାତି ପଇଁତରା ମାରୁଛନ୍ତି । ଜିଲ୍ଲାସାରା ବିଏସଏଫ ଛାଉଣି ହୋଇଥିବାରୁ ହିଂସାକାଣ୍ଡ ଘଟାଇବା ସହଜ ନୁହେଁ ବୋଲି କୁହାଯାଉଛି । ସେପଟେ ଡିଭିଏଫ, ଏସଓଜି ଯବାନ ମଧ ଜଙ୍ଗଲରେ କୁମ୍ବିଂକୁ ଜୋରଦାର କରିଥିବା ଜଣାପଡିଛି । ସୁରକ୍ଷାବାହିନୀ ମାଓବାଦୀ ବିରୋଧରେ ଗୋଟିଏ ପରେ ଗୋଟିଏ ଅପରେସନ ଜାରି ରଖିଛି । ଗାଁ ଗାଁରେ ଲୋକେ କୌଣସି ଭୟ ନକରି ସାଧାରଣ ଜୀବନଯାପନ କରନ୍ତୁ ବୋଲି ପୋଲିସ କହିଛି । ପୂର୍ବରୁ ଶହୀଦ ସପ୍ତାହ ବେଳେ ବହୁ ହିଂସା ଘଟାଇଥିବା ଯୋଗୁଁ ପୋଲିସ ମଧ ହାତେ ମାପି ଚାଖଣ୍ଡେ ଚାଲୁଛି । ଶହୀଦ ସପ୍ତାହରେ କୌଣସି ଅଧିକାରୀଙ୍କୁ ଆଭନ୍ତରୀଣ ଅଞ୍ଚଳକୁ ନଯିବାକୁ କୁହାଯାଇଛି ।

## ୭୨ ଘଂଟିଆ ନେହେନା ପଂଚାୟତ ସଟ୍‌ଡାଉନ

ନୂଆପଡା,୨୯।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ନେହେନା ପଂଚାୟତରେ ୪ ଜଣଙ୍କ କୋଭିଡ ପୋଜିଟିଭ ଚିହ୍ନଟ ପରେ ନେହେନା ସରପ ଜିଲ୍ଲାପାଳ କ୍ଷମତା ପ୍ରୟୋଗ କରି ୭୨ ଘଂଟିଆ ନେହେନା ପଂଚାୟତ ସଟ୍‌ଡାଉନ ଘୋଷଣା କରିଛନ୍ତି । ସରପ ଅବନୀ ସିଂନୀନା ଏନେଇ ପଂଚାୟତର ନେହେନା, ବିଛନାପାଲି, ତୋର୍ଲି ଓ ଚିଚେର ଗ୍ରାମର ଜନସାଧାରଣଙ୍କୁ ଏକ ପତ୍ର ମାଧ୍ୟମରେ ସୂଚନା ଦେଇ ସଟ୍‌ଡାଉନ ଘୋଷଣା କରିଛନ୍ତି । ନେହେନା ଗ୍ରାମର ୧ ନଂ ୱାର୍ଡର ଜଣେ ଯୁବକ ତାଙ୍କ ମାଉସୀର ଚିକିତ୍ସା ସକାଶେ ବୁର୍ଲା ମେଡିକାଲକୁ ଯାଇଥିଲେ । ସେଠାରୁ ପୋଭିଡ ସଂକ୍ରମଣ ହୋଇଥିବା ଅନୁମାନ କରୁଛନ୍ତି । ତାଙ୍କ ସହ ତାଙ୍କର ସମ୍ପର୍କୀୟ ୩ ଜଣ ମଧ୍ୟ କୋଭିଡରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି । ଏହାକୁ ଦୃଷ୍ଟିରେ ରଖି ପଂଚାୟତକୁ ସଟ୍‌ଡାଉନ ଘୋଷଣା କରିଥିବା ବେଳେ ଅତି ଅତ୍ୟାବଶ୍ୟକ ସେବାକୁ ଛାଡି ଅନ୍ୟ ସବୁ ୩ ଦିନ ସକାଶେ ବନ୍ଦ ରହିବ ବୋଲି ସୂଚନା ଦେଇଛନ୍ତି । ମଙ୍ଗଳବାର ମଧ୍ୟାହ୍ନ ୧୨ ଘଂଟାରୁ ଶୁକ୍ରବାର ମଧ୍ୟାହ୍ନ ୧୨ ଘଂଟା ପର୍ଯ୍ୟନ୍ତ ସଟ୍‌ଡାଉନ କରାଯାଇଥିବା ସୂଚନା ମିଳିଛି । ଏଥିରେ ଖିଲାପ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଇ ଦିଆଯାଇଛି ।

## ଡାକ୍ତରଖାନାର ଲେବ ଟେକ୍‌ନିସିଆନଙ୍କ ପଜିଟିଭ

ନୂଆପଡା,୨୯।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ଚିକିତ୍ସାଳୟର ଜଣେ ଲେବ ଟେକ୍‌ନିସିଆନ କୋଭିଡ-୧୯ ପୋଜିଟିଭରେ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ପରେ ଡାକ୍ତରଖାନାରେ ଥିବା ସମସ୍ତ ଅନ୍ତେବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଡାକ୍ତରଙ୍କ ସ୍ୱାବ ସଂଗ୍ରହ କରାଯାଇଥିବା ବେଳେ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ବିଶେଷଙ୍କର ସ୍ୱାବ ସଂଗ୍ରହ କରାଯିବ ବୋଲି ସୂଚନା ମିଳିଛି । ଏହାସହ ଡାକ୍ତରଖାନାକୁ ସେନିଟାଇଜ କରାଯିବା ସହ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଦୀନବନ୍ଧୁ ମହାନନ୍ଦ ପ୍ରକାଶ କରିଛନ୍ତି ।

## ସ୍ଥଗିତ ହେଲା କଂଗ୍ରେସର ଧାରଣା : ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଅଭିଯୁକ୍ତଙ୍କ ଗିରଫ ପାଇଁ ଟିମ୍ ଗଠନ ହେବ

ଭଦ୍ରକ, ୨୯/୭ (ହି.ସ.) - ସଂଗୀତା ମୋଟର୍ସର କର୍ମଚାରୀଙ୍କ ମୃତ୍ୟୁ ପାଇଁ ଦାୟୀ ଶୋ'ରୁମ୍‌ର ମାଲିକ ଚନ୍ଦନ ଶାହାଙ୍କୁ ଗିରଫ ଓ ଜିଲ୍ଲାରେ ଚାଲିଥିବା ନିଶାକାରବାର, ଡ୍ରଗ୍‌ସ ବ୍ୟବସାୟକୁ ବନ୍ଦ କରିବା, ନିଶାକାରବାରର ମୁଖ୍ୟ ଶ୍ୟାମସୁନ୍ଦର ଗୁପ୍ତାଙ୍କୁ ଗିରଫ କରିବା ଦାବି ନେଇ ଦୁଇଦିନ ଧରି ଭଦ୍ରକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ ଚାଲିଥିବା ପ୍ରତୀକ ଧାରଣା ଆଜି ଦ୍ୱିତୀୟ ଦିନରେ ଏସପିଙ୍କ ସହିତ ଆଲୋଚନା ପରେ ସ୍ଥଗିତ ରଖାଯାଇଛି । ଏସପି ଏହାର ଦାୟିତ୍ୱ ନିଜେ ନେବା ସହିତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିହାର ପଠାଇବେ, ଆବଶ୍ୟକ ହେଲେ ତାଙ୍କର ସମସ୍ତ ବ୍ୟାଙ୍କ ଆକାଉଂଟକୁ ସିଲ କରାଯିବ ଏବଂ ସମ୍ପତ୍ତିକୁ ମଧ ସିଲ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଧାରଣାକୁ ସ୍ଥଗିତ ରଖାଯାଇଛି । ଭଦ୍ରକ ଗବସାହି ଅ ଳର ଚିତରଂଜନ ଜେନା ନାମକ ଯୁବକ ସଂଗୀତା ମୋଟର୍ସରେ କାର୍ଯ୍ୟ କରୁଥିବା ବେଳେ ସୋ'ରୁମ୍‌ର ମାଲିକ ଚନ୍ଦନ ଶାହାଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କଲେ । ଆତ୍ମହତ୍ୟା ପୂର୍ବରୁ ସେ ତାଙ୍କ ବୟାନ ଲେଖି ମୃତ୍ୟୁ ପାଇଁ ଚନ୍ଦନ ଶାହା ଦାୟୀ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ । ପୁଲିସ ମାମଲା ରୁଜୁ କରିଥିଲେ ବି ଅଭିଯୁକ୍ତ ଚନ୍ଦନ ଶାହାଙ୍କୁ ଗିରଫ କରୁନାହିଁ । ଏଥି ସହିତ ଭଦ୍ରକରେ ନିଶା କାରବାରର ସମ୍ରାଟ ସାଜିଥିବା ଶ୍ୟାମସୁନ୍ଦର ଗୁପ୍ତା ଜିଲ୍ଲା ତମାମ ନିଶାର ସାମ୍ରାଜ୍ୟ ସୃଷ୍ଟି କରି ଖୋଲାଖୋଲି ଦେଶୀ ମଦ କାରବାର କରି ସମାଜକୁ ନଷ୍ଟ କରୁଥିବା ବେଳେ ଡ୍ରଗ୍ସ କାରବାରକୁ ବହୁମାତ୍ରାରେ ବଢାଇ ଚାଲିଛନ୍ତି । ତୁରନ୍ତ ଚନ୍ଦନ ଶାହାଙ୍କୁ ଗିରଫ କରିବା ସହିତ ବିହାରୀ ଅପରାଧି ଲିଙ୍କ୍ ମୁଖ୍ୟ ଶ୍ୟାମସୁନ୍ଦର ଗୁପ୍ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ଏବଂ ତାଙ୍କ ସମ୍ପତିର ସ୍ୱତନ୍ତ୍ର ଟାସ୍କ ଫୋର୍ସ ମାଧମରେ ତଦନ୍ତ କରିବା ଦାବି କରି ଦୁଇଦିନ ଧରି ପ୍ରତୀକ ଧାରଣା ଜାରି ରହିଥିଲା । ଆଜି ଦ୍ୱିତୀୟ ଦିନ ଧାରଣାରେ ଭଦ୍ରକ ନିର୍ବାଚନ ମଣ୍ଡଳୀ ନେତା ନଳିନୀ ମହାନ୍ତି, ଭଣ୍ଡାରିପୋଖରୀ ନେତା ସୁବ୍ରତ ଦାସ, ଯୁବ କଂଗ୍ରେସ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ଦାସ, ରାଜନ ଲାହା, ବିଜୟ ବାରିକ ବସିଥିବା ବେଳେ ତାହେର ଅହମ୍ମଦ ଖାଁ,ଇଲିଆସ ଖାଁ, ରାଜକିଶୋର ପଣ୍ଡା, ବିଜୟ ଶଙ୍କର ମହାନ୍ତି, ଯତୀନ୍ଦ୍ର ସାହୁ, ପୀତବାସ ଧଳ ସହଯୋଗ କରିଥିଲେ । ପରେ ଅପରାହ୍ନରେ ଏସପି ରାଜେଶ ପଣ୍ଡିତ ଶ୍ରୀ ମହାନ୍ତି ଓ ସୁବ୍ରତ ଦାସଙ୍କ ସହିତ ଆଲୋଚନା କରିଥିଲେ । ଆଲୋଚନା ପରେ ଶ୍ରୀ ମହାନ୍ତି କହିଥିଲେ ଯେ ଯଦି ୧୫ ଦିନ ମଧ୍ୟରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନକରେ ତେବେ ପୁଣି ଆନ୍ଦୋଳନକୁ ତୀବ୍ର କରାଯିବ ।

## ଗ୍ୟାସ ସିଲିଣ୍ଡର ଚୋରୀ ଅଭିଯୋଗରେ ୩ ଗିରଫ

କେନ୍ଦୁଝର,୨୯।୭ (ନି.ପ୍ର): ଚଳିତ ଜୁଲାଇ ମାସ ୧୮ ତାରିଖ ଦିନ କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ମାଡ୍ରାସ ହଟିଂର ଗଣେଶ ଭବନ ନିକଟ ଜଣଙ୍କ ଘରୁ ଗ୍ୟାସ ସିଲିଣ୍ଡର ସହ ଟଙ୍କା ଏବଂ ମୋବାଇଲ ଚୋରି ହୋଇଥିବା ନେଇ ତାପର ଦିନ ୧୯ ତାରିଖରେ ଯୋଡା ଥାନାରେ ଏକ ଅଭିଯୋଗ ଦାଏର ହୋଇଥିଲା । ଏହି ଘଟଣାରେ ପୁଲିସ ନିର୍ଦ୍ଦିଷ୍ଟ ସ୍ଥାନରେ ଚଢାଉ କରି ମଙ୍ଗଳବାର ୩ ଜଣଙ୍କୁ ଗିରଫ କରିଥିଲା । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଯୋଡାସ୍ଥିତ ଭୂୟାଁବସ୍ତିର ସୁବାସ ପାତ୍ର (୨୮), ଜିତେନ ପାତ୍ର (୨୪) ଏବଂ ଯୋଡା ମାର୍କେଟର ସେକ୍ ଅକତର (୩୦) । ଯୋଡା ପୁଲିସ ସୂଚନା ଅନୁଯାୟୀ ଗଣେଶ ଭବନ ନିକଟରେ ଏକ ଭଡା ଘର ନେଇ ସନ୍ତୋଷ କୁମାର ଏବଂ ତାଙ୍କର ୬-୭ଜଣ ସହଯୋଗୀ ରହି ଆସୁଥିଲେ । ଜୁଲାଇ ୧୮ ତାରିଖ ବିଳମ୍ବିତ ରାତ୍ରୀରେ ଘରେ ସମସ୍ତେ ଶୋଇପଡିଥିବା ବେଳେ କିଛି ଦୁର୍ବୃତ ତାଙ୍କ ଘରେ ପଶି ଗ୍ୟାସ ସିଲିଣ୍ଡର ଏବଂ ଟଙ୍କା ସହ ମୋବାଇଲ ଚୋରି କରି ପଳାଇଥିଲେ । ଏହି ଘଟଣାଟିରେ ପୁଲିସ ବିଭିନ୍ନ ସ୍ଥାନରେ ଚଢୋଉ କରି ସୁବାସ ଓ ଜିତେନକୁ ଗିରଫ କରିବା ପରେ ଅଧିକ ପଚରାଉଚରା କରିବା ପରେ ଯୋଡା ମାର୍କେଟରେ ରହୁଥିବା ସେକ୍ ଅକତାରକୁ ସେମାନେ ଏହି ଚୋରା ଗ୍ୟାସ ସିଲିଣ୍ଡର ବିକ୍ରି କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ । ପୁଲିସ ୬ଟି ଚୋରା ସିଲିଣ୍ଡର ସମେତ ଏଥିରେ ବ୍ୟବହୃତ ଗୋଟିଏ ଅଟୋ ନଂ. ଓଡି୦୯ଇ-୧୩୮୧ ଏବଂ ଚୋରି ମୋବାଇଲ ଆଦି ଜବତ କରିଥିବା ଜଣାପଡିଛି ।

## କଂଟେନମେଂଟ ଜୋନ ଘୋଷଣାର ଦ୍ୱିତୀୟ ଦିବସ: ପୋଲିସ ପହରା ସାଙ୍ଗକୁ ୪୫ ଜଣଙ୍କୁ କଂଟାକ୍ଟ ଟ୍ରେସିଂ

ଭୁବନ,୨୯।୭ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡରୁ ଜଣେ ୨୫ ବର୍ଷୀୟ ଯୁବକ ଓ ୪ ନମ୍ବର ୱାର୍ଡରୁ ଜଣେ ୪୨ ବର୍ଷୀୟା ମହିଳାଙ୍କର କରୋନା ପଜିଟିଭ ରିପୋର୍ଟ ଆସିଲା ପରେ ଏନଏସି ପ୍ରଶାସନ ତରଫରୁ ଉକ୍ତ ଦୁଇଟି ୱାର୍ଡ କୁ ୫ ଦିନ ପର୍ଯ୍ୟନ୍ତ କଂଟେନମେଂଟ ଜୋନ ଘୋଷଣା କରାଯାଇଛି । ଆଜି ଥିଲା କଂଟେନମେଂଟ ର ଦ୍ୱିତୀୟ ଦିବସ । ଦ୍ୱିତୀୟ ଦିବସରେ ୧ ନମ୍ବର ୱାର୍ଡର ଗୋଡିପୋଖରୀ ଛକ ଓ ୪ ନମ୍ବର ୱାର୍ଡ ପାଲାମଣ୍ଡପ (ଶାସନ ଛକ) ରେ ପୋଲିସ ପହରା ଦେଇଥିଲା । ଏନଏସି ପ୍ରଶାସନ ତରଫରୁ ଉକ୍ତ ଦୁଇଟି ୱାର୍ଡରେ ସଂପୃକ୍ତ କରୋନା ସଂକ୍ରମିତ ବ୍ୟକ୍ତି ଓ ମହିଳା କେଉଁ ଲୋକମାନଙ୍କ ସଂପର୍ଶରେ ଆସିଛନ୍ତି ସେ ସଂପର୍କରେ କଂଟାକ୍ଟ ଟ୍ରେସିଂ କରାଯାଇଥିଲା । ଦୁଇଟି ୱାର୍ଡରୁ ସମୁଦାୟ ୪୫ ଜଣଙ୍କୁ ଚିହ୍ନଟ କରାଯାଇଛି । ଏହି ସଂଖ୍ୟା ଆହୁରି ବଢିବ ବୋଲି ଆଶା କରାଯାଉଛି । ଶୁକ୍ରବାର ସୁଦ୍ଧା କଂଟାକ୍ଟ ଟ୍ରେସିଂ କାର୍ଯ୍ୟ ଶେଷ କରାଯାଇ ସମସ୍ତ ଚିହ୍ନଟ ବ୍ୟକ୍ତି ମାନଙ୍କର ସ୍ୱାବ ଟେଷ୍ଟ କରାଯିବ ଏବଂ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଭୁବନବାସୀ ସତର୍କ ରହିବା ସହିତ ସଚେତନ ରହିବାକୁ ବୋଲି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ନିବେଦନ ଦେଇଛନ୍ତି ।

## ଦାଦନ ଶ୍ରମିକ ନିଖୋଜ ଅଭିଯୋଗ

ନୂଆପଡା,୨୯।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ଜଣେ ଦାଦନ ଶ୍ରମିକ ନିଖୋଜ ଥିବା ନେଇ ଦାଦନ ଶ୍ରମିକଙ୍କ ମାଁ ଅଭିଯୋଗ କରିଛନ୍ତି । ସୂଚନାମତେ ରାଣିମୁଣ୍ଡା ଗ୍ରାମର କୋକିଳ ସୁନାନୀ(୩୫) ଗତ ଦିନରେ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ହେଲେ ସେଠାରୁ ଗତ ୧୦ ମାସ ହେବ ନିଖୋଜ ହୋଇଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାଙ୍କର ଖୋଜଖବର କିମ୍ବା ପ । ଜଣାପଡୁନାହିଁ । ରାଣିମୁଣ୍ଡା ଗ୍ରାମର ଶ୍ରମିକ ଦଲାଲ ପାଇକନୀ ହିଆଲ ଗତ ୨୦୧୯ ମସିହା ଅକ୍ଟୋବର ମାସରେ ଶ୍ରମିକ ଚାଲାଣ କରିଥିଲେ । ସାଥିରେ ଯାଇଥିବା ସମସ୍ତ ଦାଦନ ଶ୍ରମିକ ମହାମାରୀ କରୋନା ଲକଡାଉନ ପରେ ପରେ ନିଜ ଗ୍ରାମକୁ ଫେରିଥିବା ବେଳେ କୋକିଳ ସୁନାନୀ ଆଜି ପର୍ଯ୍ୟନ୍ତ ଫେରିନାହାନ୍ତି । ନିଖୋଜ ଶ୍ରମିକଙ୍କ ବୃଦ୍ଧା ମାଁ ଉରଦେଇ ସୁନାନୀ ପୁଅର ଫେରିବା ବାଟକୁ ଅନାଇ ବସିଛନ୍ତି । ଏନେଇ ଉରଦେଇ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଅଭିଯୋଗ କରି ତାଙ୍କ ପୁଅଙ୍କୁ ଉଦ୍ଧାର କରିବାକୁ ଅନୁରୋଧ କରିଛନ୍ତି । ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ନିଖୋଜ କୋକିଳଙ୍କୁ ଉଦ୍ଧାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବୀ ଜଣାଇଛନ୍ତି ।

## କଂଟେନମେଂଟ ଜୋନରେ ପ୍ରବାସୀ ଓଡିଆ ମାନଙ୍କ ପାଇଁ କର୍ମସଂସ୍ଥାନ ଶିବିର

ଭୁବନ,୨୯।୭ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡର ଗୋଡିପୋଖରୀ ଛକରୁ ମଙ୍ଗୁଳି ପାତ୍ର ଘର,ମଙ୍ଗୁଳି ପାତ୍ର ଘର ଠାରୁ ରାମ ମନ୍ଦିର ଦେଇ ଡାକବଙ୍ଗଳା ଛକକୁ ସୋମବାର ଠାରୁ ଶୁକ୍ରବାର ୫ ଦିନ ପାଇଁ କଂଟେନମେଂଟ ଜୋନ ଘୋଷଣା କରାଯାଇଥିଲା ବେଳେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ (ଏମ୍ପ୍ଲୟମେଂଟ ଏକ୍ସଚେଞ୍ଜ) ତରଫରୁ ଆଜି ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟ କନଫରେନ୍ସ ହଲ ବାରଣ୍ଡାରେ ପ୍ରବାସୀ ଓଡିଆ ମାନଙ୍କ ପାଇଁ କର୍ମସଂସ୍ଥାନ ଶିବିର ର ଆୟୋଜନ କରାଯାଇଥିଲା । କଂଟେନମେଂଟ ଜୋନରେ ଜିଲ୍ଲା କର୍ମ ନିୟୋଜନ ସଂସ୍ଥା ତରଫରୁ ଏଭଳି ପ୍ରୋଜେକ୍ଟ ଥଇଥାନ ଶିବିର ଆୟୋଜନ କୁ ବୁଦ୍ଧିଜୀବୀ ମହଲ ତୀବ୍ର ନିନ୍ଦା କରିବା ସହ ସାନିଟାଇଜେସନ ହୋଇନଥିବା ଏହି ଅଂଚଳରେ ଶିବିର ପାଇଁ କିଏ ଅନୁମତି ଦେଲା ବୋଲି ପ୍ରଶ୍ନ କରୁଛନ୍ତି ।

ଏହି ଶିବିରରେ ହାତ ଧୋଇବା ପାଇଁ ସାନାଟାଇଜର ନଥିବା ବେଳେ ଚାକିରି ଆଶାୟୀ ଅଧିକାଂଶ ଆଗ୍ରହୀ ବ୍ୟକ୍ତିମାନେ ମୁହଁରେ ମାସ୍କ ପିନ୍ଧିନଥିଲେ କି ଆଦୌ ସାମାଜିକ ଦୂରତା ରକ୍ଷା କରିନଥିଲେ । ପ୍ରବଳ ଖରାରେ ଧାଡିରେ ଛିଡାହୋଇ ଠେଲାପେଲା ହେଉଥିବାର ଦେଖିବାକୁ ମିଳିଥିଲା । ଜିଲ୍ଲାସ୍ତରୀୟ ଉପରିସ୍ଥ ଅଧିକାରୀ ମାନେ ଟିପର ଡ୍ରାଇଭର, କାରପେଂଟର, ସିକ୍ୟୁରିଟି ଗାର୍ଡ, ସୁପର ଭାଇଜର, ରଡବାଇଣ୍ଡିଂ ଫିଟର, ମାର୍ବଲ ଟାଇଲ ଫିଟର, କୁଶଳୀ/ଅଣକୁଶଳୀ କାରିଗର ଭାବେ ନିଯୁକ୍ତି ଆଶାୟୀ ପ୍ରବାସୀ ଓଡିଆ ମାନଙ୍କ ବିଭିନ୍ନ ପ୍ରମାଣପତ୍ର ତଦନ୍ତ କରିଥିଲେ । ହୋଟେଲ/ଢାବାରେ ବସିକରି ଖାଇବା ଉପରେ ସରକାର ବାରଣ କରିଥିବା ବେଳେ ଏହି ଶିବିରରେ ଯୋଗଦେଇଥିବା ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ ମାନେ ଏକ ନିର୍ଦ୍ଦିଷ୍ଟ ହୋଟେଲରେ ବସି ଖିଆପିଆ କରିଥିବା ଦେଖିବାଲୁ ମିଳିଥିଲା ।

## ବ୍ରହ୍ମପୁରରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୭୮ ଜଣଙ୍କ ଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୨୯।୭ (ନି.ପ୍ର): ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୭୮ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ସେହିପରି ଏହି ସମୟ ମଧ୍ୟରେ ମଧ୍ୟରେ ୩୦ ଲିଟର ମଦ ଜବତ କରା ଯାଇଛି । ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ଆଜିଠାରୁ କନ୍ଧମାଳର କଣ୍ଟେନମେଣ୍ଟ ଜୋନ ବ୍ୟତୀତ ସବୁ ଅଂଚଳକୁ ଲକଡାଉନ୍ ଘୋଷଣା

**ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ରହିବ**

କନ୍ଧମାଳ,୨୯।୭ (ନି.ପ୍ର): କରୋନା ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବାସହିତ ଜିଲାର ଲୋକମାନଙ୍କର ସମସ୍ତ ପ୍ରକାରର ସୁବିଧା ଅସୁବିଧାକୁ କିଛି ମାତ୍ରରେ ସରଳ କରିବାପାଇଁ କନ୍ଧମାଳ ଜିଲ୍ଲାର ସମସ୍ତ କଣେନମେଣ୍ଟ ଅଂଚଳ ଭାବରେ ଘୋଷଣା କରାଯାଇଥିବା ଅଂଚଳ ଗୁଡିକ ବ୍ୟତୀତ ଅନ୍ୟ ସବୁ ଅଂଚଳ ଗୁଡିକ ୨୯ ତାରିଖ ଠାରୁ ୧୦ ଦିନ ପାଇଁ ଲକଡାଉନ୍ ଘୋଷଣା କରିଛି ଜିଲ୍ଲା ପ୍ରଶାସନ । ଆସନ୍ତା ୨୯ ତାରିଖଠାରୁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ୧୦ଦିନ ପାଇଁ ଲକଡାଉନ୍ ଘୋଷଣା କରାଯାଇଛି । ଏହି ସମୟ ମଧ୍ୟରେ କେବଳ ସେହି ଲକଡାଉନ ଅଂଚଳ ଗୁଡିକରେ ସମସ୍ତ ବ୍ୟାଙ୍କଗୁଡିକ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ସେବା ପ୍ରଦାନ କରିବେ ଅତି ଜରୁରୀ ନଥିଲେ ବ୍ୟଙ୍କ ଗୁଡିକରେ ଯାଇ ଭୀଡ ନକରି ଅନଲାଇନ୍ ବ୍ୟାଙ୍କୁଙ୍ଗ କରି ନିଜ ଘରେ ସୁରକ୍ଷିତ ଭାବରେ ରହିବାକୁ ଜିଲା ପାଳ ପରାମର୍ସ ଦେବା ସହିତ ଜିଲାର ଘୋଷଣା କରାଯାଇଥିବା ଲକଡାଉନ ଅଂଚଳରେ ସକାଳ ୭ରୁ ଦିନ ଗୋଟାଏ ପର୍ଯ୍ୟନ୍ତ କିରାନା ଜିନିଷ, ପନିପରିବା, ଅଣ୍ଡା, ମାଛ ମାଂସ ଖିର ପାଉଁରୁଟି ଦୋକାନ ଦୋକାନ ଖୋଲାଯିବ ଗ୍ରାହକ ମାନେ ମାସ୍କ ପିନ୍ଧିବା ସହିତ ସାମାଜିକା ଦୂରତା ବଜାୟ ରଖି ସେମାନଙ୍କର ଆବସ୍ୟକୀୟ ଜିନିଷ କିଣିପାରିବେ । ବିଦ୍ୟୁତ ବିଭାଗ, ଟେଲିକମ ବିଭାଗ, ଜଳଯୋଗାଣ ବିଭାଗ, ସମେତ ଔଷଧ ଦୋକାନ, ପେଟ୍ରୋଲ ପମ୍ପ, ଆଦି ଖୋଲା ରହିବ । କୌଣସି ବ୍ୟକ୍ତିଙ୍କ ଶବ ସଂସ୍କାର କରିବାକୁ ହେଲେ ସମ୍ପୃକ୍ତ ଅଂଚଳର ଥାନା ଅଧିକାରିଙ୍କ ଅନୁମତି ନେଇ କରାଯିବ ପାରି ବୋଲି ଆଜି କନ୍ଧମାଳ ଜିଲ୍ଲାପାଳ ଡା.ବୃନ୍ଦା ଡି. ଚିଠି ଜରିଆରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟ ମଧ୍ୟରେ କୌଣସି ବ୍ୟକ୍ତି ଜିଲା ପ୍ରଶାସନର ବିନା ଅନୁମତିରେ ଜିଲ୍ଲା ବାହାରକୁ ଯାଇ ପାରିବେ ନାହିଁ । ଅତି ଜରୁରୀ ପରିସ୍ଥିତିରେ ଉପଜିଲ୍ଲାପାଳଙ୍କ ଅନୁମତି ନେଇ ସହର ବାହାରକୁ ଯାଇ ପାରିବେ ଜିଲାରେ ଗାଡିମଟର ଚଳାଚଳ ମଧ ବନ୍ଦ ରହିବ । ସମସ୍ତ ଜରୁରୀ କାଳୀନ ବିଭାଗ ଗୁଡିକର ସରକାରୀ କର୍ମଚାରୀ ମାନେ ସେମାନଙ୍କର ପରିଚୟ ପତ୍ର ଦେଖାଇ ସେମାନଙ୍କର କାମକୁ ଯାଇ ପାରିବେ । ଗଣମାଧ୍ୟମର ପ୍ରତିନିଧିମାନେ ମଧ୍ୟ ସେମାନଙ୍କର ପରିଚୟପତ୍ର ଦେଖାଇ ସେମାନଙ୍କର କାର୍ଯ୍ୟ କ୍ଷେତ୍ରକୁ ଯାଇ ପାରିବେ ବୋଲି ନିର୍ଦ୍ଦେଶ ରହିଛି ।

## ଧାମରାରେ ଦଳିତ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିବା ପଡିଲା ମହଙ୍ଗା : ସ୍ୱାମୀ ପରିତ୍ୟକ୍ତା ମହିଳା ଏବଂ ୨ ନାବାଳିକା ଜୀବନକୁ ନେଇ ସନ୍ଦିହାନୀ, ଡାକ୍ତରୀ ମାଇନା ପାଇଁ ପ୍ରସ୍ତୁତ

ଭଦ୍ରକ, ୨୯/୭(ହି.ସ.) - ଧାମରା ନିକଟସ୍ଥ ଅମରନଗର ଗ୍ରାମରେ ଏକ ଦଳିତ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ଭଦ୍ରକ ଏସପିଙ୍କ ନିକଟରେ ହେବା ପରେ ଏସପିଙ୍କ ନିର୍ଦ୍ଦେଶରେ ନାବାଳିକାର ମା ପୁନଶ୍ଚ ଧାମରା ଥାନାରେ ଦ୍ୱାରସ୍ଥ ହୋଇଛନ୍ତି । ଗତକାଲି ନାବାଳିକାର ମା ଧାମରା ଥାନାରେ ପହଂଚି ଲିଖିତ ଅଭିଯୋଗ କରିବା ପରେ ଏନେଇ ଥାନାରେ ୩୪/୨୦ରେ କେଶ ରୁଜୁ ହୋଇଛି । ପରେ ବିଳମ୍ବିତ ରାତିରେ ଧାମରା ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଦୁଷ୍କର୍ମ ଉଦ୍ୟମକାରୀ ସୁବାଶ ହାଜିରାକୁ (୬୦) ଗିରଫ କରାଯାଇଛି । ଗିରଫ ହେବା ପରେ ଆଜି ଧାମରା ଥାନାଧିକାରୀ ନାବାଳିକା ଏବଂ ତାଙ୍କ ମାକୁ ଥାନାକୁ ଡକାଇ ଥାନାରେ ଜେରା କରିବା ସହ ବାଂଶଡା ଥାନାକୁ ନେଇ ଦଳିତ ନାବାଳିକା ଝିଅର ବୟାନକୁ ରେକର୍ଡିଂ କରାଯାଇଛି ବୋଲି ନାବାଳିକା ଝିଅର ମା ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି । ଆସନ୍ତା କାଲି ନାବାଳିକାକୁ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯିବ ବୋଲି ଜଣାଯାଇଛି । ଗତକାଲି ନାବାଳିକା ଝିଅ ଓ ଅସହାୟ ସ୍ୱାମୀ ପରିତ୍ୟକ୍ତା ମହିଳା ଭଦ୍ରକ ଏସପିଙ୍କ ଦ୍ୱାରସ୍ଥ ହେବା ପରେ ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ଥାନୀୟ ପୁଲିସ ପକ୍ଷରୁ ଏହି ଘଟଣାକୁ ଚାପିଦେବା ପାଇଁ ବହୁ ଉଦ୍ୟମ କରାଯାଉଥିବା ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ ଏଥିସହ ଦଳିତ ନାବାଳିକା ଏବଂ ତାଙ୍କ ପରିବାର ଭୂମିହୀନ ହୋଇଥିବା ବେଳେ ସେମାନଙ୍କୁ ଅମରନଗର ଗ୍ରାମରୁ ହଟାଇବାସହ ଜୀବନରୁ ମାରିଦେବା ପାଇଁ ବହୁ ଧମକ ଦିଆଯାଉଛି ।ଘଟଣାରୁ ପ୍ରକାଶ ଦୋସିଙ୍ଗା ଗ୍ରାମପଂଚାୟତ ଅଧିନସ୍ଥ ଅମରନଗର ଗ୍ରାମର ସୁବାଶ ହାଜିରା (୬୦)ବର୍ଷର ବୃଦ୍ଧ ୪୫ ଦିନ ମଧ୍ୟରେ ୩ଥର ଦୁଷ୍କର୍ମ ଉଦ୍ୟମ କରିଥିବା ନାବାଳିକା ଯୁବତୀର ମା ଏବଂ ନାବାଳିକା ଅଭିଯୋଗ ଆଣିଛନ୍ତି ।ଏହି ଦୁଷ୍କର୍ମ ଅଭିଯୋଗ ଧାମରା ଥାନାରେ ହୋଇଥିଲେ ମଧ୍ୟ ସଂପୃକ୍ତ ଥାନାଧିକାରୀ ଏହି ଅଭିଯୋଗକୁ ଗ୍ରହଣ କରି କୌଣସି ଏତଲା ନକାଟି ଏହି କଥାକୁ ଦଫାରଫା କରିବା ପାଇଁ ଦୋସିଙ୍ଗା ସରପଂଚଙ୍କ ପ୍ରତିନିଧିକୁ ଦାୟିତ୍ୱ ଦେଇ ନିଜ ମୁଣ୍ଡ ଉପରୁ ଦାୟିତ୍ୱ ଓହ୍ଲାଇ ଦେଇଥିଲେ ବୋଲି ସଂପୃକ୍ତା ନାବାଳିକାର ମା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଥିଲେ । ପରେ ଅନ୍ୟ ଉପାୟ ନପାଇ ଗତକାଲି ନାବାଳିକା ଏବଂ ତାଙ୍କ ମା ଭଦ୍ରକ ଏସପିଙ୍କ ଦେଖା କରି ଲିଖିତ ଅଭିଯୋଗ କରିବା ପରେ ଭଦ୍ରକ ଏସପି ଏହି ଘଟଣାର ତଦନ୍ତ କରିବା ପାଇଁ ଧାମରା ଥାନାଧିକାରୀଙ୍କୁ କହିଥିଲେ । ଆଜି ଏହି ଘଟଣାର ସଂପୂର୍ଣ୍ଣ ପର୍ଦ୍ଦାଫାସ ହେବା ପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା । ସ୍ଥାନୀୟ ବୁଦ୍ଧିଜିବୀ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବୀ କରିବା ସହ ଦଳିତ ନାବାଳିକା ପରିବାରକୁ ନ୍ୟାୟ ଦେବାକୁ ଦାବୀ କରିଛନ୍ତି ।

# ଅଜବ ହେଲେ ବି ଉପକାରୀ

**କେବଳ ଔଷଧ ଅସୁସ୍ଥତାରୁ ଆରୋଗ୍ୟ କରେ ନାହିଁ, ଅନେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ଥେରାପିର ବ୍ୟବହାର କରାଯାଏ । ଚିକିତ୍ସକୀୟ ଥେରାପି ବାଦ୍ ଏପରି ଏକାଧିକ ଥେରାପି ରହିଛି ଯାହା ମଣିଷର ମାନସିକ ଅସୁସ୍ଥତା ଉପଶମ କରିବାରେ ଖୁବ୍ ଉପକାରୀ । ଶୁଣିବାକୁ ଅଜବ ଲାଗୁଥିଲେ ମଧ୍ୟ ଏହାର ଚମତ୍କାରୀ ପ୍ରଭାବ ରହିଛି ଏପରି ୫ଟି ଥେରାପି ସମ୍ପର୍କରେ ....**

## ମ୍ୟୁଜିୟମ ଥେରାପି:



କାନାଡାରେ ରୋଗୀମାନଙ୍କୁ ଆରୋଗ୍ୟ କରିବା ଲାଗି ମ୍ୟୁଜିୟମ ଥେରାପି ଖୁବ ଉପକାରୀ ହେଉଥିବା ଦେଖାଯାଉଛି । ଏଠାରେ ଡାକ୍ତରମାନେ ରୋଗୀଙ୍କୁ ମ୍ୟୁଜିୟମ ଦେଖିବା ଲାଗି ମାଗଣା ଭାଉଚର ଦେଛଇଥାନ୍ତି । ୯ମାସ ମଧ୍ୟରେ ୧୮୫ଟି ଭାଉଚରରେ ୭୪୦ ଜଣ ରୋଗୀ ମ୍ୟୁଜିୟମ ବୁଲିଆସିଲେଣି । ସେମାନଙ୍କ ସ୍ୱାସ୍ଥ୍ୟରେ ବେଶ ସୁଧାର ଆସିଥିବା ଡାକ୍ତର କହୁଛନ୍ତି । ଗତବର୍ଷ ନଭେମ୍ବର ମାସରେ ମଣ୍ଟ୍ରିଲ ମ୍ୟୁଜିୟମ ଅଫ୍ ଫାଇନ ଆର୍ଟସର ସଦସ୍ୟମାନେ ମେଡିସିନସ ଫ୍ରାନସୋଫାନସ ଡୁକାନାଡ଼ା ସହିତ ମିଶି ଏହି ଯୋଜନା କରିଥିଲେ । ଏଥିରେ ଡାକ୍ତର ରୋଗୀଙ୍କୁ ମ୍ୟୁଜିୟମ ବୁଲିବା ଲାଗି ମାଗଣା ଭାଉଚର ଦେଇଥାନ୍ତି । ମଣ୍ଟ୍ରିଲ ମ୍ୟୁଜିୟମ ବୁଲିବା ଲାଗି ଜଣକ ୩୧ଡଲାର ପଡୁଥିବା ବେଳେ ଡାକ୍ତର ଦେଇଥିବା ଗୋଟିଏ ଭାଉଚରରେ ଚାରିଜଣ ଯାଇପାରିବେ । ଏହାଦ୍ୱାରା ରୋଗୀମାନଙ୍କ ମନରେ ଜିଇବାର ଉତ୍ସାହ ବଢ଼ିଥାଏ ଏବଂ ସେମାନେ ଖୁବଶୀଘ୍ର ଆରୋଗ୍ୟ ଲାଭ କରିଥାନ୍ତି । ସାଧାରଣତଃ ଚିନ୍ତା, ଅବସାଦ, ଆଲଜାଇମର ସହିତ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗରେ ଆକ୍ରାନ୍ତ ରୋଗୀ ଏବଂ ସେମାନଙ୍କ ପରିଜନଙ୍କୁ ଏହି ଭାଉଚର ଦିଆଯାଏ । ଏହା ବିଶ୍ୱରେ ସବୁଠାରୁ ଆଶ୍ଚର୍ଯ୍ୟକର ଚିକିତ୍ସା ଥେରାପି ଏବଂ ଏକବିଂଶ ଶତାବ୍ଦୀରେ ସାଂସ୍କୃତିକ ପରିବେଶ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଲାଗି ସହାୟକ ହେବ ବୋଲି ଡାକ୍ତରମାନେ ମତ ଦିଅନ୍ତି ।




## ଆର୍ଟଥେରାପି

ପାଠପଢ଼ା ଚାପରେ ଛାତ୍ରଛାତ୍ରୀମାନେ ସାଧାରଣତଃ ବ୍ୟସ୍ତ ହୋଇପଡ଼ନ୍ତି ଏବଂ ମୁଣ୍ଡବ୍ୟଥାରେ ଆକ୍ରାନ୍ତ ହୁଅନ୍ତି ବୟସ୍କଙ୍କଠାରେ ଏହି ସମସ୍ୟା ଦେଖାଗଲେ ବି ସେମାନଙ୍କ ତୁଳନାରେ କିଶୋରମାନେ ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି । ତେଣୁ ଗବେଷକମାନେ ସେମାନଙ୍କୁ ଏହି ସମସ୍ୟାରୁ ମୁକାଳିବା ଲାଗି ଏକ ଥେରାପି ଆବିଷ୍କାର କରିଛନ୍ତି । କଳା ଆଧାରିତ ଏହି ଥେରାପିର ନାଁ ଆର୍ଟ ଥେରାପି' । ୱାଶିଂଟନ ବିଶ୍ୱବିଦ୍ୟାଳୟର ଗବେଷକମାନେ ସିଆଟଲର ଏକ ହାଇସ୍କୁଲରେ ୧୪ରୁ ୧୭ବର୍ଷ ବୟସର ଛାତ୍ରୀମାନଙ୍କ ଉପରେ ଏହି ଥେରାପି ପ୍ରୟୋଗ କରିଥିଲେ । ଏଥିରେ ଜଣେ ଚିତ୍ର ଆଙ୍କିବା, ରଙ୍ଗ ଦେବା, ମୂର୍ତ୍ତି ଗଢ଼ିବା ଆଦି କାମ କରିପାରିବେ କିମ୍ବା ଏପରି ସୁନ୍ଦର କଳାକୃତିକୁ ଦେଖିପାରିବେ । ଏହା ମାନସିକ ଶାନ୍ତି ଦେବା ସହିତ ବିଭିନ୍ନ ମନସ୍ତାତ୍ତ୍ୱିକ ସମସ୍ୟାର ସମାଧାନ କରିଥାଏ । ବିଶୋରମାନଙ୍କ କ୍ଷେତ୍ରରେ ଏହି ଥେରାପି ଖୁବ୍ ସହାୟକ ହୋଇପାରିବ ବୋଲି ଏହି ରିପୋର୍ଟର ଲେଖକ ତଥା ୱାଶିଂଟନ ବିଶ୍ୱବିଦ୍ୟାଳୟର ମାନବକୈନ୍ଦ୍ରିକ ଡିଜାଇନ ଏବଂ ଇଞ୍ଜିନିୟରିଂ ବିଭାଗର ବୈଜ୍ଞାନିକ ଏଲିନ ଜୋରଲିଙ୍ଗ କହିଛନ୍ତି ।

## କ୍ଲାଉନ ଥେରାପି:



ଜୋକର ଦେଖିବାକୁ ପିଲାଙ୍କଠାରୁ ବଡ଼ଯାଏ ସମସ୍ତେ ପସନ୍ଦ କରନ୍ତି । ସାଧାରଣ ମଣିଷଟିଏ ଜୋକର ପରି ପୋଷାକ, ଟୋପି ପିନ୍ଧି ନାକରେ ବଲ ଲଗାଇ ଅସାଧାରଣ ଚରିତ୍ର ପାଲଟିଯାଏ । ଯେତେ ମନଦୁଃଖରେ ଥିଲେ ସୁଦ୍ଧା ଜୋକର ଦେଖିବା ମାତ୍ରେ ଆପେ ହସ ବାହାରିଆସେ । ଏବେ ଏହି ଜୋକର ବେଶଭୂଷା ଚିକିତ୍ସା ବିଜ୍ଞାନରେ ଏକ ଥେରାପି ଭାବେ ବ୍ୟବହୃତ ହେଉଛି । ମାନସିକ ରୋଗ ଚିକିତ୍ସକ ଚେରିଲ କାର୍ପ ନିଜ ଅନୁଭୂତିକୁ ନେଇ ୧୯୯୮ ମସିହାରେ କ୍ଲାଉନ୍ ଥେରାପି ଉପରେ ଏକ ଆଲେଖ୍ୟ ପ୍ରସ୍ତୁତ କରିଥିଲେ । ଏହାପରେ ଏହି ଥେରାପି ଦୃଷ୍ଟି ଆକର୍ଷଣ କରିଥିଲା ବିଶେଷକରି ଡ୍ରଗସ କବଳରେ ପଡୁଥିବା ଲୋକମାନଙ୍କୁ ଆରୋଗ୍ୟ କରିବା ଲାଗି ଏହା ସହାୟକ ହେଉଛି । ନେପାଳ ଭୂମିକମ୍ପ ବେଳେ ଆତଙ୍କିତ ଲୋକ ଏବଂ ଶିଶୁମାନଙ୍କୁ ଭୟମୁକ୍ତ କରିବା ଲାଗି ଏଭଳି କ୍ଲାଉନ ଥେରାପିର ଆଶ୍ରୟ ନିଆଯାଇଥିଲା । ମୁଖ୍ୟତଃ ଇସ୍ରାଏଲ ଏହି ଥେରାପି ବିଶେଷଜ୍ଞମାନଙ୍କୁ ନେପାଳ ପଠାଇଥିଲା ।

## ବାଲି ଥେରାପି:

ସମୁଦ୍ର କୂଳରେ ବାଲି ଦେଖିବା ମାତ୍ରେ ଯେତେ ବୟସ୍କ ଲୋକ ହେଲେ ବି ବାଲିକୁ ଖୋଳି ଘର କରିବାର ଲୋଭ ସମ୍ଭାଳି ପାରନ୍ତି ନାହିଁ । ବାଲିରେ ହାତ ଏବଂ ଗୋଡ଼ ଭର୍ତ୍ତି କରି ରଖିଲେ କିଛି ଆରାମ ଲାଗିଥାଏ । ଏହା ଏକପ୍ରକାର ଥେରାପି ବୋଲି ଚିକିତ୍ସା ବିଜ୍ଞାନ ବି ସମ୍ମତ ହୋଇଛି । ୧୯୫୦ ମସିହାରେ ଜଣେ ମନସ୍ତତ୍ତ୍ୱବିତ୍ ଡୋରାକାଲ୍ଫ୍ ଏହି ଥେରାପି ଆବିଷ୍କାର କରିଥିଲେ । ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ମିଶି ସେ ବାଲି ଟ୍ରେ ବ୍ୟବହାର କରି ଚିକିତ୍ସା କରିବାର ସୂତ୍ର ବାହାର କଲେ । ଏହା ରୋଗୀଙ୍କ ଭାବନା ଉନ୍ନତ ସ୍ତରକୁ ନେଇଥାଏ । ମାଲେସିଆରେ ଷ୍ଟ୍ରୋକରେ ଆକ୍ରାନ୍ତ ରୋଗୀଙ୍କ ଶରୀରର କିଛି ଭାଗ ବାଲିରେ ପୋତିଲେ ସେମାନଙ୍କର ଶୀଘ୍ର ଉପଶମ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହା ସେଠାକାର ଅନ୍ୟତମ ପାରମ୍ପରିକ ଚିକିତ୍ସା ପଦ୍ଧତି ।



# ପ୍ଲାଷ୍ଟିକମୁକ୍ତ ହେବ ଘର

ପରିବେଶ ପ୍ରଦୂଷଣରେ ଏବେ ପ୍ରମୁଖ ଭୂମିକା ଗ୍ରହଣ କରିଛି ପ୍ଲାଷ୍ଟିକ । ଏହା ନଷ୍ଟ କରିବାକୁ ଚାହିଁଲେ ବି ମାଟିରେ ସହଜରେ ମିଶେନାହିଁ ଏବଂ ପୋଡ଼ିଲେ ଅତି ବିଷାକ୍ତ ଗ୍ୟାସ୍ ସୃଷ୍ଟି ହୁଏ । ତେଣୁ ପରିବେଶକୁ ପ୍ଲାଷ୍ଟିକମୁକ୍ତ କରିବାର ପ୍ରୟାସ ଚାଲିଛି । ନିଜେ ଇଚ୍ଛା କଲେ, କେତୋଟି ଛୋଟ ଛୋଟ କଥା ପ୍ରତି ଦୃଷ୍ଟି ଦେଇ ଘରକୁ ମଧ ବହୁ ପରିମାଣରେ ପ୍ଲାଷ୍ଟିକମୁକ୍ତ ରଖିପାରିବେ ।



ଘରେ ପାଣି ପିବା ଲାଗି ପ୍ଲାଷ୍ଟିକ ବୋତଲ ବ୍ୟବହାର କରୁଥିଲେ ଏହା ବଦଳରେ ଷ୍ଟିଲ କିମ୍ବା କାଚ ବୋତଲ ବ୍ୟବହାର କରିପାରିବେ । ବଜାରରେ ଏପରି ବହୁ ସୁନ୍ଦର ବୋତଲ ମିଳୁଛି ।

ସାଧାରଣତଃ ଘରୁ ଆବର୍ଜନା ଫିଙ୍ଗିବା ଲାଗି ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର କରିଥାଉ । ଏହା ବଦଳରେ ଶୀଘ୍ର ନଷ୍ଟ ହୋଇପାରୁଥିବା ବାୟୋ ଡିଗ୍ରେଡେବ୍ଲ ଗାର୍ବେଜ ବ୍ୟାଗ୍ ଆଣନ୍ତୁ । ଏହା ସହଜରେ ବଜାରରେ ମିଳିପାରୁଛି ଏବଂ ମୂଲ୍ୟ ମଧ୍ୟ ଖୁବ୍ କମ୍ ।

ରୋଷେଇଘରେ ଖାଇବା ଘୋଡ଼ାଇବା ପାଇଁ ଫାଇଲ ର୍ୟାପ୍ ଭଲ ବିକଳ୍ପ ହେବ । ଏହାର ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଖାଦ୍ୟକୁ ପ୍ଲାଷ୍ଟିକ ତୁଳନାରେ ଅଧିକ ସୁରକ୍ଷିତ ଏବଂ ସତେଜ ରଖେ ।



ସକାଳୁ ଦାନ୍ତ ଘଷିବା ବେଳଠାରୁ ପ୍ଲାଷ୍ଟିକ ଆରମ୍ଭ ହୁଏ । ଦାନ୍ତଘଷା ବ୍ରସ୍ ବ୍ୟବହାର ଅନୁପଯୋଗୀ ହୋଇ ପିଙ୍ଗାଯିବା ପରେ ନଷ୍ଟ ହେବାକୁ ଚାରିଶହ ବର୍ଷ ଲାଗିଯାଏ । ଏହା ବଦଳରେ ଏବେ ମିଳୁଥିବା ବାଉଁଶରେ ତିଆରି ବ୍ରସ୍ ବ୍ୟବହାର କରିପାରିବେ ।

ଘର ସୁଗନ୍ଧିତ ରଖିବା ଲାଗି ଏୟାର ପ୍ୟୁରିଫାୟର ପରିବର୍ତ୍ତେ ଧୂପକାଠି ବ୍ୟବହାର କରିପାରିବେ । ଏହା ଅଧିକ ପରିବେଶ ଅନୁକୂଳ ଏବଂ ଶସ୍ତା ମଧ୍ୟ ।

# ବର୍ଷା ପାଗର ସୁଆଦ ଆଳୁଚପ୍

ବର୍ଷାଭିଜା ପାଗରେ ଚଟପଟା ଖାଦ୍ୟ ଖାଇବାକୁ ଖୁବ୍ ଭଲ ଲାଗେ । ଏଇଦିନେ କିନ୍ତୁ ବଜାର ଖାଦ୍ୟ ଖାଇବାକୁ ଭୟ ଲାଗେ, କାରଣ ହେଲା ପେଟ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଥାଏ । ଏସବୁରୁ ବର୍ତ୍ତିବାକୁ ହେଲେ ଘରେ ସୁଆଦିଆ ବ୍ୟଞ୍ଜନ କରି ଖାଆନ୍ତୁ । ଖୁବ୍ କମ ସମୟରେ ତଥା ସହଜ ଭାବେ ଆଳୁ ଚାଟ୍ ପ୍ରସ୍ତୁତ କରିହେବ ।





### ଆବଶ୍ୟକ ସାମଗ୍ରୀ


୩ଟି ଆଳୁ ସିଝା, ଅଧ ଚାମଚ ଲଙ୍କା ପାଉଡର ୧ଛୋଟ ଚାମଚ ଭଜା ଜିରା ଗୁଣ୍ଡ, ୧ଛୋଟ ଚାମଚ ଚାଟ ମସଲା, ପୋଦିନା ଚଟଣି, ଚୂନାଚୂନା କଟା ଧନିଆ ପତ୍ର, ପିଆଜ କଟା, ଟମାଟୋ କଟା, ସ୍ୱାଦ ଅନୁସାରେ ଲୁଣ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଆଳୁକୁ ଭଲଭାବେ ଚକଟି ନିଅନ୍ତୁ । ଏବେ କଡ଼େଇ ଗରମ କରି ଅଳ୍ପ ତେଲ ପକାଇବେ । ସେଥିରେ ପିଆଜ ଓ ଟମାଟୋକୁ ହାଲକା ଭାବେ ଭାଜି ବାହାର କରିନେବେ ଏବେ ଚକଟା ଆଳୁରେ ଅନ୍ୟ ସମସ୍ତ ମିଶ୍ରଣ ପକାଇ ଦିଅନ୍ତୁ । ଶେଷରେ ଧନିଆ ପତ୍ର ମିଶାଇ ସମସ୍ତଙ୍କୁ ପ୍ଲେଟରେ ପରଷି ନିଜେ ମଧ୍ୟ ଖାଆନ୍ତୁ । ଏଇ ଘରୋଇ ଚାଟର ସ୍ୱାଦ ଖୁବ୍ ମଜାଦାର ।

# ସୌନ୍ଦର୍ଯ୍ୟ ବିଶେଷଜ୍ଞମାଛ

ସାମୁଦ୍ରିକ ମାଛମାନଙ୍କ ମଧ୍ୟରେ ଏପରି ପ୍ରଜାତିର ମାଛ ଠାବ କରାଯାଇଛି ଯିଏ ଚର୍ମ ଖରାପ ହୋଇଯାଇଥିବା ମାଛମାନଙ୍କର ଚର୍ମ ସଫା କରିସେମାନଙ୍କୁ ସୁସ୍ଥ, ସୁନ୍ଦର ଏବଂ ସ୍ମାର୍ଟ କରିଥାନ୍ତି । ଏହି ମାଛକୁ କ୍ଲିନର ଫିଶ୍ ବୋଲି କୁହାଯାଉଛି । ସମୁଦ୍ରମାଛମାନେ ନିଜ ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟର ଖୁବ୍ ଯତ୍ନ ନେଇଥାନ୍ତି । ସେଥିପାଇଁ ସମୁଦ୍ର ଭିତରେ ଥିବା ବିଭିନ୍ନ ପ୍ରକାର ମାଛଙ୍କର ସହାୟତା ନିଅନ୍ତି ସେମାନେ । ଏହି ମାଛମାନଙ୍କୁ ବୈଜ୍ଞାନିକମାନେ କ୍ଲିନର ଫିଶ୍ ବା କ୍ଲିନିଂ ପିଶ୍ ବୋଲି ନାମ ଦେଇଛନ୍ତି । ଏମାନଙ୍କର ଲମ୍ବା ୧୦ ସେଣ୍ଟିମିଟର ଅର୍ଥାତ୍ ପ୍ରାୟ ୪ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ । ବିଭିନ୍ନ ରଙ୍ଗର ହୋଇଥିବାରୁ ଏହି ପ୍ରଜାତିର ସବୁମାଛ ଖୁବ୍ ସୁନ୍ଦର ଦେଖାଯାଆନ୍ତି । ଲମ୍ବା ଏବଂ ପତଳା ହେବା ସହ ଶରୀରରେ ଲମ୍ବା ଗାର ପଡ଼ିଥାଏ ଯାହା ଏହି ମାଛଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରେ । ଏମାନେ ବଡ଼ ମାଛକୁ ସଫା ହେବା ଲାଗି ଆକୃଷ୍ଟ କରନ୍ତି । ଏହାପରେ ଗୋଟିଏ ଦଳ ହୋଇ ଆରାମରେ ସେମାନଙ୍କ ଶରୀର ସଫା କରିଥାନ୍ତି । ଏହି ମାଛମାନେ ସଫା ହେବାକୁ ଆସିଥିବା ମାଛମାନଙ୍କ ପାଟିରେ ବି ପଶିଯାନ୍ତି ଏବଂ ସେଠାରେ ଥିବା କ୍ଷତିକାରକ କୀଟାଣୁ ତଥା ରୁଗଣ କୋଷଗୁଡ଼ିକୁ ସଫା କରିଦିଅନ୍ତି । ବଦଳରେ ସେମାନଙ୍କୁ କିଛି ଖାଦ୍ୟ ମିଳିଯାଏ । କ୍ଲିନର ଫିଶ୍ ନିଜ ପାଇଁ ପୁଷ୍ଟିକର ହୋଇଥିବା କୋଷ ଏବଂ ମୃତ ତ୍ୱଚାଗୁଡ଼ିକୁ ଖାଇଥାନ୍ତି । ଏମାନଙ୍କର ପାଟି ଖୁବ୍ ଛୋଟ ହୋଇଥିଲାବେଳେ ଓଠ ଆଗକୁ ବଢ଼ିଯାଇଛି । ଦାନ୍ତ ଖୁବ୍ ତୀକ୍ଷଣ ତେଣୁ ସଫା କରିବା ସହଜ ହୁଏ । ଯେଉଁ ଆକ୍ୱାରିୟମରେ ସାଲମନ ପରି ଦାମୀ ମାଛ ରଖାଯାଇଥାଏ, ସେଠାରେ ଏଭଳି କେତୋଟି କ୍ଲିନର ମାଛଙ୍କୁ ପରିବେଶ ସଫା ରଖିବାକୁ ଛାଡ଼ିଦିଆଯାଏ । କ୍ଲିନର ମାଛମାନେ ନିଜ ସ୍ୱାସ୍ଥ୍ୟର ଖୁବ୍ ଯତ୍ନ ନିଅନ୍ତି ଏବଂ ରାତିରେ ପର୍ଯ୍ୟାପ୍ତ ସମୟ ଶୋଇଥାନ୍ତି ପାଇପ୍ ଫିଶ୍, ଚିଚଲିହସ, କ୍ୟାଟଫିଶ୍ ଏବଂ କେତେକ ପ୍ରଜାତିର ଚିଙ୍ଗୁଡ଼ି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।



# କୋକିଶିଆଳିର ରେକର୍ଡ



କେବଳ ମଣିଷ ରେକର୍ଡ଼ କରିପାରନ୍ତି ନାହିଁ, ପଶୁମାନେ ମଧ ବିଭିନ୍ନ କ୍ଷେତ୍ରରେ ରେକର୍ଡ କରିପାରନ୍ତି ବୋଲି ପ୍ରମାଣିତ କରିଛି ଏକ କୋକିଶିଆଳି । ନରୱେର ଏକ ଦ୍ୱୀପରୁ କାନାଡାର ଏକ ଦ୍ୱୀପ ପର୍ଯ୍ୟନ୍ତ ଚାଲିଚାଲି ଚାରିମାସ ମଧ୍ୟରେ ରେକର୍ଡ ଦୂରତା । ଅତିକ୍ରମ କରିଛି ସେ । ଏଥିରେ ପ୍ରାୟ ୩୫୦୦ କିଲୋମିଟର ସେ ଅତିକ୍ରମ କରିଥିଲା । କୌଣସି ପଶୁ ଏପରି ଦୂରତା ମାତ୍ର ଚାରିମାସରେ ଅତିକ୍ରମ କରିଥିଲା । କୌଣସି ପଶୁ ଏପରି ଦୂରତା ମାତ୍ର ଚାରିମାସରେ ଅତିକ୍ରମ କରିବାରେ ବୈଜ୍ଞାନିକମାନେ ମଧ ଆଶ୍ଚର୍ଯ୍ୟ ହୋଇଗଲେ । ନରୱେଜିଆନ୍ ପୋଲାର ଇନଷ୍ଟିଚ୍ୟୁଟର ଗବେଷକମାନେ ୨୦୧୭ ମସିହାରେ ମେରୁ ଅଞ୍ଚଳରେ ଦେଖାଯାଉଥିବା ଏକ ବିଶେଷ ପ୍ରଜଚାତିର କୋକିଶିଆଳି ବେକରେ ଟ୍ରାକିଂ କଲାରଲଗାଇଥିଲେ । ଏହି କୋକିଶିଆଳି ପ୍ରଜାତି ସମ୍ପର୍କରେ ଅଧନ କରିବା ସେମାନଙ୍କର ଲକ୍ଷ୍ୟ ଥିଲା । ଟ୍ରାକ୍ କରିବାରେ ଜଣାପଡ଼ିଲା ଯେ କୋକିଶିଆଳିଟି ମାସାଧିକ କାଳ ପଶ୍ଚିମ ସ୍ୱିଟସବରେନର ସମୁଦ୍ର କୂଳରେ ରହିଲା । ସେହି ସ୍ଥାନ ଛାଡ଼ି ୯୩୯ ମାଇଲ ଯାତ୍ରା କରିବା ପରେ ୨୦୧୮ ଏପ୍ରିଲ ୧୬ ତାରିଖରେ ଏହା ଗ୍ରୀନଲାର୍ଡରେ ପହଞ୍ଚିଥିଲା ଏବଂ ସେଠାରୁ ଜୁଲାଇ ୧ତାରିଖ ପର୍ଯ୍ୟନ୍ତ କାନାଡ଼ା ଯାଏ ଯାତ୍ରା କରିଥିଲା । ମେରୁ ଅଞ୍ଚଳର କୋକିଶିଆଳିଙ୍କ କ୍ଷେତ୍ରରେ ବୟସ୍କଙ୍କ ଅପେକ୍ଷା ଯୁବ କୋକିଶିଆଳି ୧୪ଗୁଣ ଦ୍ରୁତ ବେଗରେ ଯାଏ ଏମାନଙ୍କର ମୋଟା ଲୋମ ୫୦ରୁ-୫୮ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଥଣ୍ଡାରୁ ସୁରକ୍ଷା ଦେଇପାରେ ।

# ପୋଡ଼ା ଦାଗ ଲିଭାଇବ ପଟି

ଆଇଆଇଟି ଦିଲ୍ଲୀର ତିନ ବିଦ୍ୟାର୍ଥୀ ଏପରି ଏକ ପଟି ପ୍ରସ୍ତୁତ କରିଛନ୍ତି ଯାହା ପୋଡ଼ାଦାଗର ଚିହ୍ନ ଦୂରେଇଦେବ । ସେକେଣ୍ଡ ଡିଗ୍ରୀ ବର୍ନ ଇଞ୍ଜୁରୀ କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରିବ । ଅର୍ଥାତ୍ ଚର୍ମର ଦ୍ୱିର୍ତୀ ସ୍ତର ପର୍ଯ୍ୟନ୍ତ ପହଞ୍ଚିଯାଇଥିବା । ପୋଷାକ୍ଷତର ଚିକିତ୍ସା ସହଜ ହେବ । ଆରାଧନା, କୀର୍ତ୍ତିକା ଏବଂ ଗୋପେନ୍ଦ୍ର ନାମକ ତିନି ବିଦ୍ୟାର୍ଥୀ ପ୍ରାଫସରମାନଙ୍କ ଦିଗଦର୍ଶନରେ ଏହି ପଟି ପ୍ରସ୍ତୁତ କରିଛନ୍ତି । ଏମସ ସହ ମିଶି ସେମାନେ ଏହାର ସଫଳ ପରୀକ୍ଷଣ କରିପାରିଛନ୍ତି । ସବୁଠାରୁ ଭଲ ଖବର ହେଉଛି, ଏଭଳି ପଟି ଆମେରିକା ପରି ଦେଶରେ ପୂର୍ବରୁ ମିଳୁଛି । ତେବେ ସେଠାରେ ଏହି କାମ କରୁଥିବା ପଟିର ମୂଲ୍ୟ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥିବାବେଳେ ଭାରତରେ ଏହାକୁ ୫୦୦ରୁ ୧୦୦୦ ଟଙ୍କା ମଧ୍ୟରେ କିଣାଯାଇପାରିବ । ଏକ ରିପୋର୍ଟ ଅନୁସାରେ ପ୍ରତିବର୍ଷ ଦେଶରେ ୬୦ରୁ ୭୦ ଲକ୍ଷ ଲୋକ ପୋଡ଼ାଜଳା ଜନିତ କ୍ଷତର ଉପଶମ ପାଇଁ ଚିକିତ୍ସିତ ହୁଅନ୍ତି । ଭଲ ହେବା ପରେ ବି ପୋଡ଼ାଦାଗ ଲିଭାଇବା ଲାଗି ସେମାନଙ୍କୁ ବହୁ ଚେଷ୍ଟା କରିବାକୁ ହୁଏ । ଏପରି କ୍ଷେତ୍ରରେ ଏହି ପଟି ସେମାନଙ୍କ ପାଇଁ ଉପକାରୀ ହୋଇପାରିବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୂଆ ଶକ୍ତି...

ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ଲଢୁଆ ବିମାନ 'ରାଫେଲ'ର ପ୍ରଥମ ଦଫା ଭାରତରେ ପହଞ୍ଚିଛି । ପ୍ରଥମ ପର୍ଯ୍ୟାୟରେ ପାଞ୍ଚଟି ବିମାନ ବୁଧବାର ଦିନ ଅମ୍ବାଲା ବାୟୁସେନା ଘାଟିରେ ଅବତରଣ କରିଛି । ପ୍ରଶିକ୍ଷିତ ଭାରତୀୟ ବାୟୁସେନାର ପାଇଲଟ୍‌ମାନେ ପ୍ରାୟ ୭୦୦୦ କିଲୋମିଟର ଆକାଶ ପଥ ଅତିକ୍ରମ ପରି ଏହାକୁ ଆଣିଛନ୍ତି । ଯଥାଶୀଘ୍ର ଭାରତୀୟ ବାୟୁସେନାରେ ଏହାକୁ ସାମିଲ କରାଯିବ । ପଞ୍ଚମ ପିଢ଼ିର ଏହି ଲଢୁଆ ବିମାନ ଭାରତୀୟ ବାୟୁସେନାର ଛାମୁଆ ଯୁଦ୍ଧାସ୍ତ୍ର ହେବ । କାରଣ ଏଥିରେ ଖଞ୍ଜାଯିବାକୁ ଥିବା 'ସ୍କାଲ୍ପ', 'ମେଟିଓର' ଏବଂ 'ହାମର' ଭଳି କ୍ଷେପଣାସ୍ତ୍ର (ଯାହାକି ଦୀର୍ଘଠାରୁ ସ୍ୱଳ୍ପ ରେଞ୍ଜ ପର୍ଯ୍ୟନ୍ତ ଏବଂ ଆକାଶରୁ ଆକାଶ ମାର୍ଗକୁ ନିକ୍ଷେପକ୍ଷମଠାରୁ ନେଇ ଆକାଶରୁ ଭୂପୃଷ୍ଠକୁ ମାରକ କ୍ଷମତାଯୁକ୍ତ) ଏବେ ଭାରତ ହାସଲ କରିସାରିଛି । ଭାରତୀୟ ବାୟୁସେନା ଏହି ପିଢ଼ିର ଲଢୁଆ ବିମାନ ପାଇଁ ଦୀର୍ଘଦିନରୁ ଦାବି କରିଆସୁଥିଲା । ପ୍ରାୟ ତିନି ଦଶନ୍ଧି ବ୍ୟବଧାନରେ ଏଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ଦେଶର ବାୟୁସେନାକୁ କେବଳ ଶତ୍ରୁପକ୍ଷ ଆକ୍ରମଣରେ ମୁକାବିଲା କରିବା ସକାଶେ ନୁହେଁ, ପ୍ରତିଆକ୍ରମଣ ଓ ଆତ୍ମରକ୍ଷା ନିମନ୍ତେ ମଧ ବେଶ୍ ଉପକାରସିଦ୍ଧ ହୋଇପାରିବ । ବିଶେଷକରି ଚୀନ୍ ଓ ପାକିସ୍ତାନ ବିପକ୍ଷରେ ଯଦି ଭବିଷ୍ୟତରେ କୌଣସି ପ୍ରକାର ସାମରିକ ବିବାଦ ଉତ୍ପନ୍ନ ହୁଏ, ତେବେ ରାଫେଲ ବିମାନ ଭାରତୀୟ ବାୟୁସେନାର ଛାମୁଆ ଲଢୁଆ ବିମାନ ଭାବେ କାର୍ଯ୍ୟ କରିବ । ଚୀନ ସହ ଲଦାଖର ଗଲୱାନ ଘାଟିରେ ଭାରତୀୟ ସେନାଙ୍କର ବାସ୍ତବ ନିୟନ୍ତ୍ରଣ ରେଖାକୁ ନେଇ ସମସ୍ୟା ଉତ୍ପନ୍ନ ହୋଇଛି ତାହା ସାମୟିକ ଭାବେ ଭଙ୍ଗା ପଡ଼ିଥିଲେ ସୁଦ୍ଧା ଭବିଷ୍ୟତରେ କି ରୂପ ନେବ ତାହା କହିବା ଅସମ୍ଭବ । କାରଣ ଚୀନ ଓ ପାକିସ୍ତାନ ଠାରୁ ଭାରତ ଏକାଧିକ ବାର ଧକ୍କା ଓ ଧୋକା ଖାଇ ସାରିଛି । ଏବେ ଚୀନ ଓ ପାକିସ୍ତାନ ପ୍ରଚ୍ଛନ୍ନରେ ହାତ ମିଳାଇ ଭାରତକୁ ଚାପଗ୍ରସ୍ତ କରି ରଖିବାକୁ ମସୁଧା କରୁଛନ୍ତି । ଏକାଧିକ ଯୁଦ୍ଧରେ ଭାରତଠାରୁ ହାରି ପାକିସ୍ତାନ ଏବେ ଏକାକୀ ଭାରତ ସହ ଲଢ଼ିବାର ଅବସ୍ଥାରେ ନାହିଁ । କିନ୍ତୁ ଚୀନ ସହ ହାତ ମିଳାଇ ଯଦି ଅକସାଇ ଚୀନ ଓ ଅଧିକୃତ କାଶ୍ମୀର ଅଞ୍ଚଳର ବାୟୁସେନା ଘାଟିକୁ ପାକିସ୍ତାନ ଚୀନର ବ୍ୟବହାର ପାଇଁ ଛାଡ଼ିଦିଏ ତାହା ଭାରତକୁ ଅଡୁଆ ସ୍ଥିତିରେ ପକାଇବ । ଚୀନ ନିକଟରେ ମିଗ୍, ସୁଖୋଇ-୩୦ ଏମକେଆଇ, ଜେ-୧୧, ଜେ-୧୬ ଏବଂ ସୁଖୋଇ-୩୫ ଲଢୁଆ ବିମାନ ରହିଛି । ଚୀନର ମୁକାବିଲା ସକାଶେ ଭାରତ ପାଖକୁ ଏଯାବତ୍ ସୁଖୋଇ-୩୦ ଏମକେଆଇ, ମିରାଜ-୨୦୦୦, ମିଗ୍-୨୯ ଥିଲା । ଏବେ ରାଫେଲ ଭାରତୀୟ ବାୟୁସେନାରେ ସାମିଲ ହେଲେ ଭାରତ ଚୀନଠାରୁ ମଧ ଆଉ ପାଦେ ଆଗକୁ ଆଗେଇ ଯାଇପାରିବ । ତେଣୁ ଉଭୟଙ୍କ ବାୟୁସେନାର ମାରକ ଓ ଆକ୍ରମଣାତ୍ମକ କ୍ଷମତା ପ୍ରାୟ ବରାବର ହୋଇଯିବ । ପୁନଶ୍ଚ, ଫ୍ରାନ୍ସଠାରୁ ଭାରତ ଆହରଣ କରୁଥିବା ଏହି ରାଫେଲଗୁଡ଼ିକ ସୁଉଚ୍ଚ ପାର୍ବତ୍ୟ କ୍ଷେତ୍ରରେ କିପରି ଶତ୍ରୁପକ୍ଷ ଆକ୍ରମଣକୁ ପ୍ରତିହତ କରି ସେମାନଙ୍କ ଉପରେ ଆକ୍ରମଣ କରିପାରିବ ସେଭଳି ବିଶେଷ ବ୍ୟବସ୍ଥା କରାଯାଇଛି । ତେଣୁ ଭାରତୀୟ ବାୟୁସେନା ବିଳମ୍ବରେ ହେଲେ ସୁଦ୍ଧା ରାଫେଲ ବିମାନ ପାଇ ଖୁସି ହେବା ସ୍ୱାଭାବିକ । ଖୁବ୍‌ଶୀଘ୍ର ଅବଶିଷ୍ଟ ରାଫେଲ ପର୍ଯ୍ୟାୟକ୍ରମିକ ଭାବେ ଭାରତକୁ ଯୋଗାଇଦେବାକୁ ଫ୍ରାନ୍ସ ସରକାର ଓ ଏହି ବିମାନର ନିର୍ମାତା ଡାସଲ୍ଡ ଆଭିଏସନ୍ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ସେସବୁର ରକ୍ଷଣାବେକ୍ଷଣ ଓ ମରାମତି ମଧ ମୂଳ କମ୍ପାନି ବହନ କରିବ । ଅନ୍ତତଃ ପକ୍ଷେ ଏକଦଶନ୍ଧି ପାଇଁ ଭାରତୀୟ ବାୟୁସେନା ଏବେ ବେଶ୍ ସୁଦୃଢ଼ ଓ ନିରାପଦ ସ୍ଥିତିରେ ରହିପାରିବ । ଏକବିଂଶ ଶତାବ୍ଦୀରେ ପରିବର୍ତ୍ତେ କେବଳ କ୍ଷମତାକୁ ନେଇ ଯୁଦ୍ଧ ଚାଲିଛି । କୁହାଯାଏ- ଯଦି ଚାହଁ, ତେବେ ଯୁଦ୍ଧ ଲାଗି ପ୍ରସ୍ତୁତତ ରହ । ନିଜର ଉପଯୁକ୍ତ ପ୍ରସ୍ତୁତି ହିଁ ଶତ୍ରୁପକ୍ଷଙ୍କ ମନରେ ଭୟ ସୃଷ୍ଟି କରିଥାଏ ଓ କେହି ଏକ ସୁଦୃଢ଼ ଓ ଶକ୍ତିମାନ ରାଷ୍ଟ୍ର ଉପରେ ଆକ୍ରମଣ କରିନଥାନ୍ତି । ତେଣୁ ଚୀନ ଓ ପାକିସ୍ତାନ ଭଳି ଅବିଶ୍ୱସ୍ତ ପ୍ରତିବେଶୀଙ୍କ ସହ ସହାବସ୍ଥାନର ଯଦ୍ୟପି ବିକଳ୍ପ ନାହିଁ, ସେପରିସ୍ଥଳେ ଭାରତର ସୁରକ୍ଷା ପ୍ରସ୍ତୁତି ଏକାନ୍ତ କାମ୍ୟ ଓ ଯଥାର୍ଥ । ରାଫେଲ ଲଢୁଆ ବିମାନ ଆହରଣ ଏ ଦିଗରେ ଏକ ସଫଳ ଉପକ୍ରମ ବୋଲି କୁହାଯାଇପାରେ ।

## କବିତା କୋଣାର୍କ

### ଶ୍ରାବଣୀଗୋ ତୁମେ....

ଶରତ ଚନ୍ଦ୍ର ଜାଲି

ଶ୍ରାବଣୀଗୋ ତୁମେ ଶ୍ରାବଣେ ମୋ ମନେ
ଝରାଇଲ ପ୍ରେମବର୍ଷା
ବୀରହର ତାତି ଅପସରିଗଲା
ଜଗତ କରୁଛି ଈର୍ଷା ।

ହୃଦୟ କାନନେ ନବ ପଲ୍ଲବିତ
ପ୍ରୀତିର ନବ କଳିକା
ଶୁଷ୍କ ଓଠେ ହସ ଲହରୀ ଭାଙ୍ଗୁଛି
ଛୁଇଁ ଦେଇ ଯେବେ ଏକା ।

ମନମାରି ନିତି ଚାହିଁ ବସିଥିଲି
ତୁମରି ଆସିବା ପଥ
ଆସି ଭିଜେଇଲ ତମମନ ମୋର
ଭାବନାକୁ କଲ ସତ ।

ବିଜୁଳି ରୋଷଣି ଟାଣି ଆଙ୍କିଦେଲ
ଆଶା ଇନ୍ଦ୍ରଧନୁ ପ୍ରାଣେ
ମୁଁ ତୁମ ପ୍ରୀତିର ନିତ୍ୟ ପୂଜାରିଣୀ
କହିଲ ଦୁନିଆ ଜାଣେ ।

କୁଆଡ଼କୁ ଯିବି ତୁମ ହାତ ଛାଡ଼ି
ପ୍ରୀତିଭିଜା ବର୍ଷାମାସେ
ମୋହିତ କରିଲ ଟିକିଏ ଦେଖାରେ
କଦମ୍ବଫୁଲର ବାସେ ।

ମେଘ ମହ୍ଲାରର ସଙ୍ଗୀତକୁ ଗାଇ
ରିମ୍ ଝିମ୍ ନାଚିନାଚି
ସପନେ କହିଲ ଆସ ଗୋପନରେ
ପ୍ରେମ ଦେବି ବାଛିବାଛି ।

ଗୋଟେ ଛତା ତଳେ ସଂଜରୁ ସକାଳେ
ଥିଲୁ ଆମେ ଦୁହେଁ ମିଶି
ଆକାଶରେ ଭାସି ଯାଉଥିଲା ମେଘ
ହସୁଥିଲେ ତାରା, ଶଶି ।

ଶ୍ରାବଣୀଗୋ ତୁମେ ଶ୍ରାବଣେ ଶୁଣାଅ
ଜୀବନର ମଧୁଗୀତି
ଭିଜାଭିଜା ପଥେ ଜନମେ ଜନମେ
ଚାଲୁଥିବା ହୋଇ ସାଥି ।

+ ପଥରା, ଖଲ୍ଲିକୋଟ, ଗଂଜାମ
ମୋ: ୭୮୭୩୯୧୭୬୫୧

## ଭୟ

ପଙ୍କଜ କୁମାର ପାଣିଗ୍ରାହୀ

ଧନ/ଜୀବନ ବିପନ୍ନ ଓ ସାମାଜିକ ଦୁର୍ନାମ ମଧ୍ୟରେ
ମୁଖ୍ୟତଃ ମଣିଷର ସମସ୍ତ ଭୟ କେନ୍ଦ୍ରୀଭୂତ,
ଯାହା ମାନସିକ ଦୁର୍ବଳତା କିମ୍ବା ଅଜ୍ଞାନ ଜନିତ ନିର୍ବୋଧତାରୁ ସୃଷ୍ଟି !
ନିର୍ଧନ, ଶୃଜନ, ସଚେତନ ସର୍ବଦା ନିର୍ଭିକ ହୋଇଥାନ୍ତି !!

ଚରାଚର ଜୀବଜଗତର ସମସ୍ତ ପ୍ରାଣୀଙ୍କ ମନରେ ଭୟ ରହିଥାଏ ଯାହା ଏକ ପ୍ରକୃତି ପ୍ରଦ ଗୁଣ । ମଣିଷ ବ୍ୟତୀତ ଅନ୍ୟ ସମସ୍ତ ପ୍ରାଣୀଙ୍କ ପାଖରେ ଧନ କିମ୍ବା ସାମାଜିକ ସମ୍ମାନର କୌଣସି ସଂଜ୍ଞା ନଥିବାବେଳେ ସେମାନେ କେବଳ ନିଜ ଜୀବନ ବିପନ୍ନତା ପ୍ରତି ସଚେତନ ରହିଥା'ନ୍ତି । ସେହିଭଳି ମଣିଷ ମଧ ସେହି ଦୁଇଟି ବିଷୟ ବ୍ୟତୀତ ସବୁଠାରୁ ଅଧିକ ଭୟ କରୁଥା'ନ୍ତି ଜୀବନ ବିପନ୍ନତାକୁ, ଯାହା ସମ୍ପୂର୍ଣ୍ଣ ଭାବେ ଏକ ପ୍ରାକୃତିକ ଗୁଣ । ଅର୍ଥାତ ପ୍ରାୟତଃ କହିବାକୁ ଗଲେ ସଂସାରର ସମସ୍ତ ପ୍ରାଣୀ ଏବଂ ମଣିଷ ସାଙ୍ଘାତିକ ଭୟ କରିଥା'ନ୍ତି କେବଳ ନିଜ ଜୀବନକୁ । ହେଲେ କୌଣସି ବାହ୍ୟ ରୋଗ ପ୍ରତି ସଚେତନ ରହିବା ପାଇଁ ମଣିଷ ପାଖରେ ଯେଉଁ ଜ୍ଞାନ ଅଛି ତାହା ଅନ୍ୟାନ୍ୟ ପ୍ରାଣୀଜଗତରେ ଦେଖିବାକୁ ମିଳୁନାହିଁ, ଯଦ୍ୱାରା ସେମାନେ ଅନେକ ସମୟରେ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ମରିଯାଉଥିବା ଦେଖିବାକୁ ମିଳୁଥିବାବେଳେ କାହାର ଆକ୍ରମଣର ଶିକାର ହୋଇ ଜୀବନକୁ ପ୍ରତିରକ୍ଷା କରିବାରେ ସେମାନେ ମଣିଷଠାରୁ ଯଥେଷ୍ଟ ସଚେତନ ଯାହା ମଣିଷଙ୍କ ପାଖରେ କ୍ଷୀଣ ମାତ୍ରାରେ ଦେଖିବାକୁ ମିଳିବ । ତେଣୁ ମଣିଷ ସମାଜରେ ସୁରକ୍ଷା ବ୍ୟବସ୍ଥା କରାଯାଇ ବାହ୍ୟ ଆକ୍ରମଣ ଜନିତ ଦାଉରୁ ରକ୍ଷା କରିବା ପାଇଁ ସାଧାରଣ ନିରାପ । ବ୍ୟବସ୍ଥା କରାଯାଇଥିବା ହେତୁ ଆକ୍ରମଣ ଜନିତ ଜୀବନବିପନ୍ନତା ଖୁବ କମ ଦେଖିବାକୁ ମିଳୁଛି । କିନ୍ତୁ ନିଜ ପ୍ରତିରୋଧକ କ୍ଷମତା କିମ୍ବା ବାହ୍ୟ ଜୀବାଣୁ ଜନିତ ରୋଗାକ୍ରାନ୍ତ ହେବାରୁ ନିଜେହିଁ ସତର୍କ ନରହିଲେ ସାମାଜିକ ବ୍ୟବସ୍ଥା ତାହାର ସମାଧାନ ପାଇଁ ଚିକିତ୍ସା ବ୍ୟବସ୍ଥା ରଖିଥିଲେ ମଧ ସମ୍ପୂର୍ଣ୍ଣ ରୂପେ ନିଶ୍ଚିତତା ନଥାଏ ଜୀବନ ନୌକା କେଉଁ ଦିଗକୁ ଯିବ ?! ଅର୍ଥାତ ରୋଗ ସଂକ୍ରମଣ ଦାଉରୁ ନିଜକୁ ରକ୍ଷା କରିବା ଦାଇତ୍ୱ ସମ୍ପୂର୍ଣ୍ଣଭାବେ ବ୍ୟକ୍ତିଗତ ବିଚ୍ରର ଉପରେ ନିର୍ଭର। ଅସଚେତନ ନିର୍ବୋଧ ବିଶେଷ କରି କୌଣସି ବିଷୟକୁ ଗବେଷଣାତ୍ମକ ଭାବେ ପରୀକ୍ଷଣ କରି ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିପାରିବାଭଳି କ୍ଷମତା ନଥାଇ ଅନ୍ୟକୁ ଅନୁସରଣ, ଅନୁକରଣ କରିଚ୍ଛଳିବା ଉପରେ ନିର୍ଭର କରୁଥିବା ମଣିଷ ଅନେକ ସମୟରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି ! ଆଲୋଚ୍ୟ ବିଷୟଟିରେ ଭୟ ଏବଂ ଅହେତୁକ ଭୟ ଉପରେ ଦୃଷ୍ଟିପାତ କରି ମଣିଷ ମନର ଶଙ୍କା ଜନିତ ଭୟକୁ ତର୍ଜମା କଲେ ଜାଣିହେବ ଯେ...............

କୌଣସି ବା ଅନେକ ସମୟରେ ମଣିଷ ନିଜ ବୁଝିବା କ୍ଷମତା ବହିର୍ଭୂତ ବିଷୟକୁ ନେଇ ଅହେତୁକ ଭୟର ସମ୍ମୁଖୀନ ହେଉଥିବା ଏକ ସାଧାରଣ କଥା ! ଉଦାହରଣ ସ୍ୱରୂପ ଭୁତ ! ଆଜିଯାଏ ଭୁତ କେହି ଦେଖିନାହାନ୍ତି ! କିଛି ଲୋକ ଭୁତ ଦେଖିଥିବା ଦାବିକରି ସମାଜକୁ ଯେଉଁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରନ୍ତି ବା ଭୁତର କାରୁକାର୍ଯ୍ୟ / କ୍ଷମତା ବିଷୟରେ ଯେଉଁଭଳି ବର୍ଣ୍ଣନା କରିଥା'ନ୍ତି ସେସବୁ ଶୁଣିଲେ ଶରୀରର ଲୋମ ଟାଙ୍କୁରୀ ଉଠେ ! ଆଉ ନିଜେ ଦେଖିଲେ ଯାହାହେବ ଭାବନା ବହିର୍ଭୁତ ବିଷୟ ! ତେଣୁ ପ୍ରାୟତଃ ସମସ୍ତ ମଣିଷ ଭୁତ ପ୍ରତି ଏକରକମ ଅହେତୁକ ଭୟରେ ରହୁଥିବା ଅସ୍ୱୀକାର କରିହେବ ନାହିଁ । ହେଲେ ଭୁତକୁ ନିଜେ ଦେଖିଥିବା ଦାବିକରୁଥିବା ମଣିଷ ଗୁଡିକ ବାସ୍ତବିକ ଭୁତ ଦେଖି ତାହାର ବର୍ଣ୍ଣନା କରିଥା'ନ୍ତି ନା ସେମାନଙ୍କ ଉଦେଶ୍ୟ ଭିନ୍ନ ସେସବୁକୁ ଗବେଷଣାତ୍ମକ ଜ୍ଞାନ ନଥିବା ମଣିଷ ଅନୁଶୀଳନ କରିବାରେ ଅସାମର୍ଥ୍ୟ ହେତୁ ଏକ ଅହେତୁକ ଭ୍ରାନ୍ତିକର ପରିସ୍ଥିତିରେ ଭୟ କରିଥା'ନ୍ତି। ଅନ୍ୟ ପକ୍ଷରେ କହିବାକୁ ଗଲେ ଭୁତ ଦେଖିଥିବା ଦାବି କରୁଥିବା ମଣିଷ ଗୁଡିକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ଗୋଷ୍ଠୀ ଭୁତ କାହାକୁ କୁହାଯାଏ, ଭୁତ ଦିଶେ କେମିତି ଏବଂ ତାହାର ବାସ୍ତବ ସତ୍ୟାସତ୍ୟ କ'ଣ ଇତ୍ୟାଦି ନଜାଣିପାରି ସେମାନେ ଦେଖିଥିବା କୌଣସି ଦୃଶ୍ୟମାନ, ଅଦୃଶ୍ୟ ମାନସର ଆକାରକୁ ଭୁତ ବୋଲି ଭାବି ତାହାର ପ୍ରକୋପ ଗୁଡିକ ବିଷୟରେ ବର୍ଣ୍ଣନା କରିଥା'ନ୍ତି ଯାହା ଜନମାନସକୁ ଥରହର କରିଦିଏ । ଭୁତ ଦେଖିନଥିବା ସାଧାରଣ ମଣିଷ ସେସବୁ ବର୍ଣ୍ଣନା ଗୁଡିକ ଶୁଣି ଏତେ ଭୟଭୀତ ହୋଇଥା'ନ୍ତି ଯେ କୌଣସି କାରଣରୁ ସେମାନଙ୍କୁ ଭୁତ ନଦିସୁ ବୋଲି ବିଭିନ୍ନ ଉପାୟ ଅବଲମ୍ବନ କରିଥା'ନ୍ତି ଯାହା ସେମାନଙ୍କ ମନମାନସକୁ ଶକ୍ତି ଯୋଗାଇଥାଏ । ଅନ୍ୟ ଏକ ଗୋଷ୍ଠୀ ଭୁତ ନଦେଖି ମଧ ଭୁତର ବର୍ଣ୍ଣନା ଏତେ ସାଙ୍ଘାତିକ ରୂପରେ କରିଥା'ନ୍ତି ଯାହା ଭୁତ ଦେଖିଥିବା ମଣିଷଙ୍କ ଠାରୁ ମଧ ଆହୁରି କଠୋର ହୋଇଥାଏ । ସେହିମାନେ ମଣିଷ ସମାଜରେ ନିଜର କପୋଳକଳ୍ପିତ କିମ୍ବା ପ୍ରାୟୋଜିତ ବିଚ୍ରରଧାରାକୁ ନେଇ ଯେଉଁ ଭୁତର ଭୟ ସୃଷ୍ଟି କରିଥା'ନ୍ତି ସେମାନଙ୍କ ଉଦେଶ୍ୟକୁ ନବୁଝି ଅଜ୍ଞାନ, ନିର୍ବୋଧ ମଣିଷ ଏତେମାତ୍ରାରେ ଭୟଭୀତ ହୋଇଥା'ନ୍ତି ଯେ ତାହାର ସତ୍ୟାସତ୍ୟ କହିବାକୁ ଗଲେ କେବଳ ଚପଲରେ ମାରିବା ଛଡା ଆଉ କିଛି ବିଚ୍ରର ଆସିବନାହିଁ ସେମାନଙ୍କ ମନକୁ । ତେଣୁ ଚେତନାଶୀଳ ମଣିଷମାନଙ୍କ ସଚେତନତା ସେହି ଭ୍ରାିକର ତଥ୍ୟକୁ କାଟୁ ନକରି ପ୍ରାୟତଃ ସମାଜରେ ସମସ୍ତେ ଭୁତ ପ୍ରତି ଏକ ରକମ ଅହେତୁକ ଭୟରେ ଜୁଡୁବୁଡୁ ହେଉଥିବା ସ୍ୱୀକାର ଯୋଗ୍ୟ ।

ଅନୁରୂପ ଅନେକ କଥାକୁ ନେଇ ଆମ ଦେଶର ଧର୍ମଭୀରୁ, ପ୍ରାଣଭୀରୁ ମଣିଷ ମାନଙ୍କୁ କୌଣସି ଅଦୃଶ୍ୟ ଅଲୌକିକ କଥା କହି ଭୟଭୀତ କରାଇବା ଅତ୍ୟନ୍ତ ସହଜ । କାରଣ ଆମଦେଶର ଶିକ୍ଷିତ, ଅଶିକ୍ଷିତ ପ୍ରାୟ ସମସ୍ତେ ନିଜର ସୃଜନଶୀଳତା ନଥାଇ ମାନସିକ ଦୁର୍ବଳତା କିମ୍ବା ଅଜ୍ଞାନ ଜନିତ ନିର୍ବୋଧତା କାରଣରୁ ବିଭିନ୍ନ ବିଭ୍ରାନ୍ତିକର, ଅତାର୍କିକ ଅଲୌକିକ ବିଷୟ ପ୍ରତି ନିର୍ଦ୍ୱନ୍ଦ ଭୟାବହ ବିଶ୍ୱାସ ଭାବନା ରଖିଥାନ୍ତି, ଯାହା ସେମାନଙ୍କ ଶେଷ ନିଷ୍ପ ିରେ ପରିଣତ ହୋଇଥାଏ । ତାର୍କିକ ଅନୁଭୂତି କାହାର ହେଲେ ନଥିବା ପ୍ରାୟତଃ ଦେଖିବାକୁ ମିଳୁଛି ଆମ ଚତୁର୍ପାର୍ଶ୍ୱରେ। ପୁଣି କୌଣସି ତାର୍କିକ ପରିବେଶରେ ସାଧାରଣ ଲୋକ ବିଚଳିତ, କ୍ରୋଧାନ୍ୱିତ ହୋଇ ସେହି ଭି ିହୀନ ଅଲୌକିକ ଅବାନ୍ତର ଭୟାବହ କଥାଗୁଡ଼ିକୁ ପରିତ୍ୟାଗ କରିବା ପାଇଁ ଆଦୌ ରାଜି ନୁହନ୍ତି । ସେମାନଙ୍କ ଦ୍ୱାରା ସେସବୁର ସତ୍ୟାସତ୍ୟ ଅନୁସନ୍ଧାନ ଅସମ୍ଭବ ବୋଲି ଭାବି ପୂର୍ବକାଳରୁ ହେଉ କିମ୍ବା ବ ର୍ମାନର କୌଣସି ଚତୁର କେଳେଙ୍କାରୀ ଗୋଷ୍ଠୀଙ୍କ ଦ୍ୱାରା ଯାହା କୁହାଯାଉଛି ତାହାହିଁ ଠିକ ବୋଲି ଭାବି ମାନିନେବା ଆମଦେଶ ଲୋକଙ୍କ ଏକପ୍ରକାର ଜିନଗତ ଚରିତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ସେହି ବିଚ୍ରରଧାରାକୁ ନେଇ ପ୍ରାୟତଃ ସମସ୍ତେ ସବୁଦିନେ ଅନେକ କଥାରେ ଠକିହେଉଥିବା ଦେଖିବାକୁ ମିଳିବ ଯାହା ଅନ୍ୟାନ୍ୟ ଦେଶ ମାନଙ୍କରେ ନଥିବ । ଅତଏବ ଆମଦେଶ ଲୋକଙ୍କୁ ଠକି ଯାହା କରିବାର ଅଛି ଏମିତି କିଛି ଅଦୃଶ୍ୟ, ଅଲୌକିକ ବିଚ୍ରରଧାରାରେ ସନ୍ନିବେଶିତ କରାଇଦେଲେ ଯଥେଷ୍ଟ ଯାହା କିଛି ଚତୁର ଗୋଷ୍ଠୀ ସବୁବେଳେ କରି ଅନେକ ଲାଭ ଉଠାଇଥା'ନ୍ତି ସମସ୍ତଙ୍କ ପାଖରୁ ।

କହିବାକୁ ଗଲେ କୌଣସି ଅଦୃଶ୍ୟ, ଅବୁଝା କଥାକୁ ନିର୍ଦ୍ୱନ୍ଦରେ ଗ୍ରହଣ କରିବା ପୂର୍ବରୁ ସେହିକଥାର ସତ୍ୟାସତ୍ୟ ଜାଣିବା ପାଇଁ ଚେଷ୍ଟା ନକରି ସାଦରେ ଗ୍ରହଣ କରିନେଲେ କୌଣସି କ୍ଷେତ୍ରରେ ମଧ ନିଜର ଲାଭ ନଥାଇ ଅନେକଦିଗରୁ କ୍ଷତିରେ ପଡ଼ିବାର ସମ୍ଭାବନା ଥାଏ । ଯେକୌଣସି ବିଷୟକୁ ମର୍ମକୁ ନିଆଯିବା ପୂର୍ବରୁ ବିଭିନ୍ନ ତାର୍କିକ ମତବାଦକୁ ଆଧାରକରି ବାସ୍ତବତାର ପ୍ରମାଣ ମିଳିଲେହିଁ ଗ୍ରହଣ କରାଯିବା କଥା, ଯାହା ଆମେ କରୁନାହୁଁ । ସଚେତନ ମଣିଷ କିନ୍ତୁ ସବୁବେଳେ ତାର୍କିକ ମତବାଦ ଉପରେ ଆଧାରିତ ତଥ୍ୟ ଗ୍ରହଣ କରି ଅଯୌକ୍ତିକ କଥାକୁ ପ୍ରତ୍ୟାଖ୍ୟାନ କରିଥାନ୍ତି, ଯାହା ସେମାନଙ୍କ ଜୀବନଶୈଳୀକୁ କୁଠାରଘାତ କରିବାରେ ସକ୍ଷମ ହୋଇନଥାଏ ! ତେଣୁ ଜୀବନର ପ୍ରତ୍ୟେକ ସମୟରେ ସବୁକଥାରେ ଅନ୍ଧ ବିଶ୍ୱାସ ରଖି ମାନିନେଇ ଅଜସ୍ର କ୍ଷତିରେ ପଡୁଥିବା ଜୀବନଧାରାକୁ ବଦଳାଇ ପ୍ରତି ସମୟରେ / କ୍ଷେତ୍ରରେ ସଚେତନ ହେବାକୁ ଚେଷ୍ଟା କରାଗଲେ ନିଜର ଚେତନାଜ୍ଞାନ ଉଦୟ ପୂର୍ବକ ସାମାଜିକ ମଙ୍ଗଳ ଦିଗରେ ଲାଗିପାରିବ ବୋଲି ଆମ ବିଚ୍ରରରେ ଆପଣଙ୍କ ମତାମତ ଦେବେ ବୋଲି ଆଶା.....!

ନିର୍ଧନ କୌଣସି କାରଣରୁ ଧନ କ୍ଷତି ପାଇଁ ଭୟ ରଖିନଥା'ନ୍ତି । ଅନୁରୂପ ଯିଏ କୌଣସି ଅକ ର୍ବ୍ୟ, ଅସାମାଜିକ, ଅମାନବୀୟ କର୍ମରେ ଲିପ୍ତ ନଥାଏ ତାହାର କୌଣସି ସାମାଜିକ ସମ୍ମାନ କ୍ଷୁର୍ଣ୍ଣ ହେବା ଭୟ ନଥାଏ ! ହେଲେ ମୃତ୍ୟୁ ଭୟ କାହାକୁ ଛାଡେନି ! କାରଣ ମୃତ୍ୟୁ କାହାକୁ କହି ଅସିନଥାଏ ! ତେଣୁ ସମସ୍ତେ ପ୍ରାୟ ମୃତ୍ୟୁକୁ ଭୟ କରୁଥିବା ଏକ ନିରୋଳା ସତ୍ୟ ! ଅଚ୍ରନକ ଦୁର୍ଘଟଣା ଜନିତ ମୃତ୍ୟୁ ହେବା କାହା ହାତର କିମ୍ବା ଜ୍ଞାତଶୀଳ କଥା ନୁହେଁ । କିନ୍ତୁ ବିଭିନ୍ନ ସୂତ୍ରରୁ ସୂଚନା ଦେଇଆସୁଥିବା ମୃତ୍ୟୁକୁ ସହଜରେ ନିୟନ୍ତ୍ରଣ କରାଯାଇପାରେ । ଏବଂ ସେହି ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇନଥାଏ, ସେମାନଙ୍କ ନିର୍ବୋଧତା କାରଣରୁ। ସୃଜନ କିନ୍ତୁ ନିଜର ବିଚ୍ରରଶୀଳ ମାନସମନ୍ଥନ କରି ସୂଚିତ ମୃତ୍ୟୁକୁ ଜୟ କରିପାରନ୍ତି । ଅଜ୍ଞାନ ବିଭିନ୍ନ ସୂଚିତ ମୃତ୍ୟୁ ପ୍ରତି ଗଭୀର ଶୋକାକୁଳ ପରିସ୍ଥିତି ହେତୁ ଅନ୍ୟକୁ ଅନୁକରଣ କରିବା କିମ୍ବା ବିଶ୍ୱାସ କରି ଅନେକ ଅନାବଶ୍ୟକ ଉପାୟ ଅବଲମ୍ବନ କରିଥା'ନ୍ତି ଯାହା ସବୁବେଳେ ସତ୍ୟ ଉପରେ ଆଧାରିତ ହୋଇଥାଏ କି ନାହିଁ, ଏକ ଅଲୌକିକ ବିଷୟ ! ତଥାପି ବୁଡ଼ିଯାଉଥିବା ଜୀବନ କୁଟାଖିଅକୁ ଆଶ୍ରା କଲାଭଳି ଅହେତୁକ ଅବିଚ୍ରରିତ ଭାବେ ଗ୍ରହଣ କରିନେଇଥା'ନ୍ତି ସବୁକଥା କେବଳ ବିଶ୍ୱାସରେ ! ହେଲେ ସେହି ବିଶ୍ୱାସ ପଛର ରହସ୍ୟ ଜାଣିବା ଏବଂ ଚକ୍ରବ୍ୟୁହ ପାରକରିବା ସେମାନଙ୍କ ପକ୍ଷରେ ସମ୍ଭବ ନଥିବା ବେଳେ ଜୀବନ ଯିବା ଆଶଙ୍କା ଠାରୁ କେତେଯେ କ୍ଷତିରେ ପଡ଼ିଥା'ନ୍ତି ସେମାନଙ୍କ ଜ୍ଞାତ, କଳ୍ପନା ବହିର୍ଭୁତ ହୋଇଥାଏ ! ତେଣୁ ଯେକୌଣସି ବିଷୟକୁ କାହିଁକି ଓ କେମିତିର କାରଣ ନଜାଣି ନିର୍ଦ୍ୱନ୍ଦରେ ଗ୍ରହଣ କରିବା ବିଶ୍ୱାସ ଅନ୍ଧ !


ଶେଷରେ ସମସ୍ତଙ୍କୁ ଆମର ଅନୁରୋଧ ଜୀବନରେ କାହାର କୌଣସି କଥାକୁ ଅନ୍ଧଭାବେ ଗ୍ରହଣ କରି ବିଶ୍ୱାସ ନକରି ତାର୍କିକ ଅନୁଶୀଳନ କରି କଥାଟିର ସତ୍ୟାସତ୍ୟ ଜାଣିବା ପାଇଁ ଚେଷ୍ଟା କଲାପରେ ଯଦି ତାହା ଶତପ୍ରତିଶତ ସତ୍ୟ ସାବ୍ୟସ୍ତ ହେଲେହିଁ ତାକୁ ଗ୍ରହଣ କରନ୍ତୁ । ବିଶ୍ୱାସରେ କୌଣସି ମତବାଦକୁ ଗ୍ରହଣ କରନ୍ତୁ ନାହିଁ । ସତ୍ୟକୁ ଜାଣିବା କଥାକୁ ବିଶ୍ୱାସ ବୋଲି କୁହାଯାଏନାହିଁ ! ବିଶ୍ୱାସ ଶବ୍ଦର ଅର୍ଥ କେବଳ ଅନ୍ଧତ୍ୱ ପାଖରେହିଁ ଉପଯୋଗ ହୋଇଥାଏ । ଯାହା ସତ୍ୟ ତାକୁ ଗ୍ରହଣ କରାଯିବା ପ୍ରକ୍ରିୟାକୁ ବିଶ୍ୱାସ ବୋଲି କୁହାଯାଏନାହିଁ ! ତେଣୁ ବିଶ୍ୱାସ କଲେ ବିଷ ମିଳିବା ନିଶ୍ଚିତ ! କାରଣ ଆଜି ଦିନରେ ସଂସାରର ପ୍ରାୟତଃ ସବୁ ମଣିଷ ବିଶ୍ୱାସଯୋଗ୍ୟ ନୁହନ୍ତି, ଯାହା ପ୍ରାଚୀନ ସମୟରେ ଥିଲା ! ବିଶ୍ୱାସ କିପରି ଅନ୍ଧ ତାହାରି ଉପରେ ପରବ ୀ ଆଲେଖ୍ୟରେ ବିଶ୍ଳେଷଣାତ୍ମକ ତଥ୍ୟ ଦିଆଯିବ । ଆପଣଙ୍କ ମତାମତ କିମ୍ବା ଜିଜ୍ଞାସା ଜଣାଇବେ ବୋଲି ଅନୁରୋଧ ପୂର୍ବକ ରହିଲି......

ଧନ୍ୟବାଦ

+ ସୋସିଆଲ ଫୋରୁମ (ଭାରତ)
ଛତ୍ରପୁର, ଗଂଜାମ ।
ଦୂରଭାଷ-୯୪୩୭୩୨୪୯୧୭

## ଅସଲ୍ ଲେଖକ ହିଁ ସମୟର୍ ସେନାପତି

ମାୟାଧର ନାୟକ



ଋଷିଆରମହାନ୍ କଥାକାରଗର୍କୀଙ୍କ ବିଶ୍ୱବିଖ୍ୟାତ ଉପନ୍ୟାସ 'ମଦର୍'। ଏ ଉପନ୍ୟାସର ମହାନାୟିକା ବାଟ ଚାଲିବାରେ ବିଶ୍ୱାସ କରୁଥିବା ସେଇ ମା, ଯିଏ ମୁଣ୍ଡେଇଥିବା ପସରା ଭିତରେ ସେଦିନ ଥିଲା ବିପ୍ଳବକୁ ଦୀର୍ଘଜୀବୀ କରିବାପାଇଁ ପ୍ରେରଣାଦାୟକ ପ୍ରଚାର ପତ୍ରସବୁ। ପୁଅ ସାମିଲ୍ ହୋଇଥିବା ଦୂରାନ୍ତରର ବିପ୍ଳବୀ ସଂଗଠନକୁ ହସ୍ତାନ୍ତର କରିଦେବା ଉଦ୍ଦେଶ୍ୟରେ ନିଜ ପସରାର ଗୁଡ଼ିଏ ଜିନିଷ ପତ୍ରତଳେ ମାଆଟି ଛୁଆ ପାଇଁ ରଖୁଥିଲା ସେସବୁ ଗୁପ୍ତ ପ୍ରଚାରପତ୍ର। ଗୁଇନ୍ଦା ପୁଲିସର ଆଖି ଆଉ ପ୍ରତିକ୍ରିୟାଶୀଳ ଶାସକ ଦଳରଚର-ଅନୁଚରମାନଙ୍କ ନଜରକୁ ଫାଙ୍କିଦେଇ ନିୟମିତ ସେସବୁ ବୈପ୍ଳବିକ କାର୍ଯ୍ୟକ୍ରମର ନିର୍ଦ୍ଦେଶ ନାମା ମାଆ ମାର୍ଫତ୍‌ରେ ପହଂଚାଉଥିଲା ଠିକଣା ଜାଗାରେ।

ମୁଣ୍ଡ ଉପରର ପସରା ଭିତରେ ଲୁଚାଇ ରଖିଥିବା ସେ ଅଗ୍ନିଗର୍ଭ ପ୍ରଚାର ପତ୍ରକୁ କ'ଣ ମାଆ ପଢୁଥିଲା କେବେଁ?

ଏ ପ୍ରଶ୍ନ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ। ଏପରି ପ୍ରଶ୍ନ ଖୋଦ୍ ଲେଖକ ପଚାରି ନାହାନ୍ତି କେଉଁଠି କିମ୍ବା କୌଣସି ପାଠକ ପାଠିକା ନିଭୃତ ମନରେ ଉଠାଇଛନ୍ତି କି ଉଠାଇ ନାହାନ୍ତି ମତେ ଜଣାନାହିଁ, ମାତ୍ର ଯାହାର ଉତ୍ତର ପ୍ରତ୍ୟେକ ଯୁଗରେ ଆଗାମୀ ଇତିହାସର ହିଁ ଅସଲ ଦାୟବଦ୍ଧତା। 'ଲେଖାଲେଖି କାହା ପାଇଁ' ପ୍ରଶ୍ନର ଉତ୍ତର ଖୋଜିଲା ବେଳେ ଆମ ସମସ୍ତଙ୍କୁ, ବିଶେଷକରି ମୋର ସମକାଳର ଲେଖକଲେଖିକା ବିରାଦର ମାନଙ୍କୁ ମୁଁ ଗର୍କୀଙ୍କର ସେଇ 'ମଦର୍'ର ମୁହଁକୁ ଏତେବର୍ଷ ପରେ ଆଉଥରେ ଫେରିଚାହିଁବାକୁ ଅନୁରୋଧ କରୁଛି।

ମାଆମାନେ ଆଜି ବି ପସରା ମୁଣ୍ଡେଇ ଚାଲିଛନ୍ତି। ହେଲେ ମାଆର ସନ୍ତାନମାନେ ଏବେ କେଉଁଠି? ଦୀର୍ଘଜୀବୀ ବିପ୍ଳବ କ'ଣ ଅମର ହୋଇସାରିଛି ଇତିମଧ୍ୟରେ? ଆଗାମୀ ଇତିହାସ ପାଇଁ ଆମର ଅଂଗୀକାରର ଦିନସବୁ କ'ଣ ସରିଯାଇଛି? ବିପ୍ଳବର କାର୍ଯ୍ୟନିର୍ଘଂଟା କ'ଣ ତାରଶେଷ ପାରାଗ୍ରାଫ୍‌ରେ ପହଂଚିଯାଇଛି? ଏବେ କ'ଣ ଚାଲିଛି ଖାଲିଖେଳ ପିରିୟଡ୍? ପଡ଼ିଆରେ ଜର୍ସିପିନ୍ଧିରେ ଫରୀର ହୁଇସିଲ୍‌କୁ ଅପେକ୍ଷା? ଆମ ସାହିତ୍ୟ କ୍ଲାସ୍‌ର ଛୁଟିଘଂଟା ବାଜିବାର ଶବ୍ଦ ସବୁଠି ଶୁଭୁଛି। ମାତ୍ର ଟିକିଏ କାନ ଡେରିଲେ ଶୁଣିପାରିବେ ଯେ ଗୋଟିଏ ଚାପାକାନ୍ଦଣାର ସ୍ୱର ଏ ଛୁଟି ଘଂଟାର ଶବ୍ଦକୁକାଟି ଦୂରରୁ ଆହୁରି ଦୂରକୁ ଚାଲିଯାଉଛି । ହଜିଯାଉଛି ହର୍‌ଦମ୍‌ହସଖୁସିର ହୋହଲ୍ଲା ଆରପଟର ଅସରନ୍ତି ହାହାକାର ଆଡ଼କୁ। କାନ୍ଦୁଛିକିଏ? ହସୁଛିକିଏ? ମାଆ କାନ୍ଦୁଛି ତ ହସୁଛିସନ୍ତାନ। ଇଏ ଦୁଇଟି ପକ୍ଷ।କେଉଁ ପକ୍ଷ ପାଇଁ ଲେଖିବେ? କାହା ପାଇଁ ଲେଖାଲେଖି?

ପ୍ରତ୍ୟେକ ଲେଖକଲେଖିକା ନୀରବରେ ନିଜକୁ ଏ ପ୍ରଶ୍ନ ପଚାରିବାର ବେଳ ଆସିଯାଇଛି। ମୋ ବିଚାରରେ, କାନ୍ଦୁଥିବା ମାଆମାନଙ୍କ ଓଠରେ ଧାରେ ହସ ଆଉ ହସୁଥିବା ସନ୍ତାନମାନଙ୍କ ହୃଦୟରେ ଟୋପାଏ ଦିଟୋପା ଲୁହକୁ ପାଛୋଟି ଆଣିପାରୁଥିବା କାନ୍ଦ ଯଦି ହୋଇପାରନ୍ତା ଲେଖାଲେଖିର ଲକ୍ଷ୍ୟ, ତା'ହେଲେ 'କାହାପାଇଁ'ର ଉତ୍ତରଖାତା ପୂରା କରିବାଟା ଆଉ କାହାରି ପାଇଁମୁଣ୍ଡବ୍ୟଥାର କାରଣ ହୋଇପାରନ୍ତା ନାହିଁ।

ଏବେ ହସକ୍ଲବ୍‌ର ଯୁଗ।ହସ ପାଇଁ ଆସର। ହସ ପାଇଁ ହରେକ୍ ଯୋଜନା ଚାରିଆଡ଼େ। ବୈଜ୍ଞାନିକ କହୁଛି - ହସ।ଡାକ୍ତରକହୁଛି - ହସ।ବନ୍ଧୁକହୁଛି - ହସ। ହସକୁକସରତର ସ୍ତରକୁ ନେଇଯାଇ ତାଲିମ୍‌ଦାତା ଦଳ ବିସାଇ ବସ୍ତିଠୁ ସହର ସାରା ହସର ବ୍ୟାୟାମଶାଳା ବସାଇ ସମସ୍ତଙ୍କୁ ଡାକି କହୁଛନ୍ତି - ହସ।

ହସିଲେ ହୃତ୍‌ପିଣ୍ଡ ତାଜାରହିବ। ରକ୍ତଚାପ ରହିବଠିକ୍‌ଠାକ୍। ମୁହଁର ମାଂସପେଶୀ ହାସଲ କରିବ ସଠିକ୍ ଚାଳନା। ଅତୁଟ ସ୍ୱାସ୍ଥ୍ୟ ହୋଇଉଠିବ ସୁଲଭ। ସହରକୁ ନୂଆଯୋଗୀ ଆସି ପ୍ରଚାର କରୁଛନ୍ତି, ହସ ବି ଗୋଟିଏ ପ୍ରକାର ଯୋଗ। ଏତେ ନିଃଶ୍ୱାସ ପ୍ରଶ୍ୱାସରୁନ୍ଧିବା ନାସିକାରନ୍ଧ୍ରରେ ପବନକୁ ଫାଶ ପକାଇ ଯୋଗପ୍ରାଣାୟମ କରିବା ଅପେକ୍ଷା, ବରଂ ଦଶ ମିନିଟ୍ ହସ। ଯୋଗମାର୍ଗକୁ ସୁରୁଖୁରୁ ଯାତ୍ରା ସଂଭବପର ଏ ବିନା ଖର୍ଚ୍ଚର କେଇ ମିନିଟ୍‌ହସରେ। ଆଖିକାନ ବୁଜି ନୀରବ ଧାନ କରିବାଠୁ ଆଖି ପାଟି ମେଲି ଆଁ-ଖୋଲା ସଶବ୍ଦ ହସସହସ୍ରଗୁଣେ ଭଲ। ହସ - ହସ - ହସ।

ରାଜଧାନୀର ଜନସମାବେଶରେ ସଭାପତିତ୍ୱ କରି ପୁରୁଣା ପୁରୁଣା ନେତାବି ନୂଆ ଲେଖକ ଲେଖିକା ମାନଙ୍କୁ ପରାମର୍ଶ ଦେଉଛନ୍ତି - ହାସରସ ସୃଷ୍ଟିକର। ହାସ୍ୟ ହିଁ ଲାସ୍ୟ। ହାସ୍ୟ ହିଁ ଭାଷ୍ୟ। ହାସ୍ୟ ହିଁ ରହସ୍ୟ। ଯଦି ହାକିମ ଆଉ ପିଅନ ପରସ୍ପରକୁ ଦୁଇ ମିନିଟ୍ ଚାହିଁ ପ୍ରତିଦିନ ହସିବେ, ତାହେଲେ ଅଫିସ୍‌ରେ ତାଲାବନ୍ଦର ଦିନ ଆସିବ ନାହିଁ କିହରତାଳର ଦିପହର ଦିଶିବ ନାହିଁ। ପିଅନର ଛୁଟି ଦରଖାସ୍ତ ଆଉ ହାକିମର ଛଟା ଦସ୍ତଖତ ମଝିରେ ଛୁଂଚି ମୁନର ଦୂରତା ରହିବ ନାହିଁ। ଆମର ଆଉ ଫକିରମୋହନ, ପ୍ରେମଚଂଦ, ଶରତ୍‌ଚନ୍ଦ୍ର, ନଜରୁଲ, ସଚ୍ଚିରାଉତରା ଦରକାର ନାହିଁ - ଦରକାର ନିର୍ଦ୍ଧୂମ୍ ହାସ୍ୟରସର ଧୁମ୍‌ଧାମ୍ ସାହିତ୍ୟକାର। ହସର ସାହିତ୍ୟ ବଜାର, ହସର ହାଟବସାଅ ଗ୍ରାହକ ପାଠକବର୍ଗ ପାଇଁ। ହସହିଁ ଅସଲ ରସ।

ହସିବାକୁ ଇଚ୍ଛାହୁଏ ଖୁବ୍। ହେଲେ ହସିପାରେନା ମୋଟେ। ବସିବସି ଭାବେ ଁଗୋଟିଏ କାନ୍ଦୁରା ମଣିଷର କଥା, ଯିଏ ନିଜେବି ନିଜର ପଚାଶ ପୂରୁପୂରୁ ଦିନେ ସାରା ଓଡ଼ିଆ ଜାତିକୁ କନ୍ଦାଇ କନ୍ଦାଇ ଚାଲିଗଲା ଚୁପ୍‌ଚାପ୍। କୌଣସି ବ୍ୟକ୍ତିଗତ ମାଲିକାନାର ମୋହ ନଥିଲା ତାର।(କ୍ରମଶଃ)

+ ଯାଜପୁରରୋଡ, ଯାଜପୁର
ମୋ- ୯୮୬୧୦୩୪୧୬୩

# ଟମାଟୋ ସୁପ୍‌ର ଉପକାରିତା



♦ଟମାଟୋରେ ଥିବା ଫାଇବର ଭୋକକୁ ନିୟନ୍ତ୍ରଣ କରିବା ସହ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ ।

♦ଯୁବତୀ ଓ ମହିଳା ନିୟମିତ ଏହି ସୁପ୍ ପିଇଲେ ସେମାନଙ୍କ ତ୍ୱଚାରେ ଭାଙ୍ଗ ପଡ଼ିନଥାଏ ଓ ତ୍ୱଚାରେ ଚମକ ମଧ୍ୟ ଆସେ ।

♦ହୃଦରୋଗୀ ଟମାଟୋ ସୁପ୍ ପିଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ବିଭିନ୍ନ ପରୀକ୍ଷାରୁ ଜଣାପଡ଼ିଛି । ଲୌହ ମଧ୍ୟ ଉଚିତ୍ ପରିମାଣରେ ଏହି ପରିବାରେ ଥିବାରୁ ତାହା ଆନେମିଆ ପରି ରୋଗରୁ ରକ୍ଷା କରୁଥିବାର ପ୍ରକାଶ । ଶ୍ୱାସରୋଗୀ ସପ୍ତାହକୁ ୨ରୁ୩ଥର ଟମାଟୋ ସୁପ୍ ପିଇବା ସେମାନଙ୍କ ସ୍ୱାସ୍ଥ୍ୟ ପକ୍ଷେ ଭଲ । ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ତତ୍ତ୍ୱ ଶରୀରକୁ ଶ୍ୱାସ ରୋଗରୁ ରକ୍ଷା କରେ ।

♦ଟମାଟୋ ସୁପ୍‌ରେ ଭିଟାମିନ କେ ଓ କ୍ୟାଲସିୟମ ଥିବାରୁ ତାହା ହାଡ଼ ମଜଭୁତ୍ କରିବା ସହ ଆଣ୍ଠୁଗଣ୍ଠି ବିନ୍ଧାରୁ ରକ୍ଷା କରିଥାଏ ।

♦ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରକୁ କର୍କଟ ରୋଗରୁ ରକ୍ଷା କରିଥାଏବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

♦ଟମାଟୋ ସୁପରେ ଥିବା ତତ୍ତ୍ୱ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣ କରୁଥିବାରୁ ମଧୁମେହ ରୋଗୀ ମଧ୍ୟ ଏହା ପ୍ରତ୍ୟହ ପିଇବା ଉପକାରୀ ।

♦ଟମାଟୋ ସୁପରେ ଭିଟାମିନ ସି ଥିବାରୁ ତାହା ଶରୀରର ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ ।

# ଖାଦ୍ୟପ୍ରତି ସଚେତନତା

ଜୀବନଶୈଳୀ କ୍ଷିପ୍ର ବେଗରେ ପରିବର୍ତ୍ତନ ହେଉଛି । ନିକଟରେ ଜଣେ ଆମେରିକୀୟ ଗବେଷକ ବିଶ୍ୱର ବିଭିନ୍ନ ପ୍ରାନ୍ତର ୧୫୦୦ ଜଣ ଲୋକଙ୍କ ଜୀବନଶୈଳୀ ଉପରେ ପରୀକ୍ଷା କରିଥିଲେ । ଏମାନଙ୍କ ମଧ୍ୟରୁ ପ୍ରାୟ ୧୦୦୦ଜଣଙ୍କ ନିକଟରେ ନାନାଦି ପ୍ରକାର ପୋଷକ ତତ୍ତ୍ୱ ଅଭାବ ଦେଖାଯାଇଥିଲା । କାମର ଚାପରେ ଲୋକେ ଏସବୁ ଜାଣିପାରୁନାହାନ୍ତି ।

■ ଆମ ଶରୀରର ନର୍ଭସ ସିଷ୍ଟେମ୍ ଉତ୍ତମ ଭାବରେ କାମ କରିବା ନିମନ୍ତେ ବି-୧୨ ପୋଷକତତ୍ତ୍ୱର ଆବଶ୍ୟକତା ଅଧିକ ରହିଛି । ଏହାର ଅଭାବରେ ମସ୍ତିଷ୍କକୁ କ୍ଷତି ପହଞ୍ଚେ । ଏଥିପାଇଁ ଜଣେ ବ୍ୟକ୍ତି ନିୟମିତ ଭାବରେ ଦୁଗ୍ଧଜାତୀୟ ଦ୍ରବ୍ୟଓ ସପ୍ତାହକୁ ୨ରୁ ୩ଥର ଆମିଷ ଖାଦ୍ୟ ଖାଇବା ଉଚିତ ।

■ ଭିଟାମିନ - ୧୨ର ଅଭାବରେ ଓଜନ ଦ୍ରୁତ ମାତ୍ରାରେ ହ୍ରାସ ହୋଇଥାଏ । ଅଧିକାଂଶ ସମୟରେ ହୃଦସ୍ପନ୍ଦନ ଜୋରରେ ହେଉଥିବାର ଗବେଷକଙ୍କ ମତ ।



■ ଏହା ସହ ନିୟମିତ ଭାବେ ଥକାପଣ ଲାଗୁଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଦିନବେଳା ସପ୍ତାହକୁ ୪ ରୁ ୫ଥର ଦହି ଖଶଇଲେ ଶରୀରକୁ ଭିଟାମିନ ବି-୧୨ ପୋଷକ ତତ୍ତ୍ୱ ମିଳେ ।

ଏହି ଭିଟାମିନର ଅଭାବ ହେଲେ ସ୍ମୃତି ମଧ୍ୟ ପ୍ରଭାବିତ ହୋଇଥାଏ ।

# ସ୍ୱାସ୍ଥ୍ୟ ସମାଚାର

କ୍ୟାଲୋରୀ କମାଇବା ଲାଗି ଅନେକେ ଡାଏଟ୍ ଡ୍ରିଙ୍କ ବା ଡାଏଟ୍ ସୋଡା ପସନ୍ଦ କରୁଥିଲେ ମଧ୍ୟ ଏହା ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ । ମହିଳାଙ୍କଠାରେ ଏହା ଷ୍ଟ୍ରୋକ୍ ଆଶଙ୍କା ୨୩% ବଢ଼ାଇଥାଏ । ଏଥିସହିତ ହୃଦରୋଗ ଆଶଙ୍କା ୨୯% ଏବଂ ଅକାଳ ମୃତ୍ୟୁ ଆଶଙ୍କା ୧୬% ବଢ଼ାଏ ବୋଲି ଏକ ଗବେଷଣାରୁ ଜଣାଯାଇଛି । ଏହା ଆମେରିକାନ ହାର୍ଟ ଆସୋସିଏସନର ପତ୍ରିକା ଷ୍ଟ୍ରୋକରେ ପ୍ରକାଶ ପାଇଛି । ଫ୍ଲୁ ବା ଇନ ଫ୍ଲୁଏଞ୍ଜାରେ ଆକ୍ରାନ୍ତ ହେବା ପରେ ଏହା ମଧ୍ୟ ଷ୍ଟ୍ରୋକ୍ ଆଶଙ୍କା ବଢ଼ାଏ । ଏହାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ଫ୍ଲୁ ସଂକ୍ରମଣ ଯୋଗୁ ହେଉଥିବା ଇନଫ୍ଲାମେସନ ଏହାର କାରଣ ହୋଇପାରେ ବୋଲି କୁହାଯାଇଛି । କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କରିଥିବା ଏହି ଗବେଷଣାର ତଥ୍ୟ ଆମେରିକାନ ଷ୍ଟ୍ରୋକ୍ ଆସୋସିଏସନ ପକ୍ଷରୁ ଆୟୋଜିତ ଇଣ୍ଟରନ୍ୟାସନାଲ ଷ୍ଟ୍ରୋକ କନଫରେନ୍ସ - ୨୦୧୯ରେ ଉପସ୍ଥାପିତ ହେବ ।

## ହେଡଫୋନ୍ ମାପିବ ରକ୍ତଚାପ

ଆପଲ୍ କମ୍ପାନୀରେ କାର୍ଯ୍ୟରତ ଜଣେ ଇଂଜିନିୟର ୨୦୧୪ରେ ଏଇ ତଥ୍ୟ ପ୍ରକାଶ କରିଥିଲେ । ନାମକରା କମ୍ପାନୀ ଆପଲ ହିଁ ପ୍ରଥମେ ଏହାକୁ ବଜାର ପ୍ରବେଶ କରାଇବ ବୋଲି ସ୍ଥିର ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ । ଏଇ ହେଡଫୋନ ସହ ଏକ ଛୋଟ ଏଲ ଇ.ଡି. ସ୍କ୍ରିନ୍ ସଂଲଗ୍ନ ରହିଛି । ଏଥିରେ ଆପଣଙ୍କର ହୃଦବେଗ ସହିତ ରକ୍ତଚାପ ଦୃଶ୍ୟମାନ ହେବ । ଆଗାମୀ ଦିନରେ ପ୍ରତ୍ୟେକ ଆପଲ ଫୋନରେ ଏଇ ଆପ୍ଲିକେସନ ମଧ୍ୟ ରହିବ । ଏହା କିନ୍ତୁ ଏକ ସ୍ୱତନ୍ତ୍ର ପାସୱାର୍ଡ ସହାୟତାରେ ହିଁ କାର୍ଯ୍ୟକରିବ । ଆପଣ ଏହାକୁ କାର୍ଯ୍ୟକାରୀ କରିବାର ମାତ୍ର ୩ମିନିଟ୍ ଭିତରେ ସ୍କ୍ରିନରେ ଏହା ସବୁକିଛି ଦେଖାଇବ । ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଏହା ସର୍ବପ୍ରଥମେ ଜାପାନ ବଜାରରେ ପ୍ରବେଶ କରିବ । କେବଳ ଆପଲ୍ ଫୋନ୍‌ରେ ଏହା କାର୍ଯ୍ୟ କରିବ ଓ ଏହାର ମୂଲ୍ୟ ପ୍ରାୟ ୪୫ହଜାର ଟଙ୍କା ମଧ୍ୟରେ ରହିବ ବୋଲି ଅନୁମାନ କରାଯାଉଛି ।

# ବ୍ୟାୟାମ କଲେ ସୁଖୀ ହୁଅନ୍ତି

ୟେଲ ଏବଂ ଅକ୍ସଫୋର୍ଡ ବିଶ୍ୱବିଦ୍ୟଳୟର ଗବେଷକମାନେ ୧୨ଲକ୍ଷ ଲୋକଙ୍କୁ ନେଇ କରିଥିବା ଗବେଷଣା ରିପୋର୍ଟରେ ଜଣାଇଛନ୍ତି ଯେ ପ୍ରତିଦିନ ବ୍ୟାୟାମ କରୁଥିବା ଲୋକଙ୍କୁ ମାନସିକ ସ୍ତରରେ ଯେଉଁ ଖୁସି ମିଳିଥାଏ, ତାହା ବାର୍ଷିକ ୧୭ଲକ୍ଷ ଟଙ୍କା ରୋଜଗାର କରୁଥିବା ଲୋକଙ୍କ ଖୁସି ସହ ସମାନ । ଏହି ଗବେଷଣାରେ ସାମିଲ ହୋଇଥିବା ଲୋକଙ୍କୁ ୭୫ ପ୍ରକାର ଶାରୀରିକ କାର୍ଯ୍ୟକଳାପ ମଧ୍ୟରୁ ନିଜ ପସନ୍ଦର କାମ ବାଛିବା ଲାଗି କୁହାଯାଇଥିଲା । ଏଥିମଧ୍ୟରେ ଇନ ବା ବଗିଚା ସଫେଇଠାରୁ, ପିଲାଙ୍କ ଯତ୍ନ ନେବା, ସାଇକଲ ଚଳାଇବା ଭରୋତ୍ତୋଳନ କରିବା, ଦୌଡ଼ିବା ଆଦି ସାମିଲ ଥିଲା । ନପିୟମିତ ବ୍ୟାରୟାମ କରୁଥିବା ବ୍ୟକ୍ତିମାନେ ବର୍ଷକ ମଧ୍ୟରେ ମାତ୍ର ୩୫ଦିନ କ୍ଳାନ୍ତ ଅନୁଭବ କରୁଥିବାବେଳେ ବ୍ୟାୟାମ କରୁନଥିବା ଲୋକେ ୫୮ ଦିନ କ୍ଳାନ୍ତ ଅନୁଭବ କରିଥିବା ଏହି ଗବେଷଣାରୁ ଜଣାଯାଇଥିଲା । ତେବେ ମାତ୍ରାଧିକ ବ୍ୟାୟାମ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ । କାରଣ ସୀମିତ ସମୟାର ଶାରୀରିକ



ବ୍ୟାୟାମ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖେ ବୋଲି ୟେଲ୍ ବିଶ୍ୱବିଦ୍ୟାଳୟର ଗବେଷକ ଆଡାମ୍ ଚେକରାଉଣ୍ଡ କହିଛନ୍ତି । ସପ୍ତାହକୁ ୩୦ରୁ ୬୦ମିନିଟ୍ ପର୍ଯ୍ୟନ୍ତ ୩ରୁ୫ଟି ଟ୍ରେନିଂ ସେସନ ସର୍ବୋତ୍ତମ । ତିନିଘଣ୍ଟାରୁ ଅଧିକ ସମୟ ବ୍ୟାୟାମ କରୁଥିବା ବ୍ୟକ୍ତିଙ୍କ ମାନସିକ ସ୍ଥିତି ପ୍ରାୟତଃ ଭଲ ରହେନାହିଁ । ଏରୋବିକସ, ସାଇକଲ ଚାଳନା, ଜିମରେ ବ୍ୟାୟାମ ଆଦି ମଣିଷର ମନ ଖୁସି ରଖିଥାଏ ବୋଲି ଏହି ଗବେଷଣାରୁ ଜଣାପଡ଼ିଛି ।

# ଡେଙ୍ଗୁରେ ଉପକାରୀ ଛେଳିକ୍ଷୀର






ସ୍ୱାସ୍ଥ୍ୟକର ଜୀବନଶୈଳୀରେ କ୍ଷୀରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା କ୍ୟାଲସିୟମ, ପ୍ରୋଟିନ ପଟାସିୟମ ଏବଂ ଭିଟାମିନ ଡିର ପ୍ରମୁଖ ଉତ୍ସ । ତେବେ ଅଧିକାଂଶ ଲୋକ ଗାଈ କିମ୍ବା ମଇଁଷି କ୍ଷୀର ବ୍ୟବହାର କରନ୍ତି । ହେଲେ ଚେଳି କ୍ଷୀର ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେବା ସହ ରୋଗପ୍ରତିରୋଧକ ଶକ୍ତି ଏବଂ ମେଟାବଲିଜମ ବଢ଼ାଏ ଓ ହେଙ୍ଗୁରେ ବି ଉପକାର କରିଥାଏ ।

ବର୍ଷାଋତୁରେ ଡେଙ୍ଗୁ ରୋଗ ମହାମାରୀ ପରି ବ୍ୟାପିଥାଏ । ଏଥିରୁ ସୁରକ୍ଷିତ ରହିବା ଲାଗି ସତର୍କତା ନିହାତି ଜରୁରୀ । ତଥାପି କେହି ଡେଙ୍ଗୁରେ ଆକ୍ରାନ୍ତ ହେଲେ ଛେଳିକ୍ଷୀର ସେମାନଙ୍କ ପାଇଁ ଲାଭଦାୟକ ହୋଇଥାଏ । ଡେଙ୍ଗୁ ରୋଗରେ ରକ୍ତ ପ୍ଲେଟଲେଟ୍ କମିଯାଏ । ଛେଳି କ୍ଷୀରରେ ପର୍ଯ୍ୟାପ୍ତ ସେଲେନିୟମ ଥିବାରୁ ଏହା ପ୍ଲେଟଲେଟ୍ ସଂଖ୍ୟା ବଢ଼ାଇବାରେ ସହାୟକ ହୋଇଥାଏ ବୋଲି ଗବେଷକମାନେ କହିଛନ୍ତି । ଏହି ସେଲେନିୟମ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଛେଳି କ୍ଷୀରରେ କ୍ୟାଲସିୟମ , ଭିଟାମିନ ବି, ଫସଫରସ ଏବଂ ପଟାସିୟମ ପରି ଏକାଧିକ ପୋଷକ ତତ୍ତ୍ୱ ରହିଛି । ଏହା ସହିତ ଆଇରନ ଏବଂ କପର ମଧ୍ୟ ଅଛି । ଏହା ଶରୀରର ମେଟାବଲିଜମ ହାର ବଢ଼ାଏ । ଛେଳି କ୍ଷୀରରେ କ୍ୟାଲସିୟମ ସହ ଆମିନୋ ଏସିଡ ଟ୍ରିପ୍ଟୋଫାନ ଥିବାରୁ ଏହା ଅସ୍ଥି ଶକ୍ତ କରିବା ଲାଗି ଅଧିକ ଉପକାରୀ । ଛେଳି କ୍ଷୀର ପିଇଲେ ଅସ୍ଥି ସହିତ ଦାନ୍ତ ସଶକ୍ତ ହେବ । ଏଥିରେ ମଧ୍ୟ ଉପକାରୀ ଫ୍ୟାଟି ଏସିଡ୍ ରହିଛି ଯାହା କୋଲେଷ୍ଟେରଲ ନିୟନ୍ତ୍ରଣରେ ରଖେ । ପଯାସିୟମ ଥିବାରୁ ରକ୍ତଚାପ କମାଇବାରେ ସହାୟକ ହୁଏ । ଛେଳି କ୍ଷୀର ମଧ୍ୟ ଆଣ୍ଟି ଇନଫ୍ଲାମେଟୋରୀ ଗୁଣରେ ଭରପୂର । ତେଣୁ ଏହାକୁ ପିଇଲେ ବିଭିନ୍ନ ପ୍ରକାର ଫୁଲାରୋଗ ସହ ପେଟ ଫୁଲାରୁ ବି ମୁକ୍ତି ମିଳିଥାଏ ।

# ମେଥିଦାନାର ବ୍ୟବହାର



■ଖାଦ୍ୟବିଶେଷଜ୍ଞଙ୍କ ମତରେ ନିୟମିତ ଭାବରେ ୧ଚାମଚ ମେଥିଦାନା ଖାଇଲେ ତାହା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।


■ମେଥିଦାନାରେ ପୋଟାସିୟମ ଅଧିକ ପରିମାଣରେ ଥିବାରୁ ତାହା ଶାରୀରରେ ସୋଡ଼ିୟମର ପରିମାଣକୁ ନିୟନ୍ତ୍ରଣ କରିଥାଏ । ଏହାଦ୍ୱାରା ରକ୍ତସଞ୍ଚାଳନ ଉତ୍ତମଉହେବା ସହ ହୃଦଯନ୍ତ୍ରୀ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇଥାଏ ।

■ମଧୁମେହ ରୋଗୀ ନିୟମିତ ଭାବେ ମେଥିଦାନା ଖାଇବା ସେମାନଙ୍କ ପାଇଁ ଉପକାରୀ । ଏଥିରେ ମହଜୁଦ୍ ଥିବା ଏମିନୋ ଏସିଡ୍ ଶରୀରରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣାଧୀନ ରଖିଥାଏ ।

■ମେଥିଦାନରେ ଭରପୂର ମାତ୍ରାରେ ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ତାହା ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରିଥା, । ଓଜନ ହ୍ରାସ କରିବା ନିମନ୍ତେ ପ୍ରତ୍ୟହ ମେଥିଦାନା ଖାଇଲେ ୧ମାସ ମଧ୍ୟରେ କାର୍ଯ୍ୟକାରୀ ହୁଏ ।

■ମେଥିରେ ମହଜୁଦ୍ ଥିବା ପାଇବର ଶରୀରରୁ ଦୂଷିତ ପଦାର୍ଥ ବାହାର କରିଥାଏ । ଏହା ଦ୍ୱାରା କଲୋନ କର୍କଟର ଆଶଙ୍କା କମ ହୋଇଥାଏ । ମେଥିଦାନାରେ ଥିବା ପୋଟାସିୟମ ରକ୍ତ ସଞ୍ଚାଳନ ଉତ୍ତମ ହେବାପରେ ସାହାଯ୍ୟ କରିଥାଏ ।

# ଯୌତୁକ ବିରୋଧୀ ଗ୍ରାମବାସୀ



ରାଜସ୍ଥାନର ନାଗୁର ଜିଲାର ଏକ ଗ୍ରାମ ହେଉଛି ବାସନି ବେଲିମା । ପ୍ରାୟ ୫୫ଟି ପରିବାର ସେଠାରେ ରହୁଛନ୍ତି । ଗ୍ରାମର ସରପଞ୍ଚଙ୍କ କହିବା ଅନୁସାରେ, ୪୦ ବର୍ଷ ପୂର୍ବରୁ ସେଠାରେ କେତେକ ବିଶେଷ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି । ଯୌତୁକର ବିରୋଧ କରାଯିବା ସହ ଗ୍ରାମର ସମସ୍ତ ପରିବାର ବର୍ଣାଢ଼୍ୟ ବିବାହ ଉତ୍ସବ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । କେବଳ ବିବାହ କିମ୍ବା ସନ୍ତାନ ଜନ୍ମଲାଭରେ ହିଁ ସେଠାରେ ସାଧାରଣ ଭୋଜି ଅନୁଷ୍ଠିତ ହୁଏ । କୌଣସି ବ୍ୟକ୍ତିର ମୃତ୍ୟୁରେ ଭୋଜି ପରମ୍ପରାକୁ ସେଠାରେ ବନ୍ଦ କରାଯାଇଛି । ବିଧବା ସ୍ତ୍ରୀଲୋକଙ୍କୁ ତାଙ୍କ ପିଲା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ମାସିକ ଭତ୍ତା ଦିଆଯାଏ । ଏହି ଭତ୍ତା ସରକାରଙ୍କ ତରଫରୁ ନୁହେଁ ବରଂ ଗ୍ରାମବାସୀ ନିଜ ପାଣ୍ଠିରୁ ଯୋଗାଇଥାନ୍ତି । ଗ୍ରାମର ପ୍ରତ୍ୟେକ ଗରିବ ଲୋକଙ୍କ ପାଇଁ ୨ବଖରା ଘର ତିଆରି କରାଯାଇଛି । ସେଠାକାର ସମସ୍ତ ପରିବାର କୌଣସି ଦିନ ଉପବାସରେ କାଟିବ ନାହିଁ, ଏହା ମଧ୍ୟ ସେହି ଗ୍ରାମର ଅନ୍ୟତମ ନିୟମ । ବୟସ୍କଙ୍କ ସହ ଯୁବଗୋଷ୍ଠୀ ଓ ପିଲାମାନେ ମଧ୍ୟ ବେଶ୍ ସଚେତନ । ସେମାନେ ମଧ୍ୟ ଅର୍ଥ ସଞ୍ଚୟ କରି ବିଭିନ୍ନ ଉନ୍ନତିମୂଳକ କାମ କରୁଥିବାର ଜଣାପଡ଼ିଛି । ପଡ଼ୋଶୀ ଗ୍ରାମରୁ ବିବାହ ପ୍ରସ୍ତାବ ଆସିଲେ ବାସନି ଗ୍ରାମ ବାସୀମାନେ ବୋଉତ୍ତଭାବରେ ସତ୍କାର କରନ୍ତି । ହେଲେ ଯଦି ଭୁଲବାତଃ ପୁଅଘର ଲୋକେ ଯୌତୁକ ପ୍ରସଙ୍ଗ ଉଠାନ୍ତି, ତେବେ ତୁରନ୍ତ ତାଙ୍କୁ ସ୍ଥାନୀୟ ପୁଲିସ୍ ଥାନାକୁ ନିଆଯାଏ ।

# ନୂଆ ସ୍ମାର୍ଟ ଟେବୁଲ



ଲଣ୍ଡନର ଏକ କମ୍ପାନୀ ନିର୍ମାଣ କରିଛି ସ୍ମାର୍ଟଟେବୁଲ । ଏହାକୁ ଜଣେ ନିଜ ଘରେ ସଜାଇବା ପାଇଁ ରଖିପାରିବ ଓ ଇଣ୍ଟରନେଟ୍ ପାଇଁ ବ୍ୟବହାର କରିପାରିବ । ଉଭୟ ଆଣ୍ଡ୍ରଏଡ୍ ଓ ଓ୍ୱିଣ୍ଡୋଜ-୮ ସହାୟତାରେ ଏହା ଚାଳିତ ହେବ । ପ୍ରାୟ ଛ'ମାସ ପୂର୍ବେ ସେଠାକାର ଇଂଜିନିୟର ଦଳ ଏହି ଟେବୁଲ ନିର୍ମାଣ ଆରମ୍ଭ କରିଥିଲେ । ଫେବୃୟାରୀ ମାସରେ ଏହାର ଭଲ ଭାବେ ପରୀକ୍ଷା କରାଯିବ । ଜୁନ ସୁଦ୍ଧା ଏହା ବଜାରରେ ବିକ୍ରି ପାଇଁ ମିଳିବ । ଏହି ଟେବୁଲର ମୂଲ୍ୟ ୯୦ହଜାରରୁ ଆରମ୍ଭ ହୋଇ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି । ବିଭିନ୍ନ ଆକୃତିର ସାନ, ବଡ଼ ଟେବୁଲମାନ ରହିଛି । ଜଣେ ବ୍ୟକ୍ତି ଖୁବ୍ ସହଜରେ ଓ ଆରାମ ଭାବରେ ବସି ଏହି ଟେବୁଲକୁ ବ୍ୟବହାର କରିପାରିବ ।

# ତେଜପତ୍ରର ଉପକାରୀ ଗୁଣ



♦ତେଜପତ୍ରକୁ ବାଟି ଚର୍ମରେ ଲଗାଇଲେ ଚର୍ମରୋଗ ହୋଇନଥାଏ । ବିଭିନ୍ନ ବ୍ୟଞ୍ଜନରେ ଏହି ପତ୍ରକୁ ମସଲା ଭାବେ ବ୍ୟବହାର କରି ଖାଇଲେ ଶରୀରରେ ରକ୍ତସଞ୍ଚାଳନ ଉତ୍ତମ ଭାବରେ ହୁଏ ।

♦ବାଲଟିଏ ପାଣିରେ ତେଜପତ୍ର ୧୫ମିନିଟ୍ ବତୁରାଇ ସ୍ନାନ କଲେ ଚର୍ମରୋଗ ହୋଇନଥାଏ ।

♦ଥଣ୍ଡାଜନିତ ମୁଣ୍ଡବ୍ୟଥା ସମୟରେ ତେଜପତ୍ର ବାଟି ମଥାରେ ଲଗାଇଲେ ମୁର୍ଡବ୍ୟଥାରୁ ଉପଶମ ମିଳେ ।

♦କାଶ ହେଲେ ତେଜପତ୍ର ଓ ଅଳ୍ପ ମିଶ୍ରିକୁ ମିଶାଇ ପାଣିରେ ଫୁଟାଇ, ସେହି ପାଣିକୁ ତଣ୍ଡା କରି ପିଇଲେ କାଶରୁ ରକ୍ଷା ମିଳେ ।

♦ମଧୁମେହ ରୋଗୀ ତେଜପତ୍ର ଫୁଟାପାଣିକୁ ନିୟମିତ ପିଇଲେ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ।

# ସୌନ୍ଦର୍ଯ୍ୟରେ କଦଳୀ

**ପାଚିଲା କଦଳୀର ପ୍ରୟୋଗ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ ।**

୧ ଚାମଚ ମହୁରେ ଗୋଟିଏ କଦଳୀକୁ ଭଲଭାବେ ଚକଟି ମୁହଁ, ହାତ ଓ ବେକରେ ଲଗାଇ ୨୦ମିନିଟ୍ ପରେ ନଖ ଉଷୁମ ପାଣିରେ ଧୋଇନିଅନ୍ତୁ । ବାହାରୁ କାମ ସାରି ଫେରିବା ପରେ ପ୍ରତ୍ୟେକ ଦିନ ତ୍ୱଚା ସଫା ପାଇଁ ଏହି ନିୟମ ଆପଣାନ୍ତୁ।

ତ୍ୱଚାରେ ଚମକ ଆଣିବା ନିମନ୍ତେ ୨ଚାମଚ ଲେମ୍ବୁରସରେ କଦଳୀ ଚକଟି ମୁହଁରେ ଲଗାନ୍ତୁ । ୩୦ମିନିଟ୍ ପରେ ମୁହଁ ଧୋଇବା ପରେ ତ୍ୱଚାର ଔଜ୍ଜ୍ୱଲ୍ୟତା ଲକ୍ଷ୍ୟ କରିହେବ ।

କଦଳୀ ଓ ଚିନିକୁ ମିଶାଇ ମୁହଁରେ ଘଷିଲେ, ଏହା ସ୍କ୍ରବ୍ ପରି କାମ କରିଥାଏ ।

ଆଖି ତଳ ଦାଗ ପଡ଼ିଲେ କଦଳୀ ଚକଟି ସେଥିରେ ୧ ଚାମଚ ଗୋଲାପ ଜଳ ମିଶାନ୍ତୁ । ଆଖି ଉପରେ ଛୋଟ ଧଳା କପଡ଼ା ରଖି ଏହି ମିଶ୍ରଣକୁ ରଖନ୍ତୁ । ୩୦ମିନିଟ୍ ପରେ ତାହାକୁ ବାହାର କରି ଆଖି ଧୋଇନିଅନ୍ତୁ । ୧ସପ୍ତାହ ଏପରି କଲେ ଆଖିତଳ ଦାଗ କମ ହୋଇଥାଏ । କଦଳୀକୁ କଞ୍ଚା କ୍ଷୀର ସହ ମିଶାଇ ତ୍ୱଚାରେ ଲଗାଇଲେ ଦାଗ ଦୂର ହୋଇଥାଏ ।

# ଶ୍ରୀରାମ ମନ୍ଦିରର ଭୂମି ପୂଜନ ପାଇଁ ପବିତ୍ର ଗୁପ୍ତେଶ୍ୱର ପୀଠର ମାଟି ଓ ସାବେରୀ ନଦୀର ଜଳ ସଂଗ୍ରହ କରି ଅଯୋଧ୍ୟା ପଠାଗଲା

ଜୟପୁର,୨୯।୭ (ନି.ପ୍ର): ଅଗଷ୍ଟ ମାସ ୫ ତାରିଖ ଦିନ ଅଯୋଧ୍ୟାର ଶ୍ରୀରାମ ମନ୍ଦିର ନିର୍ମାଣ ସକାଶେ ଭୂମି ପୂଜନ କାର୍ଯ୍ୟକ୍ରମ ଦେଶର ସାଧୁସନ୍ଥ, ସମସ୍ତ ଶଙ୍କରାଚାର୍ଯ୍ୟ, ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଗଣଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ କରାଯିବ । ଏଥିପାଇଁ ବିଶ୍ୱର ହିନ୍ଦୁ ସମାଜ ବ୍ୟଗ୍ର ଏବଂ ଉତ୍କଣ୍ଠାର ସହ ରହିଥିବା ବେଳେ ସମଗ୍ର ଭାରତ ବର୍ଷର ବିଭିନ୍ନ ପବିତ୍ର ପୀଠରୁ ମାଟି ଏବଂ ପବିତ୍ର ନଦୀ ଗୁଡିକରୁ ଜଳ ସଂଗ୍ରହ ଅଭିଯାନ ଚାଲିଛି । ଏହି ପରିପ୍ରେକ୍ଷୀରେ ଜୟପୁର ସାଂଗଠନିକ ଜିଲା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପବିତ୍ର ଗୁପ୍ତେଶ୍ୱର ପୀଠରୁ ମାଟି ଓ ସାବେରି ନଦୀରୁ ଜଳ ସଂଗ୍ରହ କରି ଅଯୋଧ୍ୟା ପଠାଇ ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ବିଶ୍ୱ ହିନ୍ଦୁ ପରିଷଦର ଜିଲା କାର୍ଯ୍ୟକାରି ସଭାପତି ତେଜେଶ୍ୱର ପଣ୍ଡା, ଜିଲା ଉପ ସଭାପତି ନବକୃଷ୍ଣ ରଥ, ସଦସ୍ୟ ରାମପ୍ରସାଦ ପଣ୍ଡା, ବଜରଂଗ ଦଳର ସନ୍ଦୀପ ରଥ ଏବଂ ଅଭିନନ୍ଦନ ରଥ ସଂପାଦନା କରିଥିବା ବେଳେ ଜିଲା ସଭାପତି ବାବୁ ଭାଇ ବଜରଂଗୀ, ଜିଲା ସଂପାଦକ କମଳ କାନ୍ତ ବିଶ୍ୱାଳ ସହ ସଂପାଦକ ସୁକାନ୍ତ ସାହୁ, ସଦସ୍ୟ ଚନ୍ଦ୍ର ଶେଖର ରଥ ପ୍ରମୁଖ ସହଯୋଗ କରିଥିଲେ । ବର୍ତ୍ତମାନ କରୋନା ମହାମାରୀ ସମୟରେ ଅଗଷ୍ଟ ୫ ତାରିଖରେ କାର୍ଯ୍ୟକ୍ରମରେ ସିଧା ପ୍ରସାରଣ ଘରେ ଟିଭିରେ ଦେଖିବା ସହ ଉକ୍ତ ଦିନ ସମସ୍ତ ହିନ୍ଦୁ ସମାଜ ନିଜ ନିଜ ଗୃହରେ ପୌରିକ ପତାକା ଉଡାଇବା ସହିତ କଳସ ସ୍ଥାପନ ଏବଂ ଘୃତ ଦୀପ ଲଗାଇ ଶ୍ରୀରାମଙ୍କ ଆରାଧନା କରିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ନିବେଦନ କରାଯାଇଥିବା ବିଷୟ ବିଶ୍ୱହିନ୍ଦୁ ପରିଷଦ ତରଫରୁ ନବକୃଷ୍ଣ ରଥ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି ।

# ନଳକୂପ ଅଚଳ, ଅସ୍ଥାୟୀ କୂଅରୁ ପାଣି ସଂଗ୍ରହ

ନୂଆପଡା, ୨୮ ଜୁଲାଇ (ହି.ସ.)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଘାଟମାଲ ପଂଚାୟତର ଡୁମେରବାହାଲ ଗ୍ରାମରେ ଥିବା ୨ ଗୋଟି ନଳକୂପ ଅଚଳ ହୋଇ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ନଳକୂପକୁ ପଂଚାୟତ କିମ୍ବା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ମରାମତୀ କରୁନଥିବା ବେଳେ ବର୍ଷା ଋତୁରେ ମଧ୍ୟ ଗ୍ରାମବାସୀ ପାନୀୟ ଜଳ ସମସ୍ୟାର ସମ୍ମୁଖିନରେ ପଡୁଥିବା ପ୍ରକାଶ କରିଛନ୍ତି । ଲୋକେ ବର୍ତମାନ ଗ୍ରାମ ପାଖରେ ଥିବା ଏକ ଅସ୍ଥାୟୀ କୁଅରୁ ପାନୀୟ ଜଳ ସଂଗ୍ରହ କରି ପାନ କରୁଥିବା ଅଭିଯୋଗ କରିଛନ୍ତି । ବର୍ଷା ମାସରେ ଦୂଷିତ ଜଳ ପାନ କଲେ ଅନେକ ସଂକ୍ରାମକ ରୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ବେଳେ ଗ୍ରାମବାସୀ ନଳକୂପ ମରାମତୀ ପାଇଁ ଅଭିଯୋଗ କଲେ ମଧ୍ୟ ପଂଚାୟତ କର୍ତୃପକ୍ଷ ମରାମତୀ ନକରିବା ପରିତାପର ବିଷୟ ଅଟେ । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅଚଳ ୨ ନଳକୂପକୁ ତୁରନ୍ତ ମରାମତୀ ବ୍ୟବସ୍ଥା କରିବାକୁ ସାଧାରଣରେଦାବୀ ହେଉଛି ।

ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରିଣୀ କମିଟି ବୈଠକ

# ସମସ୍ତ ଚିକିତ୍ସାଳୟରେ ରୋଗୀଙ୍କୁ ଉନ୍ନତ ମାନର ସେବା ଯୋଗାଇ ଦେବା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

କୋରେଇ,୨୯।୭ (ନି.ପ୍ର): ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରିଣୀ କମିଟି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ରଞ୍ଜନ କୁମାର ଦାସ ଜିଲ୍ଲାରେ ଥିବା ସମସ୍ତ ଚିକିତ୍ସାଳୟ ଗୁଡିକରେ ରୋଗୀ ମାନଙ୍କୁ ଉନ୍ନତ ମାନର ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ପୂର୍ବ ଅପେକ୍ଷା ବର୍ତମାନ ଡାକ୍ତରଖାନା ଗୁଡିକର ଭିତିଭୂମି ସୁଦୃଢ଼ ହେବା ସହ ବିଭିନ୍ନ ପରୀକ୍ଷା ନୀରିକ୍ଷା, ନିରାମୟରେ ମାଗଣାରେ ଔଷଧ ଇତ୍ୟାଦି ପ୍ରଦାନ କରାଯାଉଛି । ତେଣୁ ଏହାକୁ ସୁଚାରୁ ରୂପେ ପରିଚାଳନା କରିବା ସହ ଆସୁଥିବା ରୋଗୀ ମାନଙ୍କୁ ସଠିକ୍ ଚିକିତ୍ସା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ । ବିସ୍ତୃତ ଆଲୋଚନା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଉନ୍ନୟନ ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରାଗଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୮ ଗୋଟି ଦେୟ ଯୁକ୍ତ କ୍ୟାବିନ ସଂପର୍କରେ ଆଲୋଚନା ହୋଇ କ୍ୟାବିନ ପିଛା ଏକ ହଜାର ଟଙ୍କାର ଦେୟ ଧାର୍ଯ୍ୟ ବ୍ୟବସ୍ଥା କରାଗଲା । ତେବେ ଏହାକୁ ୨୪ ଘଣ୍ଟିଆ ଉନ୍ନତ ସେବା ଯୋଗାଣର ବ୍ୟବସ୍ଥା କରାଯିବା ପାଇଁ ସ୍ଥିର ହେଲା । ମୁଖ୍ୟ ଚିକିତ୍ସାଳୟ ପରିସରରେ ତରଳ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ସେହିପରି ୫ ଗୋଟି ୱାଟର କୁଲର ବିଭିନ୍ନ ସ୍ଥାନରେ ସ୍ଥାପନ ହୋଇଛି । ଏମ୍.ସି.ଏଚ୍. ବିଲ୍ଡିଂରେ ଝରକା ମାନଙ୍କରେ ମଶା ପ୍ରତିରୋଧ ନେଟ୍ ଲଗାଯାଇଚ୍ଛି । ହସ୍ପିଟାଲ ପରିସରରୁ ଦୂଷିତ ଜଳ ନିଷ୍କାସନ ବ୍ୟବସ୍ଥା ହୋଇଚ୍ଛି । ରୋଗୀ ଓ ଆଟେଣ୍ଡାଣ୍ଟଙ୍କ ପାଇଁ ଜୋତା ରଖା ଷ୍ଟାଣ୍ଡର ବ୍ୟବସ୍ଥା ହୋଇଚ୍ଛି । ଔଷଧୀୟ ବୃକ୍ଷ ମଧ ଲଗା ହୋଇଚ୍ଛି । ଅପର ପକ୍ଷରେ ବିଭିନ୍ନ ସୂଚନା ପାଇଁ ଡିଜିଟାଲ ଡିସପ୍ଲେ ବୋର୍ଡ ତୁରନ୍ତ ଲଗାଯିବା ପାଇଁ ପୂର୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଚ୍ଛି । ଅଗ୍ନିଶମ ବିଭାଗ ପକ୍ଷରୁ ନିୟମିତ ଅନୁଧ୍ୟାନ ସହ ଆବଶ୍ୟକୀୟ ଅଗ୍ନି ନିର୍ବାପକ ବ୍ୟବସ୍ଥା, ରୋଗୀ ସେବାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସେବା ପ୍ରଦାନକାରୀ ମାନଙ୍କୁ ଡିଜିଟାଲ ବ୍ୟବସ୍ଥା ମଧ୍ୟରେ ଡାକରା, ଅନ୍ୟାନ୍ୟ ଆବଶ୍ୟକୀୟ ଆସବାବ ପତ୍ର କ୍ରୟ, ଜଣେ ରୋଗୀ ଓ ଜଣେ ଆଟେଣ୍ଡାଣ୍ଟ ବ୍ୟବସ୍ଥାର ତଦାରଖ ପାଇଁ ସୁରକ୍ଷା କର୍ମୀ ବ୍ୟବସ୍ଥା, ପ୍ରତ୍ୟେକ ୱାର୍ଡରେ ଡାକ୍ତର ଓ କର୍ମଚାରୀ ମାନଙ୍କର ନାମ ଫଳକ ପ୍ରଦର୍ଶନ ବ୍ୟବସ୍ଥା, ଟିକଟ କାଉଣ୍ଟର, ଓପଡି ଇତ୍ୟାଦିରୁ ସାଉଣ୍ଡ ସିଷ୍ଟମ ମାଧ୍ୟମରେ ରୋଗୀ ମାନଙ୍କୁ ସୂଚନା ପ୍ରଦାନ ଓ ଡାକରା, ଡାକ୍ତର ଓ ସମସ୍ତ କର୍ମଚାରୀଙ୍କୁ ୟୁନିଫର୍ମ ସହ ପରିଚୟ ପତ୍ର ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ ନିଷ୍ପତି ହୋଇଥିଲା । ସେହିପରି ସ୍ଥାୟୀ ଭାବେ ବର୍ଜ୍ୟ ଜଳର ପରିଚାଳନା, ବର୍ଷା ଜଳ ଅମଳ ଓ ପରିଚାଳନା ଏବଂ ସୌର ଶକ୍ତି ଉତ୍ପାଦନ ଓ ବିନିଯୋଗ ଭିତିକ ବ୍ୟବସ୍ଥା ମୁଖ୍ୟ ଚିକିତ୍ସାଳୟର ପ୍ରତ୍ୟେକ ନିର୍ମାଣ କାର୍ଯ୍ୟରେ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶବାଗାର ପାଇଁ ବିଯୁକ୍ତ ୨୦ ଡିଗ୍ରୀ ଓ ପ୍ଲାଜମା ସଂରକ୍ଷଣ ପାଇଁ ବିଯୁକ୍ତ ୪୦ ଡିଗ୍ରୀର ଦୁଇଟି ଫ୍ରିଜର କ୍ରୟ, ପରିବହନ ପାଇଁ ଦୁଇଟି ଟ୍ରଲି, ୬ଟି ହୁଇଲ ଚେୟାର କ୍ରୟ ପାଇଁ ନିଷ୍ପତି ନିଆଯାଇଥିଲା । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ବଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏ.ଡି.ଏମ୍.ଓ. ଡା. ଅନୁପ କୁମାର ନାଥଶର୍ମା ଏଜେଣ୍ଡା ଅନୁସାରେ ଆଲୋଚନାକୁ ଆଗେଇ ନେଇଥିଲେ ଓ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ବୈଠକରେ ଆଇ.ଏ.ଏସ୍. ପ୍ରୋବେସନର ସଚିନ ପାୱାର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି, ରୋଗୀ କଲ୍ୟାଣ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଡା. ରାଜ କିଶୋର ପଣ୍ଡା, ଡା. କାର୍ତିକ ଚନ୍ଦ୍ର ରାଉତଙ୍କ ସହ ଅନ୍ୟାନ୍ୟ ଡାକ୍ତର ଓ ସଦସ୍ୟ ମାନେ ଯୋଗ ଦେଇଥିଲେ ।

# କାଳିଆ ଯୋଜନା: ମୟୂରଭଞ୍ଜ ଜିଲ୍ଲାରେ ୫୩୬୪ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ, ଟଙ୍କା ଫେରାଇବାକୁ ନୋଟିସ

ବାରିପଦା,୨୯।୭ (ନି.ପ୍ର): ୨୦୧୮ ମସିହା ଡ଼ିସେମ୍ବର ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ କାଳିଆ ଯୋଜନା ଆରମ୍ଭ କରିଥିଲେ । କୃଷକମାନଙ୍କୁ ଆର୍ଥିକ ସହାୟତା ଚୟନର ସ୍ୱାଧୀନତା ପ୍ରଦାନ ପୂର୍ବକ ସଶକ୍ତିକରଣ ନିମନ୍ତେ ପ୍ରେରଣା ଯୋଗାଇ ଦେବା ସାଙ୍ଗକୁ କୃଷିର ଅଭିବୃଦ୍ଧି ଓ ବିକାଶ କରାଇବା , ହିତାଧିକାରୀଙ୍କ ନିକଟରେ ବିଭିନ୍ନ ଆର୍ଥିକ ସେବାର ସହଜ ଉପଲବ୍ଧିର ଉନ୍ନତିକରଣ ଦ୍ୱାରା କୃଷିର ଉତ୍ପାଦକତା ଓ କୃଷକମାନଙ୍କର ବିଶେଷ କରି କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଆୟକୁ ବୃଦ୍ଧ କରାଇବା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ଅସମର୍ଥ କୃଷି ପରିବାର, ଭୂମିହୀନ ଓ ନାମମାତ୍ର ଚାଷୀଙ୍କୁ ଋଣଯନ୍ତା ଓ ଦାରୀଦ୍ର୍ୟରୁ ମୁକ୍ତି ଦେବା ଯୋଜନାର ଲକ୍ଷ ଥିଲା । ଏଥି ନିମନ୍ତେ ସରକାରଙ୍କ ପକ୍ଷରୁ ଯୋଗ୍ୟ ବ୍ୟକ୍ତି ଚୟନ ନିମନ୍ତେ ଏକ ଗାଇଡ଼ ଲାଇନ ଜାରି କରାଯାଇଥିଲା । କିନ୍ତୁ, ମୟୂରଭଞ୍ଜ ଜିଲ୍ଲାରୁ ଉକ୍ତ କାଳିଆ ଯୋଜନାରେ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀ ସାମିଲ ହୋଇ ସିଧାସଳଖ ଭାବେ ଯୋଜନାରେ ମିଳୁଥିବା ରାଶିକୁ ହାତେଇ ନେଇଥିଲେ । ପରବର୍ତୀ ସମୟରେ କୃଷି ବିଭାଗ ପକ୍ଷରୁ ଅଯୋଗ୍ୟ ହିତାଧିକାରୀମାନଙ୍କର ଏକ ଡ଼ାଟାବେସ ପ୍ରସ୍ତୁତ କରିଛନ୍ତି । ଭୂଲେଖ, ଫସଲବୀମା, ସରକାରୀ ଢ଼ାଂଚାରେ ଚାଷୀ ବିକ୍ରି କରିଥିବା ଧାନର ପରିମାଣ ଓ ରେଶନ କାର୍ଡ଼ ଆଦି ବିଭିନ୍ନ ବିଭାଗରୁ ଡ଼ାଟା ସଂଗ୍ରହ କରି ଖୋଳତାଡ଼ ଆରମ୍ଭ ହେବା ପରେ ଜିଲ୍ଲାରୁ ପ୍ରଥମ ପର୍ଯ୍ୟାୟରେ କାଳିଆ ଯୋଜନାରେ ୫ ହଜାର ଟଙ୍କା ପାଇଥିବା ୫୩୬୪ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯିବା ପରେ ଟଙ୍କା ଫେରାଇବାକୁ ନୋଟିସ ଜାରି କରାଯାଇଛି । ଏହାମଧ୍ୟରେ କପ୍ତିପଦା ବ୍ଲକରେ ସର୍ବାଧିକ ୫୭୦, ଉଦଳା ବ୍ଲକରେ ୫୦୦, ବେତନଟୀ-୩୭୦, ଗୋପବନ୍ଧୁନଗର- ୩୫୧, ମୋରଡ଼ା- ୩୨୫, ବଡ଼ସାହି- ୩୧୩, ଶାମାଖୁଣ୍ଟା-୨୨୦, ଠାକୁରମୁଣ୍ଡା-୨୦୪, ରାସଗୋବିନ୍ଦପୁର-୧୯୯, ବାଙ୍ଗିରିପୋଷି- ୧୮୩, ଖୁଣ୍ଟା- ୧୮୨, କୁଳିଅଣା-୧୫୮, ଜାମଦା- ୧୫୬, ରରୁଆଁ- ୧୫୪, ବିଶୋଇ- ୧୪୮, ସାରସକଣା- ୧୪୬, ବହଳଦା ୧୪୪, ଶୁଳିଆପଦା ୧୪୦, ଯଶୀପୁର- ୧୩୨, କୁସୁମୀ- ୧୨୯, କରଞ୍ଜିଆ- ୧୨୩, ଶୁକ୍ରୁଳି ୧୨୦, ବାରିପଦା- ୧୦୯, ରାଇରଙ୍ଗପୁର- ୧୦୫, ବିଜାତୋଳା- ୯୯ ଓ ତିରିଂ ବ୍ଲକରେ ସର୍ବନିମ୍ନ ୮୪ ଜଣ ଅଯୋଗ୍ୟ ହିତାଧିକାରୀ ରହିଥିବାର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ କାଳିଆ ଯୋଜନାରୁ ଉଠାଇଥିବା ଅର୍ଥ ପୈଠ କରାଇବା ନିମନ୍ତେ ଏକ ମାର୍ଗଦର୍ଶିକା ଜାରି କିଛନ୍ତି । ଜିଲ୍ଲା କୃଷି ବିଭାଗ ଅଧିକାରୀ ନିଜ କାର୍ଯ୍ୟାଳୟ ବିଭାଦୀୟ ୱେବ ସାଇଟକୁ ଯାଇ ମାର୍ଗଦର୍ଶିକାକୁ ଡ଼ାଉନଲୋଡ଼ କରିବା ପରେ ଜିଲ୍ଲାର ପ୍ରତ୍ୟେକ ବ୍ଲକସ୍ତରରେ ବ୍ଲକ କୃଷି ଅଧିକାରୀ ବିଭାଗୀୟ ଗ୍ରାମସେବକମାନଙ୍କ ଜରିଆରେ ପ୍ରତ୍ୟେକ ଚାଷୀଙ୍କୁ ଦୁଇଟି ଲେଖାଏଁ ନୋଟିସ ଜାରି କରାଇବେ ଏବଂ ଗୋଟାଏରେ ଚାଷୀ ନୋଟିସ ପାଇଲେ ବୋଲି ସ୍ୱାକ୍ଷର କରି ଗ୍ରାମସେବଙ୍କୁ ପ୍ରଦାନ କରିବେ ବୋଲି କୁହାଯାଇଛି । ବର୍ତମାନ ମୟୂରଭଞ୍ଜ ଜିଲ୍ଲାରେ ସରକାରଙ୍କ ପକ୍ଷରୁ ଚିହ୍ନଟ ହୋଇଥିବା ୫୩୬୪ ଅଯୋଗ୍ୟ ହିତାଧିକାରୀଙ୍କୁ ନୋଟିସ ଜାରି କରାଇବା କାର୍ଯ୍ୟ ଚାଲୁ ରହିଛି । ଉକ୍ତ ନୋଟିସରେ ଚାଷୀମାନଙ୍କୁ ଟଙ୍କା ଫେରସ୍ତ କରାଇବା ନିମନ୍ତେ ଅନୁରୋଧ କରାଯାଇଛି ଏବଂ ଟଙ୍କା ଫେରସ୍ତ ନ ଦେଲେ ସରକାରଙ୍କ ପକ୍ଷରୁ କେଉଁ ପ୍ରକାରର ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ । ଏହି ସମୟରେ କାର୍ଯ୍ୟରତ ବିଭାଗୀୟ ଗ୍ରାମସେବକମାନେ ଚାଷୀଙ୍କୁ ନୋଟିସ ଜାରି କରିବାକୁ ଯାଇଥିବା ବେଳେ ହଟହଟାର ସମ୍ମୁଖୀନ ହେଉଥିବାର ପରିଲକ୍ଷିତ ହୋଇଛି । ଅଧିକାଂଶ ଚାଷୀ ଦସ୍ତଖତ ଦେବାକୁ ମନା କରୁଥିବା ସମୟରେ କେତେକ ବ୍ୟକ୍ତି ଦସ୍ତଖତ ଦେଇଥିବାର ପରିବାର ଜାଣିବା ପରେ ପରିବାରରେ ଶାନ୍ତି ଭଙ୍ଗ ହେଉଥିବାର ଜଣାପଡ଼ିଛି । ପୁଣି ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଅଯୋଗ୍ୟ ତାଲିକାରେ ଥିବା କେତେକ ଚାଷୀ ନିଜକୁ ଯୋଗ୍ୟ ହିତାଧିକାରୀ ବୋଲି ଦୃଢ଼ ଭାବେ ଦାବି କରୁଥିବାର ଜଣାପଡ଼ିଛି । ଏଥି ସହିତ କେତେକ ଚାଷୀ ସରକାରଙ୍କ ଦୋମୁହାଁ ନୀତିକୁ ସମାଲୋଚନା କରିଛନ୍ତି । ପ୍ରଥମରେ ସରକାର ଚିହ୍ନଟ କରିଥିବା ଅଯୋଗ୍ୟ ହିତାଧିକାରୀମାନଙ୍କୁ ନେଇ ନିଜେ ସନ୍ଦେହ ଭିତରେ ରହିଛି । କାରଣ ଜିଲ୍ଲାରେ ହିତାଧିକାରୀ ତାଲିକାକୁ ଭଲ ଭାବେ ଯାଂଚ କରାଗଲେ ଯୋଗ୍ୟ ଭିତରୁ କେତେକ ଅଯୋଗ୍ୟ ବାହାରି ପାରନ୍ତି ଏବଂ ଅଯୋଗ୍ୟ ଭିତରୁ ଯୋଗ୍ୟ ହିତାଧିକାରୀ ବାହାରିବାର ଯଥେଷ୍ଟ ସମ୍ଭାବନା ରହିଛି କେତେକ ପ୍ରଶ୍ନ ଉଠାଇଥିବାର ଜଣାପଡ଼ିଛି । ଏ ବିଷୟରେ ଜିଲ୍ଲା କୃଷି ବିଭାଗର ଉପନିର୍ଦ୍ଦେଶକ ଦାମୋଦର ସେଠୀ ଆମକୁ ଚାଷୀମାନଙ୍କୁ ନୋଟିସ ଲଗାଇବା ନିମନ୍ତେ କୁହାଯାଇଛି, ଆମେ କେବଳ ଆମର ଦାୟିତ୍ୱ ସମ୍ପାଦନ କରିବାରେ ଲାଗିଛୁ । ଅନ୍ୟ ସବୁକିଛି ଭୂବନେଶ୍ୱର କୃଷି ବିଭାଗରୁ ଜାଣି ପାରିବେ ବୋଲି ପ୍ରକାଶ କରିଥିଲେ ।

# ଫୁଲବାଣୀ କୋଭିଡ୍ ହସପିଟାଲର କ୍ଷମତାରୁ ଅଧିକ ରୋଗୀ

## ସଠିକ୍ ଚିକିତ୍ସାରେ ବାଧା ଆଶଙ୍କା

କନ୍ଧମାଳ,୨୯।୭ (ନି.ପ୍ର): ସମଗ୍ର ରାଜ୍ୟ ତଥା ଦେଶ ସମେତ କନ୍ଧମାଳ ଜିଲାରେ ମଧ୍ୟ ଦିନକୁ ଦିନ କରୋନା ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । କରୋନା ରୋଗୀଙ୍କ ସଂଖ୍ୟା ସାଢେଚାରି ଶହରେ ପହଂଚିଲାଣି ଅନ୍ୟପଟରେ ହୋଇ ୨୫୦ ପାଖାପାଖି ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଲେଣି । ଆଉ ୨ଶହରୁ ଉର୍ଦ୍ଧ୍ୱ ବିଭିନ୍ନ କୋଭିଡ କେୟାର ସେଣ୍ଟର ଗୁଡିକରେ ଓ ଜିଲ୍ଲା କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ବର୍ତମାନ ଜିଲ୍ଲା କୋଭିଡ ହସ୍ପିଟାଲରେ ଶହେଜଣ ରୋଗୀ ଚିକିତ୍ସିତ ହେଉଛନ୍ତି । ହସ୍ପିଟାଲର ବେଡ୍ ସଂଖ୍ୟା ୧୪୦ ଓ ଆଇସିୟୁ ଓ ଭେଣ୍ଟିଲେଟର ୧୦ଟି ରହିଛି । ଭୁବନେଶ୍ୱର କିମସ୍ ହସପିଟାଲର ଡାକ୍ତର ଓ ନର୍ସ ସେବା ଯୋଗାଉଛନ୍ତି । ଆସିମଟମସ୍ ରୋଗୀ ବା କମ୍ ଲକ୍ଷଣ ଥିବା ରୋଗୀଙ୍କୁ କୋଭିଡ କେୟାର ସେଣ୍ଟରରେ ରଖାଯାଇ ଚିକିତ୍ସା କରାଯାଉଛି । ଫୁଲବାଣୀ କଲେଜରେ ଥିବା କୋଭିଡ କେୟାର ସେଣ୍ଟରରେ ରଖାଯାଇ ଚିକିତ୍ସିତ କରାଯାଉଛି । ସେହିପରି ବାଲିଗୁଡା, ରାଇକିଆ, ଶଙ୍କରାଖୋଲ, କୋଟଗଡ ଆଦି ସ୍ଥାନରେ ଥିବା କୋଭିଡ କେୟାର ସେଣ୍ଟର ଗୁଡିକରେ ମଧ ପଜିଟିଭ ଚିହ୍ନଟ ରୋଗୀ ମାନଙ୍କୁ ରଖାଯାଇ ଚିକିତ୍ସା କରାଯାଉଛି । ହେଲେ ଦିନକୁ ଦିନ ଯେଉଁ ହାରରେ କରୋନା ପଜିଟିଭ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି ଏପରିସ୍ଥଳେ ଆଗକୁ ଆଗକୁ ଅଧିକା ରୋଗୀ ହେଲେ ଫୁଲବାଣୀ ଜିଲ୍ଲା କୋଭିଡ ହସ୍ପିଟାଲରେ ସଂଖ୍ୟା ରୋଗୀଙ୍କ ତୁଳନାରେ କମ ପଡିବାର ଆଶଙ୍କା ରହିଛି ଏଣୁ, ଆଉ ଶହେ ରୋଗୀଙ୍କ ପାଇଁ ବେଡ ବୃଦ୍ଧି କରିବାର ଆବଶ୍ୟକତା ହେଉଥିବା ନେଇ ସେଠାରୁ ସୁସ୍ଥ ହୋଇ ଫେରିଥିବା ରୋଗୀ ମାନଙ୍କ ସୂତ୍ରରୁ ଜଣାପଡିଛି । ତେବେ କେବଳ ବେଡ ସଂଖ୍ୟା ବୃଦ୍ଧି କରିଲେ ଏହାର ସମାଧାନ ହେବନାହିଁ ସେଥିପାଇଁ ଅଧିକ ଡାକ୍ତର ଏବଂ କର୍ମଚାରୀଙ୍କର ଆବଶ୍ୟକତା ମଧ୍ୟ ପଡିବ । ଅନ୍ୟପକ୍ଷରେ ଏଠାରେ ଭେଣ୍ଟିଲେଟର ମଧ୍ୟ ଆବଶ୍ୟକତା ଅନୁସାରେ ନାହିଁ । ସେଥିପାଇଁ ସଂକ୍ରମିତ ଗୁରୁତର ରୋଗୀମାନଙ୍କୁ ଏଠାରେ ରଖି ଚିକିତ୍ସା କରାଯାଇ ପାରିନ ଥିବାରୁ ସେମାନଙ୍କୁ ଭୁବନେଶ୍ୱରକୁ ପଠାଯାଉଛି । କୋଭିଟ ହସପିଟାଲରେ ସ୍ୱାବ ଟେଷ୍ଟିଙ୍ଗ ମେସିନ ଥିଲେ ମଧ୍ୟ ଏହାର ଉପୋଯୋଗ କରାଯାଉନାହିଁ ସେଥିପାଇଁ ସ୍ୱାବ ରିପୋର୍ଟ ଆସିବାକୁ ବିଳମ୍ବ ହେଉଥିବାରୁ ସଂକ୍ରମଣ ବୃଦ୍ଧିର ମଧ୍ୟ ଆଶଙ୍କା ରହୁଛି । ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଏହିପରିସ୍ଥିତିରେ ସେମାନଙ୍କର ଚିକିତ୍ସାରେ ବାଧା ଉପୁଜିବାର ଆଶଙ୍କା ରହିଥିବା ସେଠାରେ ଚିକିତ୍ସିତ ହୋଇ ଫେରିଥିବା ରୋଗୀମାନେ କହିଥିବା ଜଣାପଡିଛି ।

# ଭଦ୍ରକ ସହରରେ କୋଭିଡ୍ ଟେଷ୍ଟ

ଭଦ୍ରକ, ୨୯/୭(ହି.ସ.) - ଭଦ୍ରକ ଜିଲାରେ କରୋନା ସ୍ଥିତି ଦିନକୁ ଦିନ ଜଟିଳ ହେଉଛି । ସଙ୍ଗରୋଧ କେନ୍ଦ୍ର ଡେଇଁ ଗାଁରେ ଏବେ କରୋନା ସଂକ୍ରମଣ ଭୟ ସୃଷ୍ଟି କରିଛି । ଅନ୍ୟପକ୍ଷରେ ପୌରାଂଚଳରେ ମଧ ସ୍ଥିତି ଉଦ୍‌ବେଗ ଜନକ ରହିଛି । ଲୋକାଲ୍ କେଶ୍ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସହର ମଧରେ କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ଏହି ସମୟରେ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଯାଂଚ କରିବା ସହିତ ନମୁନା ସଂଗ୍ରହ ଓ ସାନିଟାଇଜ୍ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି । ଜିଲାର ଏକମାତ୍ର କୋଭିଡ୍ ହସ୍‌ପିଟାଲରେ ୧୨୦ ଜଣ ରୋଗୀଙ୍କୁ ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଇଥିବାବେଳେ ଜିଲାର ବର୍ତମାନ ସୁଦ୍ଧା କରୋନା ସଂକ୍ରମିତଙ୍କ ସଂଖ୍ୟା ୫୪୯ ରେ ପହଂଚିଛି । ତେବେ ୪୩୨ ଜଣ ସୁସ୍ଥ ହୋଇଥିବାବେଳେ ୧୧୫ ଜଣ ଚିକିତ୍ସିତ ହେଉଛନ୍ତି । ଭଦ୍ରକ ଜିଲାରେ ୧୬,୮୯୮ ଜଣଙ୍କର ନମୁନା ପରୀକ୍ଷା ହୋଇଥିବା ଜଣାପଡିଛି । ଏନେଇ ଭଦ୍ରକ ଜିଲାପାଳ ଜ୍ଞାନ ଦାସ ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି ।

# ଚୋରା ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଜବତ, ୧୫ ହଜାର ଟଙ୍କା ଫାଇନ ଆଦାୟ

ଭୁବନ,୨୯।୭ (ନି.ପ୍ର): ଆଜି ଅପରାହ୍ନ ୪ ଘଟିକା ସମୟରେ ଭୁବନ ତହସିଲ ତରଫରୁ ଗୋଡିପଟଣା ନିକଟରେ ବେଆଇନ ବାଲି ଚାଲାଣ କରୁଥବା ଓଡି୦୬ ଇ- ୨୧୦୦ ନମ୍ବର ବିଶିଷ୍ଟ ଗୋଟିଏ ଟ୍ରାକ୍ଟରକୁ ଜବତ କରାଯାଇ ୧୫ ହଜାର ୧୨୦ ଟଙ୍କା ଫାଇନ କରାଯାଇଥିବା ଜଣାପଡିଛି । ଢେଙ୍କାନାଳ ଜିଲ୍ଲାରେ ଖଣିଜ ଦ୍ରବ୍ୟର ବ୍ୟାପକ ଚୋରା ଚାଲାଣ ହେଉଥିବା ଦୃଷ୍ଟିରୁଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ତହସିଲ କର୍ମଚାରୀ ଏବେ ସଜାଗ ରହି ଚଢାଉ କରିବାରେ ଲାଗିଛନ୍ତି । ଅତିରିକ୍ତ ତହସିଲଦାର ମନୋଜ କୁମାର ମାଝି ଙ୍କ ନେତୃତ୍ୱରେ ଭୁବନ ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପରିଡା , ଅମିନ ରାକେଶ କୁମାର ପଣ୍ଡା, କର୍ମଚାରୀ ସୁନାରାମ ତିରିଆ ପ୍ରମୁଖ ଚଢାଉ କରି ବାଲି ଟ୍ରାକ୍ଟରକୁ ଜବତ କରିଥିଲେ ।

# ସୁଖଦୁଃଖର ସାଥୀ ସହୀଦ ଭଗତ ସେନା

ଭଦ୍ରକ, ୨୯/୭ (ହି.ସ.) - ଭଦ୍ରକ ପୌରା ଳ ଅଧୀନ ଛଡାକମହଲା ଅଂଚଳର ଗରିବ ୬୭ ବର୍ଷୀୟ ଗୁଲାମ୍ ସେକ୍ ରସୁଲ ଫାଇଲେରିଆହ ରୋଗରେ ପୀଡିତ ହୋଇ ଦୀର୍ଘଦିନ ଧରି କଷ୍ଟ ଭୋଗୁଛନ୍ତି । ଏଭଳି ଶାରୀରିକ ଯନ୍ତ୍ରଣା ଭିତରେ ଟ୍ରଲି ଚଳାଇ ଚଳାଇ ନିଜ ପରିବାରର ପ୍ରତିପୋଷଣ କରନ୍ତି । ଏଭଳି ସ୍ଥିତିରେ ଟ୍ରଲି ଚଳାଇବା ପାଇଁ କଷ୍ଟ ହେଉଥିଲେ ମଧ ଗୋଟେପଟେ ପରିବାର ଓ ଅନ୍ୟ ପଟେ ଫାଇଲେରିଆ ଯନ୍ତ୍ରଣା ଭିତରେ ପେଶି ହେଉଛନ୍ତି ଗରିବ ଗୁଲାମ୍ ସେକ୍ । ଯେତେବେଳେ ପରିବାର ପେଟ ପାଇଁ ଦାନା ଯୋଗାଡ କରିବା କଷ୍ଟ ସେତେବେଳେ ଏହି ରୋଗ ଭଲ ପାଇଁ କେମିତି ବା ସମର୍ଥ ହୋଇଥାନ୍ତା ଗୁଲାମ୍ ସେକ୍‌ଙ୍କର । ଏହାପରେ ମହାମାରୀ କରୋନା କଟକଣା ଗରିବ ଗୁଲାମ ସେକ୍‌ଙ୍କ ଜୀବନରେ ଭରି ଦେଇଛି ଅନ୍ଧକାର । ଗୁଲାମ୍ ସେକ୍‌ଙ୍କ ଏଭଳି ଦୁଃଖଦ ଘଟଣା ବିଷୟରେ ଅବଗତ ପରେ ସହାୟତା ପାଇଁ ପାଖରେ ଛିଡା ହେଲା ସହୀଦ ଭଗତ ସେନା ପରିବାର । ଆଜି ଭଗତ ସେନା ସଂଗଠନର ସଦସ୍ୟମାନେ ଏହି ଗରିବ ପରିବାର ନିକଟରେ ପହ, ଆର୍ଥିକ ସହାୟତା ଯୋଗାଇବା ସହିତ ଭବିଷ୍ୟତରେ ମଧ ଏହି ପରିବାରକୁ ସହାୟତା କରାଯିବା ନେଇ କହିଛନ୍ତି ସଂଗଠନର ଆବାହକ ସୀତାଂଶୁ ମହାପାତ୍ର ।

# ରକ୍ଷଣା ବେକ୍ଷଣ ନାହିଁ ନଷ୍ଟ ହେଲାଣି କନ୍ଧମାଳ ଜିଲା କଳିଙ୍ଗା ଉଦ୍ୟାନ ବିଭାଗ ଫାର୍ମ

କନ୍ଧମାଳ,୨୯।୭ (ନି.ପ୍ର): ସରକାର ଉଦ୍ୟାନ ବିଭାଗ ପକ୍ଷରୁ କନ୍ଧମାଳ ଜିଲ୍ଲାର କଳିଙ୍ଗା ଠାରେ ସ୍ଥାପନ କରିଥିଲେ ଏକ ବିରାଟ ଉଦ୍ୟାନ ଫାର୍ମ । ଏହି ଫାର୍ମରେ ନାନା ପ୍ରକାର ଉନ୍ନତ କିସମର ଆମ୍ବ, ନଡିଆ, ପିଜୁଳି, ଲିଚୁ ଆଦି ଲଗାଯାଇଥିଲା । ଏଥିରୁ ଉତ୍ପାଦିତ ଫଳ ବଜାରରେ ବିକ୍ରି କରାଯାଇ ପ୍ରଚୁର ଅର୍ଥ ଉତ୍ପାଦିତ ହେଉଥିଲା । ଚାଷୀମାନେ ମଧ ବିଭିନ୍ନ ସମୟରେ ଏହି ଫାର୍ମକୁ ବୁଲିଆସି ଦେଖି ଯାଉଥିଲେ । ହେଲେ ଆଗରୁ ସବୁ ଠିକ୍‌ଠାକ୍ ଥିଲା, କର୍ମଚାରୀ ମାନେ ମଧ ବହୁସଂଖ୍ୟାରେ ନିୟୋଜିତ ଥିଲେ । ସବୁ କାମ ଭଲଭାବରେ ଚାଲୁଥିଲା । ହେଲେ ଏବେ ଗତ କିଛିବର୍ଷ ହେଲା ଏତେବଡ ସୁନ୍ଦର ଫାର୍ମଟି ରକ୍ଷଣା ବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି । ଏତେବଡ ବଗିଚାର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ନାହାଁନ୍ତି । ଫଳରେ ନାନା ପ୍ରକାର ଫଳ ଗଛରେ ଭରପୁର ଥିବା ଫାର୍ମଟି ଏବେ ଶ୍ରୀହୀନ ହେବାରେ ଲାଗିଛି । ଗତ ପ୍ରାୟ ୩୦ ବର୍ଷ ତଳେ କଳିଙ୍ଗା ଠାରେ ୩ ଲକ୍ଷ ଟଙ୍କା ବ୍ୟୟରେ ୫୦ ଏକର ଜାଗାରେ ଏହି ଫଳ ବଗିଚାଟି ଉଦ୍ୟାନ ବିଭାଗ ଜରିଆରେ ପ୍ରତିଷ୍ଠା କରାଯାଇଥିଲା । ହେଲେ ଏବେ ତାକୁ ବୁଝିବାକୁ କିଏ ନାହିଁ । ନା କର୍ମଚାରୀ ଅଛନ୍ତି ନା ରକ୍ଷଣା ବେକ୍ଷଣ ହେଉଛି । ଫଳରେ ଏହି ୫୦ ଏକର ବିଶିଷ୍ଟ ଫାର୍ମଟି ଶ୍ରୀହୀନ ହେବାରେ ଲାଗିଛି । ଏନେଇ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକଙ୍କୁ ପଚାରିଲେ ଅର୍ଥ ଅନୁଦାନ ଅଭାବରୁ ରକ୍ଷଣା ବେକ୍ଷଣ ହୋଇପାରୁନଥିବା ବେଳେ ଏବେ କର୍ମଚାରୀ ଅଭାବ ରହିଛି । ଏନେଇ ସରକାରଙ୍କୁ ଅବଗତ କରାଯାଇଛି । ଅର୍ଥ ଅନୁଦାନ ଆସିଲେ ରକ୍ଷଣା ବେକ୍ଷଣ କରାଯିବ ବୋଲି କହିଛନ୍ତି ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ।

# କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ କରୋନା ମହାମାରୀ ନିୟମର ଖୋଲା ଖୋଲି ଉଲଙ୍ଘନ କରି ଧଜିଆ ଉଡାଇଲେ ସରକାରୀ ଅଧିକାରୀ

କେନ୍ଦୁଝର,୨୯।୭ (ନି.ପ୍ର): କରୋନା ମହାମାରୀ କୁ ନେଇ ସାରା ବିଶ୍ୱ ବାସୀ ଆତଙ୍କିତ ଅବସ୍ଥାରେ ଥିବା ବେଳେ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ଖୋଦ ସରକାରୀ ବଡ ବାବୁମାନେ ଏହି କରୋନା ମହାମାରୀ ନିୟମ ର ଖୋଲା ଖୋଲି ଉଲଙ୍ଘନ କରି ଏହାର ଧଜିଆ ଉଡାଇବାକୁ ପଛାଇ ନଥିବା ଦେଖିବାକୁ ମିଳିଛି । କୋଭ୍‌ଡ-୧୯ ପାଇଁ ସାମୟିକ ଭାବରେ ଏ.ଏନ୍.ଏମ୍ ଭାବରେ କାମ କରିବାକୁ ଆଜି ମଙ୍ଗଳବାର ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇଂଟରଭ୍ୟୁ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । ଆଉ ଏହି ଆସ୍ଥାୟୀ ଚାକିରୀ ପାଇଁ ଆଜି ମଙ୍ଗଳବାର ଦିନ ସକାଳୁ ସକାଳୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରେ ରହିଥିବା ଏ.ଏନ୍.ଏମ୍ ଟ୍ରେନିଂ ସେଣ୍ଟରର ସମ୍ମୁଖରେ ହଜାର ହଜାର ସଂଖ୍ୟାରେ ମହିଳା ଓ ଯୁବତୀ ଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଥିଲା । ଆଉ ଏହି ଭିଡ କୁ ଦେଖିଲେ ଲାଗୁଥିଲା ସତେ ଯେମିତି ଖୋଦ ଜିଲ୍ଲା ମଖ୍ୟ ଚିକିତ୍ସାଳୟରେ ହିଁ କୋଭିଡ-୧୯ ର ନିୟମକୁ ଖୋଲା ଖୋଲି ଉପହାସ କରାଯାଉଥିଲା । ଏପରି କି ସେହି ସ୍ଥାନରେ ଖୋଦ ସି.ଡି.ଏମ୍. ଓ. ଏବଂ ପୋଲିସ ଅଧିକାରୀଙ୍କର ଉପସ୍ଥିତ ରେ ଇଂଟରଭିଉରେ ଅଶଂ ଗ୍ରହଣ କରିବାକୁ ଆସିଥିବା କେହି ହେଲେ ବି ମହିଳା ତଥା ଯୁବତଈ କୋଭିଡ -୧୯ ନିୟମ ମାନୁ ନ ଥିବା ଦେଖିବାକୁ ମିଳିଥିଲା । କେହି ହେଲେ ସାମାଜିକ ଦୂରତ୍ୱ ରକ୍ଷା କରୁନଥିଲେ । କିମ୍ବା ସେଠାରେ ସାନିଟାଇଜରରେ ହାତ ସଫା କରିବାର ମଧ୍ୟ ବ୍ୟବସ୍ଥା ରଖା ଯାଇ ନଥିଲା ।ସମସ୍ତେ ଠେଲା ପେଲା ହୋଇ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା । ସବୁଠାରୁ ଦୁର୍ଭାଗ୍ୟପୁର୍ଣ୍ଣ ଘଟଣା ହେଉଛି ଯେ ସ୍ୱାସ୍ଥ ବିଭାଗ ଅଧିକାରୀ ନା ପୋଲିସ କେହି ହେଲେ ଏହାକୁ ବାରଣ କରିବାକୁ ଆଗ୍ରହ ପ୍ରକାଶ କରି ନଥିଲେ । ଆଉ ସେପଟେ ଇନ୍ଟରଭ୍ୟୁ ଦେବାକୁ ଆସିଥିବା ମହିଳା ମାନେ ମଧ୍ୟ ଏହି ନିୟମକୁ ମାନୁ ନଥିବା କଥା ସ୍ୱୀକାର କରିବା ସହ ଏହାକୁ ମାନି ହେବ ନାହିଁ ବୋଲି ରୋକ୍‌ଠୋକ ଶୁଣାଇ ମଧ୍ୟ ଦେଇଥିଲେ । ଆଉ ତାର କାରଣରେ ଦର୍ଶାଇଛନ୍ତି ଯେ ଯେହେତୁ ଅନେକ ଦିନ ହେବ କିଛି ଚାକିରୀ ବାକିରି ବାହାରି ନଥିଲା ତେଣୁ ଭିଡ ହୋଇଛି । ଏବଂ ଡାକ୍ତରଖାନାରେ ଏହି ସମୟରେ ଅଧିକ ସମୟ ରହିବା ଠିକ ନୁହେଁ ତେଣୁ ସମସ୍ତେ କେମିତି ଶୀଘ୍ର କାମ ସାରି ଘରକୁ ଯିବେ ସେଥିପାଇଁ ବ୍ୟଗ୍ର ରହିଥିବା ବୋଲି କହିତିଲେ । ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଯେ ଖୋଦ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖିଆ ସି.ଡି.ଏମ୍.ଓ. ଏ ସଂପର୍କରେ ହୋଇଥିବା କ୍ୟାମେରା ଏବଂ ମୋବାଇଲ ରେକର୍ଡିଂ ତଥା ଫଟୋ ଦେଖି ଚମକି ଥିବା ବେଳେ ପରମୁହୂର୍ତରେ ନିଜ ତୃଟି ଲୁଚାଇବାକୁ ଯାଇ ଚିକିତ୍ସାଳୟ ପରିସର ରେ ଚାଲିଥିବା ଇନ୍ଟରଭ୍ୟୁ ବିଷୟ ରେ କିଛି ଜାଣି ନଥିବା ଏବଂ କେତେ ସଂଖ୍ୟାରେ ଚାକିରୀ ଅଛି କିମ୍ବା ତା ପାଇଁ କଣ ପ୍ରସ୍ତୁତି ହୋଇଛି କିଛି ବି ମଧ୍ୟ ଜାଣି ନଥିବା କହିବା ସହ ତୁରନ୍ତ ସ୍ଥାନ ଛାଡି ଚାଲିଯାଇଥିଲେ କେନ୍ଦୁଝର ଜିଲ୍ଲାରେ ଯେଉଳି ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ସଙ୍ଗକୁ କରୋନା ଯୋଦ୍ଧାଙ୍କ ସଂଖ୍ୟା ବଢିବାରେ ଲାଗିଛି ତାହା ପ୍ରତ୍ୟେକ ଲୋକ ପାଇଁ ଚିନ୍ତାର କାରଣ ହୋଇ ପଡିଥିବା ବେଳେ ଖୋଦ ଜିଲ୍ଲା ମୁଖ୍ୟା ଚିକିତ୍ସାଳୟରେ ଅଧିକାରୀଙ୍କ ଉପସ୍ଥିତିରେ ଏଭଳି ସମାବେଶକୁ କଣ କୁହାଯିବ । ଏହି ଘଟଣାରେ ଦାୟୀ ଅଧିକାରୀଙ୍କ ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ କି ନାହିଁ ତାହା ଉପରେ ଏବେ ଉଠିଛି ପ୍ରଶ୍ନ ।

# ସମସ୍ତ ଟୋକନ୍‌ଧାରୀଙ୍କଠାରୁ କିଣାଯାଇନି ଧାନ : ବର୍ତ୍ତନା ସୋସାଇଟିରୁ ଧାନ ସହ ଟ୍ରକ ଜବତ୍




ଜଳେଶ୍ୱର,୨୯।୭ (ନି.ପ୍ର): ଜଳେଶ୍ୱର ବ୍ଲକ ଅଂଚଳରେ ଥିବା ସେବା ସମବାୟ ସମିତି ଗୁଡିକରେ ଧାନ କିଣିବା ଅବଧି ଶେଷ ହୋଇଥିଲେ ମଧ୍ୟ ଯୋଗାଣ ବିଭାଗ ଦେଇଥିବା ଟୋକନ୍‌ଧାରୀଙ୍କ ଠାରୁ ସମସ୍ତ ଧାନ କ୍ରୟ ହୋଇନଥିବା ଜଣାଯାଇଛି । ଫଳରେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଗତ ମଂଗଳବାର ଅପରାହ୍ନରେ ବର୍ତ୍ତନା ସେବା ସମବାୟ ସମିତିକୁ ଧାନ ନେବାକୁ ଆସିଥିବା ଟ୍ରକ୍‌କୁ ଉତ୍ୟକ୍ତ ଚାଷୀମାନେ ବହୁ ଅଭିଯୋଗ ସହ ଘେରିଥିଲେ । ଶେଷରେ ଯୋଗାଣ ବିଭାଗ ପକ୍ଷରୁ ଟ୍ରକଟିକୁ ଜବତ୍ କରାଯାଇ ଅଟକ ରଖାଯାଇଛି । ଘଟଣାରୁ ପ୍ରକାଶ ସରସିଦାଠାରେ ଥିବା ବର୍ତ୍ତନା ସେବାସମବାୟ ସମିତି ଅଧିନରେ ୫୭୬ଜଣ ଚାଷୀ ନାମ ପଂଜିକରଣ କରିଥିଲେ । ସେମାନଙ୍କ ଠାରୁ ୩୬୭୦୦ କ୍ୟୁଣ୍ଟାଲ ଧାନ କିଣିବା କଥା । କିନ୍ତୁ ୩୫୦ଜଣଙ୍କୁ ଟୋକ ଦିଆଯାଇଥିବାରୁ ୨୨୬ଜଣଙ୍କ ଠାରୁ ୧୩୮୩୫ କ୍ୟଣ୍ଟାଲ ଧାନ କ୍ରୟ ହୋଇଥିବା ଜଣାଯାଇଛି । ସେଠାରୁ ଜଗନ୍ନାଥ ମିଲ, ବଡ ଆଗ୍ରୋ ଟେକ୍ ଓ ପୂଜା ନାମକ ୩ଟି ରାଇସ୍‌ମିଲ ଧାନ କ୍ରୟ କରିଥିବା ବେଳେ ଗତ ମଂଗଳବାର ଅପରାହ୍ନରେ ଏକ ଟ୍ରକ ଯୋଗେ ଧାନ ଯିବାକୁ ଥିବା ବେଳେ ସମବାୟ ସମିତିର ଜଣେ କର୍ମଚାରୀଙ୍କ ଧାନ ନିଆଯାଉଥିବା ଅଭିଯୋଗ ହୋଇଛି । ଗ୍ରାମବାସୀମାନେ ଟ୍ରକ୍‌କୁ ଘେରାଓ କରି ଉପଜିଲାପାଳ ଈଶ୍ୱର ଆଶିଷ ପଟେଲଙ୍କୁ ସବିଶେଷ ତଥ୍ୟ ଦେବାରୁ ସେ ଆର୍‌ଏମ୍‌ସିର ସଂପାଦକ ବଳରାମ ଜେନା ଓ ଏସ୍‌ଇଏସ୍‌ଓ ଅଜୟ କୁମାର ମଲ୍ଲିକଙ୍କୁ ତଦନ୍ତ କରିବାକୁ ଦେଇଥିଲେ । ଗତ ରାତିରେ ପୁଲିସ୍ ସିଜ୍ କରିବାପରେ ଆଜି ଜଳେଶ୍ୱର ଯୋଗାଣ ନିରିକ୍ଷକ ସାଗରିକା ରାଉତରାୟଙ୍କ ଉପସ୍ଥିତିରେ ଧାନ ସଂପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରାଯାଇଛି । ଏହି ଟ୍ରକ୍‌ର ନମ୍ବର ଟିଏନ୍‌୭୭ଏଚ୍‌୭୭୪୨ ହୋଇଥିବାରୁ ଆନ୍ଧ୍ରକୁ ଚୋରା ଚାଲାଣ ହେଉଥିବା ସଂପର୍କରେ କୁହାଯାଇଛି । ଏହି ୧୫୪ ବ୍ୟାଗ୍ ନାମ୍ପୋ ସୋସାଇଟିରେ ଜମା ରହିବ ବୋଲି ଆର୍‌ଏମ୍‌ସି ପକ୍ଷରୁ କୁହାଯାଇଛି ।

## ପୂର୍ବତଟ ରେଳପଥର ସମସ୍ତ ଟ୍ରେନ୍‌ରେ ସ୍ଥାପନ ହେଲା ବାୟୋଟଏଲେଟ୍

ଭୁବନେଶ୍ୱର,୨୯।୭ (ନି.ପ୍ର): ଯାତ୍ରୀମାନଙ୍କୁ ସ୍ୱଚ୍ଛ ଓ ପରିବେଶ ଅନୁକୁଳ ଯାତ୍ରା ସୁବିଧା ଯୋଗାଇଦେବା ଓ ସ୍ୱଚ୍ଛ ରେଳ, ସ୍ୱଚ୍ଛ ଭାରତ ଅଭିଯାନରେ ଦେଇଥିବା ପ୍ରତିଶ୍ରୁତିକୁ ପୁରଣ କରିବା ଉଦ୍ୟମକୁ ଜାରି ରଖିବା ଉଦ୍ଦେଶ୍ୟରେ ପୂର୍ବ ତଟ ରେଳପଥ ଟ୍ରେନ୍ ଗୁଡ଼ିକରେ ବାୟୋଟଏଲେଟ୍ ଗୁଡ଼ିକର ଶତପ୍ରତିଶତ ସ୍ଥାପନା କାର୍ଯ୍ୟ ସଫଳ ରୂପେ ସମ୍ପୂର୍ଣ୍ଣ କରିଛି । ଏହି ବାୟୋଟଏଲେଟ୍ ଗୁଡ଼ିକ ବ୍ୟାକ୍ଟେରିଆ ସହାୟତାରେ ମାନବ ପରିଶିଷ୍ଟକୁ ଜଳ ଓ ବାୟୋ ଗ୍ୟାସ୍‌ରେ ପରିଣତ କରିବ । ପୂର୍ବ ତଟ ରେଳପଥରେ ଏପରି ୩୨୪୭ଟି କୋଚ୍ ଅଛି । ଏଥିମଧ୍ୟରୁ ୨୫୩୪ ଆଇସିଏଫ୍ କୋଚ୍ ଓ ୭୧୩ ଟି ଏଲଏଚବି କୋଚ୍ ବାୟୋଟଏଲେଟ୍ ଦ୍ୱାରା ସୁସଜ୍ଜିତ । ପୂର୍ବ ତଟ ରେଳପଥର କୋଚ୍ ଗୁଡ଼ିକରେ ଶତପ୍ରତିଶତ ସ୍ଥାପିତ ହୋଇଥିବା ବାୟୋଟଏଲେଟ୍ ଗୁଡ଼ିକ ଯେ କେବଳ ରେଲ୍‌ୱେ ଟ୍ରାକ୍‌ରେ ମାନବ ଅପଶିଷ୍ଟ ପଡ଼ିବାକୁ ରୋକିବା ଦ୍ୱାରା ସ୍ୱଚ୍ଛତା ବଜାୟ ରଖିବାରେ ସହାୟତା କରିବ ତାହା ନୁହେଁ ଏହା ମଧ ଟ୍ରାକ୍‌କୁ କଳଙ୍କି ଲାଗିବାରୁ ରକ୍ଷାକରିବ ଏବଂ, ତେଣୁ, ଏହା ରେଳବାଇ ସାମଗ୍ରୀର ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ କରିବ ଏବଂ ଟ୍ରେନ୍ ପରିଚାଳନାରେ ନିରାପତା ସୁଦୃଢ଼ କରିବ । ପୂର୍ବ ତଟ ରେଳପଥ ମଧ ଭେଂଚୁରି ପଦ୍ଧତିର ଚିନ୍ତାଧାରା ଲାଗୁକରି ବାୟୋଟଏଲେଟ୍ ର କାର୍ଯ୍ୟକାରିତାରେ ମଧ ଉନ୍ନତି ଆଣିଛନ୍ତି । ଏହି ନୂଆ ପଦ୍ଧତି ଦ୍ୱାରା ଟଏଲେଟ୍ ମଧରେ ଉପଯୁକ୍ତରୂପେ ମୁକ୍ତ ବାୟୁ ଚଳାଚଳ ସୁନିର୍ଶ୍ଚିତ ହୋଇଥାଏ । ଏହା ଦ୍ୱାରା ବାୟୋଟଏଲେଟ୍‌ରେ ପୂର୍ବରୁ ହେଉଥିବା ଦୂଷିତ ଗନ୍ଧକୁ ଏଡ଼ାଇ ଦି ଅ । ଯ । ଇ ପ । ର୍ ଛି । ବାୟୋଟଏଲେଟ୍ ଗୁଡ଼ିକରେ ମଧ ସହଜରେ ମଇଳା ସଫା ହୋଇଯିବା ନିମନ୍ତେ କୋମଳ ଫ୍ଲସ୍ ସିଷ୍ଟମ୍ ବ୍ୟବସ୍ଥା ପୂର୍ବ ତଟ ରେଳପଥ ପକ୍ଷରୁ କରାଯାଇଅଛି । ଟଏଲେଟ୍ ପ୍ୟାନ୍ ଗୁଡ଼ିକ ମଧକୁ ଅସନା ପଦାର୍ଥ ଜମା ନହେବା ନିମନ୍ତେ ପ୍ରତ୍ୟେକ ଟଏଲେଟ୍‌ରେ ବାୟୋଟ୍ୟାଙ୍କ୍ ସଂଯୁକ୍ତ କରାଯାଇ ଲିଟରବିନ୍‌ର ବ୍ୟବସ୍ଥା କରାଯାଇଛି । ବାୟୋଟଏଲେଟ୍ ଗୁଡ଼ିକର ଉପଯୁକ୍ତ ବ୍ୟବହାର ବିଷୟରେ ଯାତ୍ରୀମାନଙ୍କୁ ସଚେତନ କରିବା ପାଇଁ କଣ କରବା ଉଚିତ , କଣ ନକରିବା ଉଚିତ ସମ୍ବନ୍ଧରେ ସଚିତ୍ର ସନ୍ଦେଶମାନ ପ୍ରଦର୍ଶିତ କରାଯାଇଛି ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

# ବିଜୟ ମହାନ୍ତି ଥିଲେ ଓଡିଆ ନାଟକ ଓ ସିନେ ଜଗତର ଜଣେ ମାଇଲଖୁଂଟ

## ବିଜୟ ମହାନ୍ତିଙ୍କ ବିୟୋଗରେ ରୂପାୟନ ପକ୍ଷରୁ ବାରିପଦାଠାରେ ଶ୍ରଦ୍ଧାଳି ସଭା




ବାରିପଦା ,୨୯।୭ (ନି.ପ୍ର): ଓଡିଆ ନାଟକ ଓ ସିନେ ଜଗତର ଜଣେ ଅନନ୍ୟ କଳାକାର ସ୍ୱର୍ଗତଃ ବିଜୟ ମହାନ୍ତିଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି । ଜଣେ ମାଟି ମନସ୍କ ସରଳ ନିଷ୍ଠାପର ମଣିଷ ଭାବରେ ସେ ଦୀର୍ଘ ଦଶନ୍ଧି ଧରି ଓଡିଆ ନାଟକ ଓ ସିନେମା କ୍ଷେତ୍ରରେ ନିଜର ତ୍ୟାଗପୂତ କର୍ମବଳରେ ଯେଉଁ ଭଳି ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ତାହା ଆଗାମୀ ପିଢୀ ପାଇଁ ପଥ ପ୍ରଦର୍ଶକ ହୋଇ ରହିବ ବୋଲି ଆଜି ତାଙ୍କର ଦଶାହ ଉପଲକ୍ଷେ ରୂପାୟନ ଅନୁଷ୍ଠାନ ତରଫରୁ ବାରିପଦା ଠାରେ ଆୟୋଜିତ ଏକ ଶ୍ରଦ୍ଧାଳି ସଭାରେ ମତପ୍ରକାଶ ପାଇଛି । ଆଜି ରୁପାୟନ ମୟୂରଭ ଜିଲ୍ଲାଶାଖାର ସଭାପତି ବିଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଳି ସଭାରେ ରୂପାୟନର ସମ୍ପାଦିକା ଶ୍ରଦ୍ଧାଳି ରାୟ, ବରିଷ୍ଠ ସିନେ ତାରକା ଅସୀତ ପତି, ସନ୍ତୋଷ ମହାନ୍ତି, ପାର୍ବତୀ ବାରିକ, ବାସୁଦେବ ସାହୁ, ସୁସ୍ମିତା ଘୋଷାଲ, ସୁଧାମୟୀ ଦାସ, ଆନନ୍ଦ ପୃଷ୍ଟି, ସାଗରିକା ମହାନ୍ତି, ଫାଲ୍ଗୁନୀ ମହାନ୍ତି, ମନୋଜ କୁମାର ବେହେରା, ପ୍ରଭାତ କୁମାର ପାତ୍ର, ଦୀପକ କୁମାର ନାୟକ, ଅସୀତ କୁମାର ଗିରି, ତାପସ କୁମାର ସାହୁ, ଆଶିଷ କୁମାର ଦେ, ସୀବ କୁମାର ରଣଜିତ, ଦିଲ୍ଲିପ କୁମାର ପାତ୍ର, ସାନ୍ତନୁ ମହାନ୍ତି, ଜୟ ରନ ମହାନ୍ତି, ଅଶୋକ କୁମାର ପାତ୍ର ପ୍ରମୁଖ ବିଜୟ ମହାନ୍ତିଙ୍କୁ ଭଲପାଉଥିବା ବହୁ ବ୍ୟକ୍ତି ଯୋଗଦେଇ କ୍ୟାଣ୍ଡେଲ ଜଳାଇ ଏବଂ ଫୋଟ ଚିତ୍ରରେ ଶ୍ରଦ୍ଧାଳି ଅର୍ପଣ କରିଥିଲେ । ପ୍ରଥମେ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତଃ ବିଜୟ ମହାନ୍ତିଙ୍କ ପିଲାବେଳ ବାରିପଦାରେ କଟିଥିଲା ଏବଂ ଏହି ବାରିପଦା ମାଟିରୁ ତାଙ୍କର ଅଭିନୟ କଳାର ପରିପ୍ରକାଶ ଘଟିଥିଲା । ଏଣୁ ବାରିପଦା ମାଟିକୁ ସେ ହୃଦୟଭରି ଭଲପାଉଥିଲେ । ଏଣୁ ତାଙ୍କର ସ୍ମୃତିରେ ବାରିପଦା ଠାରେ ଏକ ପ୍ରତିମୂର୍ତୀ ସ୍ଥାପନ ସହ ତାଙ୍କ ଜୀବନୀକୁ ନେଇ ଏକ ସ୍ମରଣୀକା ପ୍ରକାଶ କରାଯିବା ନିମନ୍ତେ ଶ୍ରଦ୍ଧାଳି ସଭାରେ ଆଲୋଚନା ମଧ୍ୟ କରାଯାଇଥିବାର ଜନାଯାଇଛି ।

# ନମସ୍ତେ ଅଯୋଧ୍ୟା, ଆମେ ସମସ୍ତେ ପକ୍ଷରୁ ପବିତ୍ର ପାଣି ଓ ମୃର୍ତ୍ତିକା ପ୍ରେରଣ

ଜଳେଶ୍ୱର,୨୯।୭ (ନି.ପ୍ର): ରାମ ଜନ୍ମଭୂମୀ ଅଯୋଦ୍ଧାରେ ରାମ ମନ୍ଦିର ନିର୍ମାଣ ଲାଗି ଆଜି ମଧ୍ୟ ନମସ୍ତେ ଅଯୋଦ୍ଧା ଆମେ ସମସ୍ତେ ସଂଗଠନ ପକ୍ଷରୁ ସୁବର୍ଣ୍ଣରେଖା ନଦୀର ପାଣି ଓ ମୃର୍ତ୍ତିକା ଦ୍ରୁତ ଡାକଯୋଗେ ପଠାଯାଇଥିବା ଜଣାଯାଇଛି । ଅଗଷ୍ଟ ୫ତାରିଖରେ ପ୍ରଧାନମନ୍ତ୍ରୀ ରାମମନ୍ଦିର ନିର୍ମାଣ ଭୂମୀପୂଜା କରିବାର ଆୟୋଜନ ହୋଇଥିବାରୁ ସୁବର୍ଣ୍ଣରେଖାର ରାଜପୁର-ଶିଖରପୁର ଘାଟରୁ ପାଣି ଓ ମାଟି ପଠାଇବାର ବ୍ୟବସ୍ଥା ହୋଇଛି । ଏହି କାର୍ଯ୍ୟକ୍ରମର ଆବାହକ ସମାଜସେବି ମନୋରଂଜନ ଦାସଙ୍କ ଆବାହକତ୍ୱରେ ଜଳେଶ୍ୱରର କପିଳମୁନୀ ଆଶ୍ରମ ନିକଟରୁ ଏକ ପୂଜାର୍ଚ୍ଚନା କରାଯାଇ ସାମାଜିକ ଦୂରତା ରକ୍ଷାକରି ଶୋଭାଯାତ୍ରାରେ ଯାଇଥିଲେ । ଦେବବ୍ରତ ପାଣିଗ୍ରାହୀ ଓ ଅନୁଷ୍ଠାନର ମୁଖ୍ୟ ପୋରଧା ଯାତ୍ରା ଜଗତର ଅଭିନେତା ଗୌର ଦାସ, ନିତାଇ ଲାଲ ଦେ, ଯଶୋମତି ଦେ, ଚନ୍ଦ୍ର ମହନ ରାଉଳ, ଜଗଦିଶ ବେହେରା, ସୃଷ୍ଟିଧର ରାଉଳ, ଆଶିଷ କୁମାର ଗିରି, ଗୌରଶଂକର ଦଳାଇ, ସୁଜିତ୍ ମହାନ୍ତି, ବିକାଶ ମହାଳିକ, ମାନି ମହାଳିକ, ଦେବାଶିଷ ଦେ, ସଭାଶିଷ ଦେ, ସୁଶାନ୍ତ ପ୍ରଧାନ, ଗୋପବଂଧୁ ସାହୁ, ସମ୍ଭୁନାଥ ଦାସ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ ।

## ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କେବେ ?

ନୂଆପଡା,୨୯।୭ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଖର୍ସେଲ ପ ।ୟତର ରାଣିଡଙ୍ଗର ଗ୍ରାମରେ ନିର୍ମିତ ନୂତନ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସୂଚନାମତେ ରାଣିଡଙ୍ଗର ଗ୍ରାମରେ ଥିବା ଭୂତଳ ଜଳରେ ମାତ୍ରାଧିକ ଫ୍ଳୋରାଇଡ ଥିବାରୁ ଗତ ୪ ବର୍ଷ ତଳେ ଗ୍ରାମକୁ ନିକଟସ୍ଥ ନଦୀରୁ ପାନୀୟ ଜଳ ଯୋଗାଣ ସକାଶେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରାଗଲା । ହେଲେ ଗ୍ରାମକୁ ପାଣି ଯୋଗାଣ ପାଇଁ ଗ୍ରାମକୁ ପାଇପ ବିଛାଯିବା ସହ ଓଭରହେଡ ଟ୍ୟାଙ୍କ ନିର୍ମାଣ କରାଗଲା । ଏପରିକି ବିଦ୍ୟୁତ ଖୁ ପୋତାଯାଇ ଓଭରହେଡ ଟ୍ୟାଙ୍କ ପାଖ ପର୍ଯ୍ୟନ୍ତ ଲଗାଗଲା । ହେଲେ ଆଜି ପର୍ଯ୍ୟନ୍ତ ଟ୍ରାନ୍ସଫର୍ମର ସଂଯୋଗ କରାଯାଇନଥିବା ଦେଖିବାକୁ ମିଳିଛି । ଫଳରେ ଗ୍ରାମବାସୀ ବିଶୁଦ୍ଧ ଫ୍ଳୋରାଇଡ ମୁକ୍ତ ପିଇବା ପାଣି ପାଇବାରୁ ବଂଚିତ ଥିବା ଅଭିଯୋଗ କରିଛନ୍ତି ।

# ସେବା ଓ ଦ୍ରବ୍ୟକର ପାଇବାରେ କେନ୍ଦ୍ର ରାଜ୍ୟକୁ ଠକିଛି : କଂଗ୍ରେସ

ଭୁବନେଶ୍ୱର,୨୯।୭ (ନି.ପ୍ର): ୨୦୧୯-୨୦ ବର୍ଷପାଇଁ ଓଡିଶାକୁ ଜିଏସଟି କ୍ଷତିପୂରଣ ମିଳିବା ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ । ଶ୍ରୀ କାନୁନଗୋ ଭାଜପାକୁ ପ୍ରଶ୍ନ କରିଛନ୍ତି ଯେ ଭାରତୀୟ ଜନତାପାର୍ଟି ଓ ତା'ର ନେତାମାନେ ଅନେକ ସମୟରେ ଅସତ୍ୟ ଓ ବିଭ୍ରାନ୍ତିକର ତଥ୍ୟମାନ ଦେଇଥାନ୍ତି । କେନ୍ଦ୍ର ଦେଉଥିବା ଅର୍ଥ କ'ଣ ରାଜ୍ୟକୁ ଦାନ ଓ ରାଜ୍ୟର ଆଇନାନୁମୋଦିତ ପ୍ରାପ୍ୟ ନୁହେଁ ? ସେବା ଓ ଦ୍ରବ୍ୟ କର ଆଇନାନୁସାରେ ରାଜ୍ୟକୁ ୨୦୧୫-୧୬ ବର୍ଷକୁ ମୂଳବର୍ଷକରି ପ୍ରତିବର୍ଷ ୧୪% ବର୍ଦ୍ଧିତ ଟିକସ ହାରରେ ରାଜ୍ୟମାନଙ୍କୁ ୨୦୨୧-୨୨ ମସିହା ପର୍ଯ୍ୟନ୍ତ ଦେବାର ବ୍ୟବସ୍ଥା ଅଛି । ୨୦୧୯-୨୦ ବର୍ଷପାଇଁ ରାଜ୍ୟର ଆଇନାନୁମୋଦିତ ପ୍ରାପ୍ୟ ୬.୨୦୦ କୋଟି ଟଙ୍କା ଜି.ଏସ.ଟି ରାଜସ୍ୱ କ୍ଷତିପୂରଣ ପାଇବା କଥା । ରାଜ୍ୟ ପାଇଛି ମୋଟ ୫୧୨୨କୋଟି ଟଙ୍କା । ଗତବର୍ଷ (୨୦୧୯-୨୦) ପାଇଁ ରାଜ୍ୟର ଜି.ଏସ.ଟି. ଆଦାୟ ୭.୮୬% ଥିଲା । ଅବଶିଷ୍ଟ ୬.୧୪% କେନ୍ଦ୍ର ଭରଣା କରିବା କଥା । ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ'ଣ ଜାଣନ୍ତି ନାହିଁ ମହାମାରୀ ସାଙ୍ଗରେ ଏହି ପ୍ରାପ୍ୟର କୌଣସି ସଂପର୍କ ନାହିଁ ?

# ଜଗତସିଂହପୁର ଜିଲ୍ଲାରେ ୭୯.୨୫ ପ୍ରତିଶତ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ସଫଳତା ପାଇଛନ୍ତି

ଜଗତସିଂହପୁର,୨୯।୭ (ନି.ପ୍ର): ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଚଳିତ ବର୍ଷର ମାଟ୍ରିକ୍ ଫଳ ପ୍ରକାଶ ପାଇଛି । ଜଗତସିଂହପୁର ଜିଲ୍ଲାରେ ସଫଳତା ହାର ୭୯.୨୫ ପ୍ରତିଶତ ରହିଛି । ଜିଲ୍ଲାରେ ଚଳିତ ବର୍ଷ ୧୫୩୯୮ ପରୀକ୍ଷାର୍ଥୀ ଫର୍ମ ଫିଲପ୍ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୧୨୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ୫୧ ଜଣ ପିଲା ମାଲ୍‌ପ୍ରାକ୍ଟିସ୍ ହୋଇଥିବା ବେଳେ ୧୫୦୭୩ ଜଣ ପିଲାଙ୍କ ଫଳାଫଳ ପ୍ରକାଶ ପାଇଛି । ସେଥି ମଧ୍ୟରୁ ଏ୧-ଗ୍ରେଡ୍ ରେ ୪୦ ଜଣ,ଏ୨-ଗ୍ରେଡ୍‌ରେ ୨୫୬ ଜଣ,ବି୧ ଗ୍ରେଡ୍‌ରେ ୬୫୬ ଜଣ,ବି୨ ଗ୍ରେଡ୍‌ରେ ୧୧୨୫ ଜଣ,ସି-ଗ୍ରେଡ୍‌ରେ ୧୬୪୨ ଜଣ,ଡି-ଗ୍ରେଡ୍‌ରେ-୨୫୯୩ ଜଣ,ଇ-ଗ୍ରେଡ୍‌ରେ ୫୬୭୩ ଜଣ,କମ୍ପାର୍ଟମେଣ୍ଟାଲରେ ୨ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସେଥିମଧ୍ୟରେ ୩୦୮୬ ଜଣ ଅକୃତ କାର୍ଯ୍ୟ ହୋଇଛନ୍ତି । ଜିଲ୍ଲାରେ ୧୧୯୮୭ କୃତକାର୍ଯ୍ୟ ହୋଇଥିବା ବେଳେ ୫୭୭୯ ଜଣ ଛାତ୍ର ଓ ୬୨୦୮ ଜଣ ଛାତ୍ରୀ ଅଛନ୍ତି ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ମଂଜରୀ ଦାସ ସୂଚନା ଦେଇଛନ୍ତି ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନବମ ଦୀକ୍ଷାରମ୍ଭ ଉତ୍ସବ ପାଳିତ

ଭୁବନେଶ୍ୱର,୨୯।୭ (ନି.ପ୍ର): ଶ୍ରୀ ଶ୍ରୀ ବିଶ୍ୱନିଦ୍ୟାଳୟ ଏହାର ୨୦୨୦-୨୧ ଶିକ୍ଷାବର୍ଷର ନବମ ଦୀକ୍ଷାରମ୍ଭ ଉତ୍ସବ ପାଳନ କରିଛି । ଏହି ଅନଲାଇନ ଉତ୍ସବରେ ୬୦୦ ରୁ ଉର୍ଦ୍ଧ ସ୍ନାତକ ଓ ସ୍ନାତକୋତର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉତ୍ସବ ପ୍ରାରମ୍ଭରେ କାର୍ମିକ ନିର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର ଲାମ୍ବାଙ୍କ ଦ୍ୱାରା ଗୁରୁପୂଜା ପ୍ରତିପାଦନ ପରେ ଛାତ୍ରଛାତ୍ରୀ ମାନେ ସରସ୍ୱତୀ ବନ୍ଦନା ଗାନ ଓ ଗଣେଶ ବନ୍ଦନା ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । କୁଳପତି ଡ଼ ଅଜୟ କୁମାର ସିଂ ତାଙ୍କ ପ୍ରୋତ୍ସାହନକ ମୂଳକ ଭାଷଣ ଦେଇ ମୁଖ୍ୟ ଅତିଥି ଓ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ରିପବ୍ଲିକ ଟିଭି ମୁଖ୍ୟ ଅର୍ଣ୍ଣବ ଗୋସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦେଇ ଛାତ୍ରଛାତ୍ରୀମନେ କିପରି ନୀତି ଓ ଆଦର୍ଶ ମାର୍ଗ ରେ ଅନୁପ୍ରାଣିତ ହେବାକୁ ଉପଦେଶ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ମାଟ୍ରିକ ଫଳାଫଳ...

୧୨୭୯ ଜଣ, ଏ୨ ଗ୍ରେଡରେ ୮୪୫୮ ଜଣ, ବି୧ ଗ୍ରେଡରେ ୧୮ହଜାର ୧୮୮ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି । ସେହିଭଳି ବି୨ ଗ୍ରେଡରେ ୩୧ ହଜାର ୩୨୮ ଜଣ, ସି ଗ୍ରେଡରେ ୪୯ହଜାର ୧୫୩ ଜଣ, ଡି ଗ୍ରେଡରେ ୮୯ ହଜାର ୫୫୬ ଜଣ ଓ ଇ ଗ୍ରେଡରେ ୨ ଲକ୍ଷ ୨୩ ହଜାର ୧୯୫ ଜଣ ଛାତ୍ରଛାତ୍ରୀ ପାସ ହୋଇଛନ୍ତି । ୬୭୮ଟି ସ୍କୁଲର ରେଜଲ୍ଟ ଶତ ପ୍ରତିଶତ ହୋଇଥିବା ବେଳେ ୩୧ଟି ବିଦ୍ୟାଳୟର କୌଣସି ଛାତ୍ରଛାତ୍ରୀ ପାସ କରି ନାହାନ୍ତି ବୋଲି ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ସୂଚନା ଦିଆ ଯାଇଛି । ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ, ସମ୍ପ୍ରତି କୋଭିଡ-୧୯ ପରିସ୍ଥିତିରେ ଶିକ୍ଷକମାନେ ମାସ୍କ ପରିଧାନ ଏବଂ ଦୁରତ୍ୱ ବ୍ୟବଧାନ ରକ୍ଷା ପୂର୍ବକ ଯେପରି ଭାବେ ପରୀକ୍ଷା ଖାତା ମୂଲ୍ୟାୟନରେ ସହଯୋଗ କରିଛନ୍ତି, ତାହା ପ୍ରଶଂସନୀୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ ଓଡିଶା ମାଧମିକ ଶିକ୍ଷା ପରିଷଦ ସଭାପତି ରାମାଶିଷ ହାଜ୍‌ରା, ଉପସଭାପତି ଶ୍ରୀ ନିହାର ରଞ୍ଜନ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ପଲାଇ ଏବଂ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ବିଧାୟକମାନେ ନିଜର...

ସାରା ଓଡିଶା ପାଇଁ ପ୍ରେରଣା । ସେମାନଙ୍କ ଭିତରେ, ସେମାନଙ୍କ ତ୍ୟାଗରେ ଜଣେ ଜଣେ ଗୋପବନ୍ଧୁ ଦାସ, ମଧୁବାବୁ, ମା ରମାଦେବୀ ଓ ପାର୍ବତୀ ଗିରି ଭଳି ମହାନ୍ ଦେଶସେବକ ରହିଛନ୍ତି । ସେହି ଯୋଦ୍ଧା ମାନଙ୍କ ତ୍ୟାଗକୁ ଓଡିଆ ଜାତି ସବୁଦିନ ପାଇଁ ମନେ ରଖିବ ଏବଂ ଏହା ଭବିଷ୍ୟତ ପୀଢିକୁ ପ୍ରେରଣା ଦେବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଭିଡ ଯୋଦ୍ଧା ମାନଙ୍କୁ ଉତ୍ସାହିତ କରିବାପାଇଁ ସେ ସେମାନଙ୍କ ସହିତ ବ୍ୟକ୍ତିଗତ ଭାବରେ କଥା ହେଉଛନ୍ତି । ଏହି କଷ୍ଟସାଧ ଲଢେଇରେ ସେମାନଙ୍କ ମନୋବଳକୁ ଉଚ୍ଚ ରଖିବା ପାଇଁ ସେମାନଙ୍କ ତ୍ୟାଗକୁ ଆମେ ସମସ୍ତେ ସମ୍ମାନ ଜଣାଇବା ସହିତ ପୁରା ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓଡିଶାବାସୀଙ୍କୁ ନିବେଦନ କରିଥିଲେ । ଓଡିଶା ଆଜି ଏହି ଆହ୍ୱାନକୁ ଦୃଢତାର ସହ ମୁକାବିଲା କରୁଛି । ଏହି ଲଢେଇରେ ସାମିଲ ହୋଇ ଆଗ ଧାଡିରେ ରହି ଅଦୃଶ୍ୟ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ ଜାରି ରଖିଥିବା କୋଭିଡ ଯୋଦ୍ଧା ମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର କୃତଜ୍ଞତା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେମାନଙ୍କ କଠିର ପରିଶ୍ରମ, ତ୍ୟାଗ ଯୋଗୁ ଆଜି ଆମ ରାଜ୍ୟର ୧୮ ହଜାର ଲୋକ କୋଭିଡରୁ ଆରୋଗ୍ୟ ଲାଭ କରିଛନ୍ତି । ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଆମେ ଅଧିକ ଲୋକଙ୍କ ଜୀବନ ରକ୍ଷା କରିପାରିଛୁ । ଏକ ଅନିଶ୍ଚିତ ପରିବେଶ ଭିତରେ ନିରନ୍ତର ଭାବରେ କାମ କରିବା ସହଜ କଥା ନୁହେଁ । କିନ୍ତୁ ନିଜେ ସଂକ୍ରମିତ ହେବା ସତ୍ୱେ ନିଜ ପରିବାର ଲୋକମାନେ ସଂକ୍ରମିତ ହେବା ସତ୍ୱେ ଏବଂ ଅନେକ କ୍ଷେତ୍ରରେ ନିଜେ ମୃତ୍ୟୁବରଣ କରୁଥିଲେ ମଧ, ଆମର କୋଭିଡ ଯୋଦ୍ଧା ମାନେ ଯେଭଳି ବୀରତ୍ୱର ସହ ଗତ ୧୫୦ ଦିନ ହେଲା କାମ କରିଚାଲିଛନ୍ତି, ତାର ପଟାନ୍ତର ନାହିଁ । ମହାମାରୀର କୁପ୍ରଭାବ ସଂପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଏହି ମହାମାରୀ ଦ୍ୱାରା ପୃଥିବୀର ପ୍ରତ୍ୟେକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ସ୍ଥାନୀୟ, ଜାତୀୟ ଏବଂ ବିଶ୍ୱସ୍ତରରେ ଅର୍ଥନୀତିକୁ ଏହା ବିପୁଳ ଭାବରେ କ୍ଷତିଗ୍ରସ୍ତ କରିଛି । ଆମ ରାଜ୍ୟ ଓଡିଶା ବିଭିନ୍ନ ଜୀବିକା କାର୍ଯ୍ୟକ୍ରମ ତଥା ଶିଳ୍ପ ପାଇଁ କିଛି ନୂଆ ଉଦ୍ୟମ ଜରିଆରେ ଅର୍ଥନୀତିକୁ ଚଳଚଂଚଳ କରିବା ପାଇଁ ଉଦ୍ୟମ କରିଛି । ଏହା ଫଳପ୍ରଦ ହେବା ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଅତୀତରେ ଓଡିଶା ଅନେକ ବିପର୍ଯ୍ୟୟର ମୁକାବିଲା କରିଛି । ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ଏବଂ ପୁଣିଥରେ ଦୃଢ ଭାବରେ ପୂର୍ବ ସ୍ଥିତିକୁ ଫେରିଆସିବାର ଶକ୍ତି ପ୍ରତିଟି ଓଡିଆଙ୍କ ରକ୍ତରେ ରହିଛି । ମହାମାରୀ ଚାଲିଯିବା ପରେ ଓଡିଶା ଅଧିକ ଦୃଢ ଓ ସମୃଦ୍ଧ ଭାବରେ ତାର ସ୍ଥିତି ଜାହିର କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ ଆଶାପୋଷଣା କରିଥିଲେ । ଏହି ଅବସରରେ ରାଜ୍ୟର ସାଢେ ଚାରି କୋଟି ଓଡିଆ ଭାଇଭଉଣୀଙ୍କୁ କୋଭିଡ ନିର୍ଦ୍ଦେଶାବଳୀକୁ ଅନୁପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ । ସେ କହିଥିଲେ ଯେ ପ୍ରାକୃତିକ ବିପର୍ଯ୍ୟୟ ହେଉ, ବା ମହାମାରୀ ପ୍ରତ୍ୟେକଟି ମଣିଷର ଜୀବନ ରକ୍ଷା କରିବା ତାଙ୍କର ପ୍ରାଥମିକ ଦାୟିତ୍ୱ ।

## ହରିଦାସପୁର-ପାରାଦୀପ...

ଉଲ୍ଲେଖ କରିଛନ୍ତି ଯେ ବିଗତ ବର୍ଷ ମାନଙ୍କରେ ଅନେକ ଜନପ୍ରତିନିଧି, ସାଂସଦ ଏହି ପ୍ରକଳ୍ପ ପାଇଁ ନିଜର ଇଚ୍ଛା ଦେଖାଇବା ସହ ତାଙ୍କ ଉପସ୍ଥିତିରେ ପ୍ରକଳ୍ପର ଶୀଘ୍ର ସମାପ୍ତ ପାଇଁ ରେଳ ମନ୍ତ୍ରଣାଳୟକୁ ଅପିଲ୍ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ପୂର୍ବବର୍ତୀ ସରକାର ସମୟରେ ଥିବା ସମସ୍ତ ବାଧାବିଘ୍ନକୁ ଦୂର କରି ଏହାକୁ ସର୍ବାଧିକ ଗୁରୁତ୍ୱ ଦେଲେ । ପ୍ରଗତି ପ୍ରକଳ୍ପରେ ଏହାକୁ ସାମିଲ କରି ଖୋଦ୍ ନିଜେ ଏହି ପ୍ରକଳ୍ପ ଅଗ୍ରଗତିର ନିୟମିତ ବ୍ୟବଧାନରେ ସମୀକ୍ଷା କରିବା କାରଣରୁ ପ୍ରକଳ୍ପର କାମ ତ୍ୱରାନ୍ୱିତ ହେଲା । ଏହାବ୍ୟତିତ ଦୀର୍ଘ ସମୟ ଧରି ପଡି ରହିଥିବା ଏହି ପ୍ରକଳ୍ପରେ ରେଳ ମନ୍ତ୍ରଣାଳୟ ସମେତ କେନ୍ଦ୍ର ରେଳମନ୍ତ୍ରୀ ବ୍ୟକ୍ତିଗତ ହସ୍ତକ୍ଷେପ କରିଥିବାରୁ ଶ୍ରୀ ପ୍ରଧାନ ପିୟୂଷ ଗୋଏଲଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି ଏହି ପ୍ରକଳ୍ପ ପାଇଁ ଥିବା ଜମି ଅଧିଗ୍ରହଣ, ଆଇନ୍ ଶୃଙ୍ଖଳା ମାମଲାରେ ମଧ୍ୟ ଓଡିଶା ସରକାର ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ୮୨ କିମିର ଏହି ପ୍ରକଳ୍ପ ରାଜ୍ୟର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବ । ଦୈତାରୀ-ବଂଶପାଣୀ ଖଣି ଅଂଚଳ ସହ ପାରାଦୀପର ଦୂରତ୍ୱକୁ ଏହି ରେଳପଥ ଅଧା କମାଇ ଦେବ । ପ୍ରମୁଖ ଖଣିଜ ଅଂଚଳ ଯାଜପୁର ଓ କେନ୍ଦୁଝର ସହ ମୁଖ୍ୟ ସଂଯୋଗ ପଥ ହେବା ସହ ଦେଶର ପ୍ରମୁଖ ଇସ୍ପାତ ଉତ୍ପାଦନର ପେଣ୍ଠସ୍ଥଳି କଳିଙ୍ଗନଗର ସହ ବଡ ଭୂମିକାରେ ସଂଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି । ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୧୯୯୯ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ କରକମଳରେ ଏହି ପ୍ରକଳ୍ପର ଭିତିପ୍ରସ୍ତର ପଡ଼ିଥିଲା । ଏହି ପ୍ରକଳ୍ପ ଜଗତସିଂହପୁର-କେନ୍ଦ୍ରାପଡ଼ା-ଯାଜପୁର ଜିଲ୍ଲାବାସୀଙ୍କ କେବଳ ରେଳ ଲାଇନ ସ୍ୱପ୍ନ ପୂରଣ ପାଇଁ ବଡ଼ ପଦକ୍ଷେପ ନଥିଲା ବରଂ ଏହି ଅଞ୍ଚଳର ଆର୍ଥିକ ପ୍ରଗତି ପାଇଁ ଏକ ଐତିହାସିକ ପଦକ୍ଷେପ ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ସ୍ୱପ୍ନକୁ ସାକାର କରି ଡାଉନଷ୍ଟ୍ରିମ ଶିଳ୍ପ ମାଧ୍ୟମରେ ଓଡ଼ିଶା ଓ ପୂର୍ବ ଭାରତର ବିକାଶ ଦିଗରେ ବଡ଼ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଏହି ପତ୍ରରେ କହିଛନ୍ତି । ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ପ୍ରାକୃତିକ ଗ୍ୟାସ ପାଇପଲାଇନ, ଇଣ୍ଡିଆନ ଅଏଲ ବିଶୋଧନାଗାରର ସଂପ୍ରସାରଣ ଓ ପେଟ୍ରୋକେମିକାଲ କମ୍ପଲେକ୍ସ, ପାରାଦୀପ ପ୍ଲାଷ୍ଟିକ୍ ପାର୍କ ପରି ବିଭିନ୍ନ ପ୍ରକଳ୍ପ ସାହାଯ୍ୟରେ ପୂର୍ବ ଭାରତର ବ୍ଲୁ ଇକନୋମୀର ପ୍ରାଣକେନ୍ଦ୍ର ହେବାକୁ ଯାଉଥିବା ବନ୍ଦର ସ୍ମାର୍ଟସିଟି ପାରାଦୀପକୁ ବିକଶିତ କରାଯାଉଛି । ଆଗାମୀ ବର୍ଷରେ ଉର୍ଜା ଓ ମାଲ ପରିବହନ କ୍ଷେତ୍ରରେ ଏହି ରେଳ ଲାଇନ ପାରାଦୀପ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ସହ ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ପୂରଣ କରିବା ଦିଗରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ରାଜ୍ୟରେ ଆଉ...

ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ। ସେହିପରି ପୁରୀ ଜିଲ୍ଲାର ୫୫ ବର୍ଷୀୟା ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଥିବା ସୂଚନା ଦିଆଯାଇଛି । ଗଂଜାମ ଜିଲ୍ଲାର ଜଣେ ୬୦ ବର୍ଷୀୟା ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ହାଇପର ଟେନସନ ରୋଗରେ ପୀଡିତ ଥିଲେ । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଫୁଲବାଣୀ ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ଆଲକହଲିକ ଲିଭର ଡିଜିଜ, ଜଣ୍ଡିସ ଆଦିର ପୀଡିତ ଥିଲେ । ମାଲକାନଗିରି ଜିଲ୍ଲାର ୬୨ ବର୍ଷ ବୟସ୍କ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହାଇପରଟେନସନରେ ପୀଡିତ ଥିଲେ ।

## କୋଭିଡ୍ କଟକଣା ...

ସଂଯୋଜିତ କରାଯିବ ଯେପରିକି ଜନସାଧାରଣ ନିଜ ନିଜ ଘରେ ଟି.ଭି. ମାଧମରେ ସମସ୍ତ କାର୍ଯ୍ୟକ୍ରମ ଦେଖି ପାରିବେ । ଗୃହ ଏବଂ ସୂଚନା ଲୋକ ସଂପର୍କ ବିଭାଗଙ୍କ ସହ ସମନ୍ୱିତଭାବେ ମଂଚ ନିର୍ମାଣ ବ୍ୟାରକଡିଂ, ପାନୀୟ ଜଳ ଯୋଗାଣ, ପରିମଳ, ଆଇନ୍ ଶୃଙ୍ଖଳା, ଆଶୁ ଚିକିତ୍ସା, ଅତିଥି ବସିବା ସ୍ଥାନ ଓ ଆନୁସଙ୍ଗିକ ବ୍ୟବସ୍ଥା ଆଦି ନିଶ୍ଚିତ କରାଇବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ୍ ମହା ନିର୍ଦ୍ଦେଶକ ଶ୍ରୀ ଅଭୟ, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଞ୍ଜିବ ଚୋପ୍ରା, ସୂଚନା ଓ ଲୋକ ସଂପର୍କ ବିଭାଗ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ପୁର୍ତ ସଚିବ ଶ୍ରୀ କ୍ରିଷନ କୁମାର, ପୋଲିସ୍ କମିଶନର ଡ଼ଃ ସୁଧାଂଶୁ ଷଡ଼ଙ୍ଗୀ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ସନ୍ତୋଷ ବାଲାଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କରୋନା ସଂକ୍ରମଣ...

ଉଚ୍ଚ କ୍ଷମତା ସଂପନ୍ନ କମିଟି ଏହି ନିଷ୍ପତି ନେଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ଗଠନ ହୋଇଥିବା ଏହି କମିଟିରେ ଜିଲ୍ଲା ଜଜ, ଜିଲ୍ଲା ମାଜିଷ୍ଟ୍ରେଟ, ଆରକ୍ଷୀ ଅଧିକ୍ଷକ ଓ ଜେଲ ଅଧିକ୍ଷକ ଥିଲେ । ଜେଲରେ ଭିଡ କମ କରିବା ପାଇଁ ଏହି ନିଷ୍ପତି ନିଆଯାଇ କଏଦୀଙ୍କୁ ମୁକ୍ତ କରାଯାଇଛି । ବିଜ୍ଞପ୍ତି ଅନୁଯାୟୀ ବ୍ରହ୍ମପୁରରୁ ଜେଲରୁ ୫ ହଜାର ୨୩୧ (୪୭ ଜଣ ଦୋଷୀ ସାବ୍ୟସ୍ତ କଏଦୀ), ସମ୍ବଲପୁରରୁ ୩ ହଜାର ୭୧୬ (୧୯ ଜଣ ଦୋଷୀ ସାବ୍ୟସ୍ତ କଏଦୀ) ,କଟକରୁ ୩ ହଜାର ୪୬୫ (୩୧ ଜଣ ଦୋଷୀ ସାବ୍ୟସ୍ତ କଏଦୀ), ବାରିପଦାରୁ ୨ ହଜାର ୭୩୩ (୧୫ ଜଣ ଦୋଷୀ ସାବ୍ୟସ୍ତ କଏଦୀ), କୋରାପୁଟରୁ ୧,୬୪୪ (୩୮ ଜଣ ଦୋଷୀ ସାବ୍ୟସ୍ତ କଏଦୀ)ଙ୍କୁ ମିଶାଇ ମୋଟ ୧୬ ହଜାର ୭୮୯ ଜଣ କଏଦୀଙ୍କୁ ମୁକ୍ତ କରାଯାଇଛି ।

## ରାଜ୍ୟରେ ବିଭିନ୍ନ...

କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୪୦୦. ବୌ ଦ୍ଧ ଜିଲ୍ଲାରେ ୧୩୪, କଟକ ଜିଲ୍ଲାରେ ୧୯୪୬, ଦେବଗଡ ଜିଲ୍ଲାରେ ୮୪, ଢେଙ୍କାନାଳ ଜିଲ୍ଲାରେ ୨୦୧. ଗଜପତି ଜିଲ୍ଲାରେ ୧୨୩୩, ଜଗତସିଂହପୁର ଜିଲ୍ଲାରେ ୬୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୧୭୯, ଝାରସୁଗୁଡା ଜିଲ୍ଲାରେ ୩୦୩, କଳାହାଣ୍ଡି ଜିଲ୍ଲାରେ ୧୫୯, କନ୍ଧମାଳ ୪୬୩, କେନ୍ଦ୍ରାପଡା ଜିଲ୍ଲାରେ ୪୪୯, କେନ୍ଦୁଝର ଜିଲ୍ଲାରେ ୭୩୦, ଖୋର୍ଧା ଜିଲ୍ଲାରେ ୩୭୬୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୬୨୪, ମାଲକାନଗିରି ଜିଲ୍ଲାରେ ୪୪୫, ମୟୁରଭଂଜ ଜିଲ୍ଲାରେ ୬୨୩. ନବରଙ୍ଗପୁର ଜିଲ୍ଲାରେ ୨୩୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୫୩୨, ନୂଆପଡା ଜିଲ୍ଲାରେ ୧୨୯, ପୁରୀ ଜିଲ୍ଲାରେ ୭୦୮, ରାୟଗଡା ଜିଲ୍ଲାରେ ୬୪୮. ସମ୍ବଲପୁର ଜିଲ୍ଲାରେ ୩୦୨. ସୁବର୍ଣ୍ଣପୁର ଜିଲ୍ଲାରେ ୮୨ ଓ ସୁନ୍ଦରଗଡ ଜିଲ୍ଲାରେ ୧୨୨୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ନୂତନ ଶିକ୍ଷା ନୀତି ପ୍ରଣୟନ ସ୍ୱାଗତଯୋଗ୍ୟ : ଏବିଭିପି

ଭୁବନେଶ୍ୱର,୨୯।୭ (ନି.ପ୍ର): କେନ୍ଦ୍ରୀୟ କ୍ୟାବିନେଟ ଦ୍ୱାରା ନୂତନ ଶିକ୍ଷା ନୀତି-୨୦୨୦ କୁ ଲାଗୁ କରିବା ପାଇଁ ମଂଜୁରୀ ଦେଇଥିବାରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ସ୍ୱାଗତ କରାଯାଇଛି। ୧୯୮୬ ମସିହାରେ କୋଠାରୀ କମିଶନ୍‌ର ଦୀର୍ଘ ୩୪ ବର୍ଷ ପରେ ନୂତନ ଶିକ୍ଷା ନୀତି ଲାଗୁ ହେବା ଏକ ଐତିହାସିକ ଘଟଣା ଅଟେ। ଏହି ଶିକ୍ଷା ନୀତିରେ ଶିକ୍ଷାକୁ ଗୋଟିଏ ପରିଚାଳନା ସଂସ୍ଥା ଅଧିନକୁ ଅଣାଯାଇ ତାହାକୁ ସ୍ୱାୟତତା ଦେଇ ଏକ ରାଷ୍ଟ୍ରୀୟ ଶିକ୍ଷା ଆୟୋଗ ଗଠନ କରାଯିବ। ଶିକ୍ଷାର ବ୍ୟୟ ବରାଦ ଜିଡିପି ର ୬ ପ୍ରତିଶତ ହେବା ପାଇଁ ପ୍ରସ୍ତାବ ରହିଛି। ଛାତ୍ରଛାତ୍ରୀ ମାନେ ସେମାନଙ୍କର ଇଛା ମୁତାବକ ବିଷୟ ନେଇ ପଢିବାର ବ୍ୟବସ୍ଥା ରହିଛି। ଦେଶରେ ଅନୁସନ୍ଧାନ ଓ ବିକାଶ ବଢାଇବା ଓ ଗୁଣାତ୍ମକ ବୃଦ୍ଧି ଉଦ୍ଦେଶ୍ୟରେ ଏକ ରାଷ୍ଟ୍ରୀୟ ଅନୁସନ୍ଧାନ ପ୍ରତିଷ୍ଠାନ ଗଠନ ହେବ। ସେହିଭଳି ବିଭିନ୍ନ ଉଚ୍ଚ ଶିକ୍ଷାନୁଠାନ ଗୁଡିକର ମାନ ନିର୍ଦ୍ଧାରଣ, ଆର୍ଥୀକ ପରିଚାଳନା, ଅନୁବନ୍ଧନ ପାଇଁ ସମଗ୍ର ଦେଶରେ ଗୋଟିଏ ମାତ୍ର ସଂସ୍ଥା ରହିବ। ୨୦୩୫ ମସିହା ସୁଦ୍ଧା ଉଚ୍ଚ ଶିକ୍ଷାରେ ଗ୍ରସ୍ ଏନରୋଲମେଂଟ ରେସିଓ ୫୦ ପ୍ରତିଶତ ଲକ୍ଷ ଧାର୍ଯ୍ୟ କରାଯାଇଛି। ସେହିଭଳି ଉଚ୍ଚଶିକ୍ଷାର ପାଠ୍ୟକ୍ରମ ବିଭିନ୍ନ ଆଂଚଳିକ ଭାଷାରେ ଉପଲବ୍ଧ କରିବା ପାଇଁ ସ୍ଥିର କରାଯାଇଛି। ଉଚ୍ଚଶିକ୍ଷାରେ ପାରମ୍ପରିକ ବିଦ୍ୟା ର ବିକାଶ ପାଇଁ ମଧ୍ୟ ଯୋଜନା ରହିଛି। ଉଚ୍ଚଶିକ୍ଷାରେ ଯୋଜନା, ପ୍ରଶିକ୍ଷଣ, ମୂଲ୍ୟାଙ୍କନ, ପ୍ରଶାସନିକ ନିୟନ୍ତ୍ରଣ ଓ ପରିଚାଳନା କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳର ବ୍ୟପକ ବ୍ୟବହାର ହେବ। ବିଭିନ୍ନ ମହାମାରୀ ଆଦିଆପାତ୍‌କାଳୀନ ପରିସ୍ଥିତିରେ ଶିକ୍ଷା ଓ ଗବେଷଣାରେ ନିରନ୍ତରତା ବଜାୟ ରଖିବା ପାଇଁ ଭର୍ଚୁଆଲ ଗବେଷଣାଗାର ବିକାଶ କରାଯିବ। ସବୁଠାରୁ ଗୁରୁତ୍ୱର ବିଷୟ ବିନ୍ଦୁ ଭାବେ ୨୦୩୦ ସୁଦ୍ଧା ଶତପ୍ରତିଶତ ବିଦ୍ୟାଳୟ ପ୍ରବେଶ କୁ ହାସଲ କରିବା ପାଇଁ ଲକ୍ଷ୍ୟ ସ୍ଥିରିକୃତ ହୋଇଛି। ଛାତ୍ରଛାତ୍ରୀ ସେମାନଙ୍କର ମୁଲ୍ୟାଙ୍କନ ନିଜେ କରିବା ସହିତ, ସହପାଠୀ ଓ ଶିକ୍ଷକଙ୍କ ଦ୍ୱାରା ନିଜର ମୁଲ୍ୟାଙ୍କନ କରିବେ। ଦୀର୍ଘଦିନ ଧରି ଶିକ୍ଷାର ଭାରତୀୟ କରଣ ପାଇଁ ବିଦ୍ୟାର୍ଥୀ ପରିଷଦ କରିଆସୁଥିବା ଆନ୍ଦୋଳନ ସଫଳତାର ଏକ ପାହାଚ ଚଢିଛି। ଏହାକୁ ଯଥାର୍ଥ ଏବଂ ଯଥାଭାବ ତ୍ୱରୀତ କାର୍ଯ୍ୟକାରୀ କରିବା ପାଇଁ ବୋଲି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ଦାବୀ ଜଣାଇଛନ୍ତି।

# ମ୍ୟାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ

## ୮୩.୯୭ ପ୍ରତିଶତ ଉତ୍ତୀର୍ଣ୍ଣ ସହ ସପ୍ତମ ସ୍ଥାନରେ ବାଲେଶ୍ୱର !

ବାଲେଶ୍ୱର,୨୯।୭ (ନି.ପ୍ର): ରାଜ୍ୟ ଶିକ୍ଷା ବିଭାଗର ପୂର୍ବ ଘୋଷଣା ଅନୁସାରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବାର୍ଷିକ ମ୍ୟାଟ୍ରିକ୍ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସକାଳ ୯ଟା ବେଳେ କଟକ ବୋର୍ଡ଼ ଅଫିସରେ ଭିଡିଓ କନଫେରେସିଂ ମାଧ୍ୟମରେ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ସାଢ଼େ ୧୧ଟା ସମୟରେ ଏହା ଇଣ୍ଟରନେଟ୍ ମାଧ୍ୟମରେ ଉପଲବ୍ଧ ହୋଇଥିଲା। ମାତ୍ର ୱେବ୍‌ସାଇଟ ବନ୍ଦ ରହିବା କାରଣରୁ ପରୀକ୍ଷାର୍ଥୀମାନେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଫଳାଫଳ ଜାଣିପାରି ନଥିଲେ। ତେବେ ଚଳିତ ବର୍ଷ ରାଜ୍ୟରେ ୭୯.୭୧ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାଲେଶ୍ୱରରେ ପାସ୍ ହାର ୮୩.୯୭ ପ୍ରତିଶତ ରହିଛି। ଏ ବର୍ଷ ବାଲେଶ୍ୱର ଜିଲ୍ଲାର ୫୧୪ଟି ସ୍କୁଲରୁ ୨୯,୭୪୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୪ ହଜାର ୯୭୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବୋର୍ଡ଼ର ବର୍ଗୀକରଣ ଅନୁଯାୟୀ ଜିଲ୍ଲାରେ ଏ-୧ଗ୍ରେଡ୍‌ରେ ୯୯ ଜଣ, ଏ-୨ରେ ୬୬୯, ବି-୧ରେ ୧୪୭୬ଜଣ, ବି-୨ରେ ୩୨୯୮ଜଣ, ସି ରେ ୩୪୯୭ଜଣ, ଡି ବର୍ଗରେ ୫୪୨୮ ଜଣ, ଇ ଗ୍ରେଡ୍‌ରେ ୧୧୪୧୦ଏବଂ ଏଫ ଗ୍ରେଡ୍‌ରେ ୪୭୪୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଉତ୍ତୀର୍ଣ୍ଣଙ୍କ ମଧ୍ୟରୁ ୧୨୧୮୫ ଜଣ ଛାତ୍ର ରହିଥିବା ବେଳେ ୧୨୭୯୨ ଜଣ ଛାତ୍ରୀ ଅଛନ୍ତି। ଅନ୍ୟପକ୍ଷରେ ପରୀକ୍ଷାରେ କପି କରି ଧରାପଡ଼ିଥିବା ୧୯ ଜଣଙ୍କ ଫଳ ଅପ୍ରକାଶିତ ରହିଛି। ତେବେ ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ପାଇଁ ମୋଟ ୩୦ ହଜାର ୨୯୦ ଜଣ ଫର୍ମ ଭରିଥିବା ବେଳେ ୫୪୫ ଜଣ ଦେଇ ନଥିଲେ। ତେବେ କୋଭିଡ୍ କଟକଣା ପାଇଁ ଚଳିତ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶରେ ବିଳମ୍ବ ହୋଇଛି। କଟକଣା ଯୋଗୁଁ ଖାତା ମୂଲ୍ୟାୟନରେ ବିଳମ୍ବ ହେବା ଫଳରେ ମେ ମାସ ପରିବର୍ତ୍ତେ ଚଳିତ ବର୍ଷ ଜୁଲାମାସ ଶେଷରେ ଫଳ ପ୍ରକାଶିତ ହେଲା। ତେବେ ଏ ବର୍ଷର ମ୍ୟାଟ୍ରିକ୍ ଫଳ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକଙ୍କୁ ନିରାଶ କରିଥିବା ଜଣାପଡ଼ିଛି। ଯୁଦ୍ଧକାଳୀନ ଭିତ୍ତିରେ ଖାତା ମୂଲ୍ୟାଙ୍କନ କରାଯିବା ଫଳରେ ଛାତ୍ରଛାତ୍ରୀଙ୍କୁ ଆଶାନୁରୂପକ ମାର୍କ ମିଳିନଥିବା ସେମାନେ କହିଛନ୍ତି। ତେବେ ଚଳିତ ବର୍ଷର ବାଲେଶ୍ୱର ଜିଲ୍ଲାର ଉତ୍ତୀର୍ଣ୍ଣହାର ହ୍ରାସକୁ ନେଇ ଶିକ୍ଷାବିତ୍‌ଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ୨୦୧୮ ମସିହାରେ ୮୮.୧୫ ପ୍ରତିଶତ ସହ ରାଜ୍ୟରେ ପ୍ରଥମ ସ୍ଥାନ ଏବଂ ୨୦୧୯ରେ ୮୫.୨୧ ପ୍ରତିଶତ ସହ ଦ୍ୱିତୀୟ ସ୍ଥାନରେ ଥିବା ବାଲେଶ୍ୱର ଜିଲ୍ଲା ଚଳିତ ବର୍ଷ ୮୩.୮୭ ପ୍ରତିଶତ ଉତ୍ତୀର୍ଣ୍ଣ ହାରା ସହ ୭ମ ସ୍ଥାନରେ ରହିବାକୁ ନେଇ ସବୁ ମହଲରୁ ଭ୍ରୁକୁଞ୍ଚନ ଲକ୍ଷ୍ୟ କରାଯାଇଛି।

# ଜଳେଶ୍ୱର ବ୍ଲକରେ ୨୪୩୪ ଛାତ୍ରଛାତ୍ରୀ ପାସ୍ : ଏ-୧ ଗ୍ରେଡ୍‌ରେ ୬ ଜଣ

ଜଳେଶ୍ୱର,୨୯।୭ (ନି.ପ୍ର): ସମଗ୍ର ବିଶ୍ୱ କରୋନା ସଂକ୍ରମିତ ହୋଇଥିବା ବେଳେ ଓଡିଶାରେ ତାର ପ୍ରଭାବ ଯୋଗୁଁ ଚଳିତବର୍ଷ ମ୍ୟାଟ୍ରିକ ପରୀକ୍ଷାଫଳ ପ୍ରକାଶରେ ବିଳମ୍ବ ଘଟିଛି। ସମଗ୍ର ଜିଲାରେ ୯୯ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡ୍‌ରେ ପାସ୍ କରିଥିବା ବେଳେ ଜଳେଶ୍ୱର ବ୍ଲକରେ ୬ଜଣ ଅଛନ୍ତି। ଜଳେଶ୍ୱର ହାଇସ୍କୁଲର ଶୁଭ୍ରଜିତ୍ ମୁଖୀ ୫୫୩ ନଂମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଜଳେଶ୍ୱର ହାଇସ୍କୁଲର ରଶ୍ମୀରେଖା କର ୫୪୮ରଖି ଦ୍ୱିତୀୟ, ସୁଦୀପା ଦେ ୫୪୩ରଖି ଚତୁର୍ଥ, ସ୍ମୃତିପ୍ରିତମ୍ ଦାସ ୫୪୧ ରଖି ୫ମ ସ୍ଥାନ ଅଧିକାର କରିଥିବା ବେଳେ ନାମ୍ପୋ ହାଇସ୍କୁଲର ଆଦ୍ୟାସା ଦେ ୫୪୫ ନମ୍ବର ରଖି ତୃତୀୟ ଓ ରାମକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟର ଉଷାରାଣୀ ପ୍ରଧାନ ୫୪୦ ନମ୍ବର ରଖି ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସୂଚନା ଅନୁଯାୟୀ ଏ୧ ଗ୍ରେଡ୍‌ରେ ୬ଜଣ, ଏ୨ ଗ୍ରେଡ୍‌ରେ ୩୫ଜଣ, ବି୧ ଗ୍ରେଡ୍‌ରେ ୯୧ଜଣ, ବି୨ ଗ୍ରେଡ୍‌ରେ ୧୭୬ ଜଣ, ସି ଗ୍ରେଡରେ ୩୩୭ଜଣ, ଡି ଗେଅଡ୍‌ରେ ୫୧୧ ଜଣ, ଇ ଗ୍ରେଡ୍‌ରେ ୧୨୭୮ ଜଣ ଓ ୪୭୮ ଜଣ ପିଲା ଫେଲ ହୋଇଥିବା ବେଳେ ୩୮ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଓ ୨ଜଣ ମାଲ୍‌ପ୍ରାକ୍ଟିସ୍ ହୋଇଥିବା ଜଣାଯାଇଛି। ୨୯୫୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୪୩୪ଜଣ ପାସ୍ କରିଥିବାରୁ ପାସ୍‌ହାର ୮୨.୪୫ ବୋଲି ଜଣାଯାଇଛି। କୃତି ଛାତ୍ରଛାତ୍ରୀଙ୍କୁ ଓସ୍କାର ଜିଲା ସଂପାଦକ ମନୋରଂଜନ ଦାସ ଓ ବ୍ଲକ ସଂପାଦକ ଡ. ଅଜିତ୍ କୁମାର ମହାନ୍ତି ସଂଗଠନ ପକ୍ଷରୁ ଶୁଭେଚ୍ଛା ଜଣାଛନ୍ତି।

## ଜଳେଶ୍ୱରରୁ ଶୁଭ୍ରଜିତ୍ ମୁଖୀ ପ୍ରଥମ



ଜଳେଶ୍ୱର,୨୯।୭ (ନି.ପ୍ର): ଚଳିତ ବର୍ଷ ବିଳମ୍ବରେ ହେଲେ ମଧ୍ୟ ଆଜି ବୁଧବାର ପୂର୍ବାହ୍ନରେ ମ୍ୟାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଶୁଭ୍ରଜିତ୍ ମୁଖୀ ୫୫୩ ନମ୍ବର (୯୨%) ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ବାପା ସନ୍ତୋଷ କୁମାର ମୁଖୀ ସ୍ୱାସ୍ଥ୍ୟବିଭାଗର ଜଣେ କର୍ମଚାରୀ ହୋଇଥିବାରୁ ସେ ଜଳେଶ୍ୱର ବଡବଜାରସ୍ଥିତ ଡିସ୍‌ପେନ୍‌ସରୀ କ୍ୱାଟରେ ରହିଆସୁଛନ୍ତି। ତାଙ୍କର ଜଣେ ଭଉଣୀ , ବାପା ମା ଅଛନ୍ତି। ତାଙ୍କର ବାସସ୍ଥାନ ବସ୍ତା ବ୍ଲକର ଭେଲୋରା ଗ୍ରାମରେ ଅଟେ। ଶୁଭ୍ରଜିତ୍ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଆଶା ରଖିଥିବା ବେଳେ ତାଙ୍କର ସଫଳତାରେ ପରିବାରର ସମସ୍ତେ ଖୁସିଥିବା ସେ କହିଛନ୍ତି। ସେ ପାଇଥିବା ନମ୍ବର ଅପେକ୍ଷା ଅଧିକ ଆଶା କରିଥିଲେ ମଧ୍ୟ ଏବେ ବହୁ ଖୁସି ଥିବା ଜଣାଇଛନ୍ତି। ସେ ଦିନକୁ ୧୦-୧୨ଘଣ୍ଟା ପରିଶ୍ରମ କରିଥିବା ବେଳେ ଆଜିର ସଫଳତା ପାଇଁ ତାଙ୍କ ବାପା ଓ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଶ୍ରେୟ ଦେଇଛନ୍ତି।

# ବେଦ ଓ ଯଜ୍ଞ

ବରଦା ପ୍ରସନ୍ନ ଦାସ

ଆମେ ସବୁରେ ଆତ୍ମା
ଆମେ ଅଟୁ ସନାତନ
ବେଦ ଦେଖାଏ ମାର୍ଗ
ସଦାଚାର ସଦଜ୍ଞାନ ।
ମହାନ ଆମର ସଂସ୍କୃତି ଐତିହ ଗରୀୟାନ ସବୁଭୁଲି ନିଜେ ନିଜକୁ ଭାବିଲୁ ବଳବାନ ପାପ ଓ ପୁଣ୍ୟର ଗହନ ତତ୍ତ୍ୱକୁ ଭୁଲିଗଲୁ ଧର୍ମ ଅଧର୍ମ ଗୁଢ଼ ରହସ୍ୟକୁ ବଳିଦେଲୁ ଅନୁଗାମୀ ଯେତେ ବାଇବେଲ ଆଉ କୋରାନ୍‌ର ସଭିଏଁ କରନ୍ତି ଅଧ୍ୟୟନ ।
ଧନ୍ୟ ହେବ ଏହି ମଣିଷ ଜୀବନ ଧନ୍ୟ ହେବ ବେଦମନ୍ତ୍ର ସବୁ ମୂଲ୍ୟବାନ ତତ୍ତ୍ୱ ଶିଖେଇବ ମୋକ୍ଷ ଓ ନିର୍ବାଣ ତତ୍ତ୍ୱ ଜାଣିବା ବେଦପଢ଼ି ଆସ ଭାଇଭଉଣୀ ମଣିଷମାନଙ୍କୁ ଦେବା ଗଢ଼ି ସନାତନ ଧର୍ମକୁ ବଂଚାଇ ରଖିବା ଯେତେ ଇଚ୍ଛା ସେତେ ଯଜ୍ଞ କରିକି ଆୟୋଜନ ।୨।






କ୍ୱାର୍ଟର ଭିଏ ୨୧୨ ଅଶୋକ ନଗର, ୟୁନିଟ-୨, ପିନ୍-୭୫୧୦୦୯, ମୋ: ୯୮୬୧୧୪୫୬୮୭

# ୯ଶହ ଟପିଲା ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୨୯।୭ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ବାଲେଶ୍ୱର ଜିଲ୍ଲା ପାଇଁ ମହା ବିପଦ ଭାବେ ଉଭା ହୋଇଛି। ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦୬୮ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୯ ହଜାର ୧୭୫ରେ ପହଞ୍ଚିଥିବା ବେଳେ ଆଜି ନୂଆ ୨୯ ଜଣ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୯୧୪ରେ ପହଞ୍ଚିଛି। ଅଦ୍ୟାବଧି ୬୬୬ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୨୪୨ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଆଜି ଜଣକୁ ମିଶାଇ ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ଆଜି ନୂଆ ଭାବେ ଚିହ୍ନଟ ହୋଇଥିବା ୨୯ ଜଣଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍ ସେଣ୍ଟରରେ ୧୩ ଜଣ ଥିବାବେଳେ ଅନ୍ୟ ୧୬ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି। ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ କରୋନା ପିଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି। ଯାହା ବି ହେଉ ଗତ କିଛିଦିନ ଧରି ଜିଲ୍ଲାରେ କରୋନା ସଂକ୍ରମଣ ବଢ଼ିଚାଲିଥିବା ବେଳେ ଅଗଷ୍ଟ ମାସରେ ସମ୍ଭାବ୍ୟ ସ୍ଥିତିକୁ ନେଇ ଆଶଙ୍କା ଦେଖାଦେଇଛି। ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।


# କରୋନା ମହାମାରୀ ସମୟରେ ପ୍ରାଣୀସମ୍ପଦ ବିକାଶ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପଦକ୍ଷେପ



## ଡିପ୍ ଲିଟର୍ ମାଧ୍ୟମରେ ୫୦୦ କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା



- କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ କର୍ମଜୀବି ଓ ଚାଷୀମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ଆମ ସରକାର "ଡିପ୍ ଲିଟର୍ ମାଧ୍ୟମରେ ୫୦୦ କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡ଼ା ପାଳନ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସହାୟତା" ଯୋଜନାରେ ପ୍ରବାସୀ ଏବଂ ଚାଷୀମାନଙ୍କୁ ସାମିଲ କରିଛନ୍ତି।
- ଏହି ଯୋଜନାର ମୋଟ ୧୦ କୋଟି ୯୦ ଲକ୍ଷ ୪୨ ହଜାର ଟଙ୍କା ହିତାଧିକାରୀ ସହାୟତା ଆକାରରେ ପାଇବେ।
- କୁକୁଡ଼ା ଘର, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ଏହି ଯୋଜନାରେ ୟୁନିଟ୍ ପିଛା ୧ ଲକ୍ଷ ୭୭ ହଜାର ଟଙ୍କା ଦିଆଯିବ।
- ପ୍ରତ୍ୟେକ ହିତାଧିକାରୀ ୫୦୦ଟି ଦିନିକିଆ ବ୍ରଏଲର କୁକୁଡ଼ା ଚିଆଁ ପାଳନ କରିବା ପାଇଁ ସହାୟତା ପାଇବେ।
- ରାଜ୍ୟ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୭୧ ହଜାର ରିହାତି ଆକାରରେ ପ୍ରଦାନ କରିବେ।
- କୁକୁଡ଼ା ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ।
- ବ୍ଲକ୍‌ସ୍ତରୀୟ ନୀରିକ୍ଷଣ କମିଟି, ମିଶନ ଶକ୍ତି ଓ ଜିଲ୍ଲାସ୍ତରୀୟ କମିଟି ମାଧ୍ୟମରେ ହିତାଧିକାରୀ ଚୟନ କରାଯିବ।
- ସହାୟତା ପାଇବା ନିମନ୍ତେ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକଙ୍କ ମାଧ୍ୟମରେ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଧାରିତ ଆବେଦନ ପତ୍ରରେ ଆବେଦନ କରିବାକୁ ହେବ।

## ପିଞ୍ଜରା ମାଧ୍ୟମରେ ୧୦୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା



- କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ କର୍ମଜୀବି ଓ ଚାଷୀମାନଙ୍କୁ ଜୀବିକା ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ପିଞ୍ଜରା ମାଧ୍ୟମରେ ୧୦୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା" ନାମକ ଯୋଜନା ଆରମ୍ଭ କରିଛନ୍ତି।
- ଏହି ଯୋଜନାର ମୋଟ ୧୯ କୋଟି ୯୩ ଲକ୍ଷ ଟଙ୍କା ସହାୟତା ଆକାରରେ ମିଳିବ।
- କୁକୁଡ଼ା ଘର, ପିଞ୍ଜରା, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ଏହି ଯୋଜନାରେ ୟୁନିଟ୍ ପିଛା ୭ ଲକ୍ଷ ୫୯ ହଜାର ଟଙ୍କା ଦିଆଯିବ।
- ପ୍ରତ୍ୟେକ ହିତାଧିକାରୀ ୧୪ ସପ୍ତାହର ୧୦୦୦ଟି କଳିଙ୍ଗ ବ୍ରାଉନ କିମ୍ବା ରୋଡ଼ ଆଇଲାଣ୍ଡ ରେଡ୍ ପ୍ରଜାତିର ମାଈ କୁକୁଡ଼ା ପାଳନ କରିବା ପାଇଁ ସହାୟତା ପାଇବେ।
- ପ୍ରତ୍ୟେକ ହିତାଧିକାରୀଙ୍କୁ ୩ ଲକ୍ଷ ୩ ହଜାର ଟଙ୍କା ରିହାତି ଆକାରରେ ଦୁଇଟି କିସ୍ତିରେ ମିଳିବ।
- କୁକୁଡ଼ା ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ।
- ବ୍ଲକ୍‌ସ୍ତରୀୟ ନିରୀକ୍ଷଣ କମିଟି ଓ ଜିଲ୍ଲାସ୍ତରୀୟ କମିଟି ମାଧ୍ୟମରେ ହିତାଧିକାରୀ ବଛାଯିବ।
- ସହାୟତା ପାଇବା ନିମନ୍ତେ ପ୍ରତ୍ୟେକ ହିତାଧିକାରୀ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକଙ୍କ ମାଧ୍ୟମରେ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ଆବେଦନ କରିବେ।

## ଡିପ୍ ଲିଟର୍ ମାଧ୍ୟମରେ ୨୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସହାୟତା



- କରୋନା ମହାମାରୀ ସମୟରେ ରାଜ୍ୟର ମହିଳାମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ଡିପ୍ ଲିଟର୍ ମାଧ୍ୟମରେ ୨୦୦ କ୍ଷମତା ବିଶିଷ୍ଟ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସହାୟତା" ଯୋଜନା ଆରମ୍ଭ କରିଛନ୍ତି।
- ଏହି ଯୋଜନାର ୧୦ କୋଟି ୧୨ ଲକ୍ଷ ଟଙ୍କା ସହାୟତା ଆକାରରେ ଦିଆଯିବ।
- କୁକୁଡ଼ା ଘର, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ଏହି ଯୋଜନାରେ ୟୁନିଟ୍ ପିଛା ୨ ଲକ୍ଷ ଟଙ୍କା ଦଆଯିବ।
- ପ୍ରତ୍ୟେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ୪ ସପ୍ତାହର ୨୦୦ଗୋଟି କଳିଙ୍ଗ ବ୍ରାଉନ୍ କିମ୍ବା ରୋଡ଼ ଆଇଲାଣ୍ଡ ରେଡ୍ ପ୍ରଜାତିର ଅଣ୍ଡାଦିଆ କୁକୁଡ଼ା ପାଳନ କରିବା ପାଇଁ ସହାୟତା ପାଇବେ।
- ମହିଳା ସ୍ୱୟଂସହାୟିକା ଗୋଷ୍ଠୀକୁ ୧ ଲକ୍ଷ ଟଙ୍କା (ଖର୍ଚ୍ଚର ୫୦ ପ୍ରତିଶତ) ରିହାତି ଆକାରରେ ଦିଆଯିବ।
- କୁକୁଡ଼ା ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ।
- ବ୍ଲକ୍‌ସ୍ତରୀୟ କମିଟି ଓ ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ବଛାଯିବ।

## ବାଡ଼ି ଅଗଣାରେ କୁକୁଡ଼ାପାଳନ



- କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ ମହିଳା କର୍ମଜୀବି, ମହିଳା ଚାଷୀ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ବାଡ଼ି ଅଗଣାରେ କୁକୁଡ଼ା ପାଳନ ମାଧ୍ୟମରେ ଚାଷୀଙ୍କୁ ଜୀବିକା ପ୍ରଦାନ" ଯୋଜନା କାର୍ଯ୍ୟକାରୀ କରିଛନ୍ତି।
- ଏହି ଯୋଜନାର ୩ କୋଟି ୬୩ ଲକ୍ଷ ୪୭ ହଜାର ଟଙ୍କା ହିତାଧିକାରୀ ସହାୟତା ଆକାରରେ ପାଇବେ।
- ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ବ୍ୟକ୍ତିଗତଭାବେ ଏହି ଯୋଜନାରେ ସହାୟତା ପାଇପାରିବେ। ସେଥିପାଇଁ ସେମାନେ ଡ଼ିପ୍ ଲିଟର୍ ପଦ୍ଧତିରେ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ ସହାୟତା ପାଇନଥିବା ଦରକାର।
- ସ୍ୱଳ୍ପ ଖର୍ଚ୍ଚଯୁକ୍ତ କୁକୁଡ଼ା ଚିଆଁ ଓ କୁକୁଡ଼ାଙ୍କ ରାତ୍ର ଆଶ୍ରୟସ୍ଥଳୀ ବାବଦ ଖର୍ଚ୍ଚକୁ ମିଶାଇ ଏହି ଯୋଜନାରେ ପ୍ରତ୍ୟେକ ୟୁନିଟ୍ ପିଛା ୩୭୫୦ ଟଙ୍କା, ପ୍ରତ୍ୟେକ କୁକୁଡ଼ା ଚିଆଁ ପାଇଁ ୬୫ ଟଙ୍କା ଓ ରାତ୍ର ଆଶ୍ରୟସ୍ଥଳୀ ପାଇଁ ୫୦୦ ଟଙ୍କା ଦିଆଯାଉଛି।
- ବ୍ଲକ୍ ପ୍ରାଣୀଚିକିତ୍ସା ଅଧିକାରୀ ଓ ବ୍ଲକସ୍ତରୀୟ ମିଶନ ଶକ୍ତି କାର୍ଯ୍ୟକର୍ତ୍ତାଙ୍କ ମିଳିତ ସହଯୋଗରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ହିତାଧିକାରୀ ରୂପେ ବଛାଯିବ।
- ପ୍ରତ୍ୟେକ ହିତାଧିକାରୀ ୪ ସପ୍ତାହର ୫୦ ଟି କୁକୁଡ଼ା ଚିଆଁ ପାଳନ କରିବା ପାଇଁ ସହାୟତା ପାଇବେ।
- ପ୍ରାରମ୍ଭିକ ଅବସ୍ଥାରେ ୟୁନିଟ୍‌ର ସମସ୍ତ ଖର୍ଚ୍ଚ (୩୭୫୦ ଟଙ୍କା) ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପ୍ରଦାନ କରିବେ।

ଅଧିକ ଜାଣିବା ପାଇଁ ନିକଟସ୍ଥ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ

**କୁକୁଡ଼ା ପାଳନ୍ତୁ, ରୋଜଗାର ବଢ଼ାନ୍ତୁ। ରାଜ୍ୟର ପ୍ରଗତିରେ ଭାଗୀଦାର ହୁଅନ୍ତୁ।**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ,
ଓଡ଼ିଶା ସରକାର
OIPR: 06014/13/0002/2021


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo